


গার্ডনরঙ্ক


ଗାର୍ଡନର୍‌ଙ୍କ ଅର୍ଦ୍ଧଶତକ
▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-230 ♦BHUBANESWAR ♦SATURDAY ♦15 FEBRUARY 2025 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୩୦ ♦ଭୁବନେଶ୍ୱର ♦ଶନିବାର ♦୧୫ ଫେବୃଆରୀ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦







# ଗୃହରେ ଚାଷୀମୃତ୍ୟୁ, ଆଇନ ଶୃଙ୍ଖଳା ତାତି

## ଚାଷୀ ଓ ଚାଷ ପ୍ରସଙ୍ଗକୁ ନେଇ ଗର୍ଜିଲା ବିଜେଡି

■ **ଭୁବନେଶ୍ୱର, ୧୪।୨ (ସମିସ):** ରାଜ୍ୟ ଚାଷୀ ଆତ୍ମହତ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଶୁକ୍ରବାର ବିଧାନସଭା ହୁଲସ୍ଥୁଲ କରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଏ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ବିଜେଡିର ଦାବିକୁ ବାଚସ୍ପତି ଅଗ୍ରାହ୍ୟ କରିଦେବାରୁ ବିରୋଧୀ ବିଧାନସଭାରେ କମ୍ପମାନ କରିଛନ୍ତି। ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୫ ମିନିଟ ଚାଲିପାରିଛି। ତେବେ ଅପରାହ୍ଣରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଛି ଏବଂ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଆରମ୍ଭ ହୋଇଛି।

**ରାଜ୍ୟରେ ହେଉଛି ଅଭୂତପୂର୍ବ କଟନୀ ଛଟନୀ**

**ଆଇନ ଶୃଙ୍ଖଳାକୁ ନେଇ କଂଗ୍ରେସର ହଟ୍ଟଗୋଳ**

**ଓଡ଼ିଶାରେ ଆଉ ଆଇନ ନାହିଁ କି ଶୃଙ୍ଖଳା ନାହିଁ**



ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭରୁ ରାଜ୍ୟରେ ଅଦିନିଆ ବର୍ଷା କାରଣରୁ ବ୍ୟାପକ ଫସଲ ନଷ୍ଟ ହୋଇଥିବା ବେଳେ ପ୍ରାୟ ୧୪ ଜଣ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗରେ ଆଲୋଚନା ପାଇଁ ବିଜେଡି ବାଚସ୍ପତିଙ୍କ ନିକଟରେ ଲିଖିତ ଅନୁରୋଧ ରଖିଥିଲା। ମାତ୍ର ବାଚସ୍ପତି ଦାବିକୁ ଅଗ୍ରାହ୍ୟ କରି ଦେବାରୁ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଓହ୍ଲାଇଥିଲେ। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଚାଷୀ ମାରଣ ନୀତି ଚଳିବ ନାହିଁ, ଚାଷୀ ଉପରେ ଜୁଲମ ଚଳିବ ନାହିଁ, ଚାଷୀ ମୃତ୍ୟୁର ଜବାବ୍ ଦିଅ, ମୋହନ ମାଝୀ ହାଏ ହାଏ, ଡବଲ ଇଞ୍ଜିନ ▶ପୃଷ୍ଠା-୭

## ଅସ୍ମିତା ବୁମେରାଂ ସରକାର ଲହୁଲୁହାଣ

■ **ଭୁବନେଶ୍ୱର, ୧୪।୨ (ସମିସ):** ଓଡ଼ିଆ ଅସ୍ମିତାକୁ ନେଇ ଏକ ପ୍ରକାର ଅକଳରେ ପଡ଼ିଯାଇଛନ୍ତି ରାଜ୍ୟ ସରକାର ଏବଂ ସଂସ୍କୃତି ମନ୍ତ୍ରୀ। 'ଓଡ଼ିଆ ଅସ୍ମିତା' ସରକାରଙ୍କ ପାଇଁ ବୁମେରାଂ ହୋଇଛି। ଏହାର ଅର୍ଥ ବୁଝାଇବାରେ ଅସମର୍ଥ ବିଭାଗୀୟ ମନ୍ତ୍ରୀଙ୍କୁ ବିଜେଡି ବିଧାୟକ ଅରୁଣ ସାହୁ କଟାକ୍ଷ କରି ମହାନଦୀ, ପୋଲାଭରମ୍, କେନ୍ଦ୍ରୀୟ ଅବହେଳା, ଆଇନଶୃଙ୍ଖଳା ଅବନତିରେ 'ଅସ୍ମିତା' କ'ଣ କରିବ ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଆ ଅଭିଧାନରେ ଅସ୍ମିତା ଶବ୍ଦର ଅର୍ଥ କଣ ଏବଂ ଓଡ଼ିଆ ଅସ୍ମିତାର ସମ୍ପୂର୍ଣ୍ଣ ବ୍ୟାଖ୍ୟା କହିବେ କି ବୋଲି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ ବିଧାନସଭାରେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାର ଧାଡ଼ିକିଆ ଉତ୍ତର ଦେଇ ଅଭିଧାନରେ ଅସ୍ମିତା ଶବ୍ଦର ଅର୍ଥ ମୁଁ ପଣ, ଅହଙ୍କାର, ମୁଁ ଭାବ ବୋଲି କହିବା ପରେ ବିଧାୟକ ଡ଼. ସାହୁ ଶବ୍ଦାଘାତରେ ସରକାରଙ୍କୁ ଲହୁଲୁହାଣ କରିଛନ୍ତି। ▶ପୃଷ୍ଠା-୭

**ଅର୍ଥ ବୁଝାଇବାରେ ଅସମର୍ଥ ମନ୍ତ୍ରୀଙ୍କୁ ଅରୁଣଙ୍କ କଟାକ୍ଷ**

**ମହାନଦୀ, ପୋଲାଭରମ୍, କେନ୍ଦ୍ରୀୟ ଅବହେଳାରେ କ'ଣ କରିବ ଓଡ଼ିଆ ଅସ୍ମିତା**

## 'ନନ୍ଦିଘୋଷ ଟିଭି'ର ୫ମ ସ୍ୱନକ୍ଷତ୍ର ଆଜି

**ଉଦ୍‌ଘାଟନ କରିବେ ନବୀନ**

■ **ଭୁବନେଶ୍ୱର, ୧୪।୨ (ସମିସ):** ଆସନ୍ତାକାଲି ଅନୁଷ୍ଠିତ ହେବ 'ନନ୍ଦିଘୋଷ ଟିଭି'ର ୫ମ ସ୍ୱନକ୍ଷତ୍ର। ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏହି ଅବସରରେ ୫ଟି ପର୍ଯ୍ୟାୟରେ 'ଏକରାଷ୍ଟ୍ର ଏକ ନିର୍ବାଚନ', 'ବିତର୍କ: ୩୬ ପାଇଁ ବିକାଶ ନକ୍ସା', 'ହାସ୍ୟ ଅଭିନୟ: ଦିଗ୍‌ବଳୟ ଯାଏ', 'ନାରୀ: ନୁହେଁ ଦୁଇ ଅକ୍ଷର', ୟୁଟ୍ୟୁବ୍: ରୋଜଗାରର ମାଧ୍ୟମ' ଆଦି ପ୍ରସଙ୍ଗରେ ଆଲୋଚନା ହେବ। ରାଜନୈତିକ ପ୍ରସଙ୍ଗରେ ଅତିଥି ବକ୍ତା ରୂପେ ସି-ଭୋଟର ପ୍ରତିଷ୍ଠାତା ଯଶବନ୍ତ ଦେଶମୁଖ, ବିଶିଷ୍ଟ ଲେଖିକା ତଥା ରାଜ୍ୟସଭା ସାଂସଦ ଡ. ମହୁଆ ମାଜୀ ଯୋଗଦେବେ। ସେହିପରି ଅନ୍ୟାନ୍ୟ ପ୍ରସଙ୍ଗରେ ଅନୁଷ୍ଠିତ ହେବାକୁଥିବା ପ୍ୟାନେଲ ଆଲୋଚନାରେ ବଲିଉଡ୍ ହାସ୍ୟ ଅଭିନେତା ବରୁଣ ଶର୍ମା, ସିୱାଇଏସ୍‌ଡ଼ି ସହ ପ୍ରତିଷ୍ଠାତା ଜଗଦାନନ୍ଦ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋୟୀ, ମେୟର ସୁଲୋଚନା ଦାସ, ଅଭିନେତ୍ରୀ ପୁଷ୍ପା ପଣ୍ଡା, ବିଧାୟିକା ସୋଫିଆ ଫିରଦୋଶ୍, ଡ଼ିଜିଟାଲ କ୍ରିଏଟର ସୁଧାଂଶୁ ଶେଖର ସାହୁ, ସୁଶ୍ରୀସଙ୍ଗୀତା ମିଶ୍ର, ସତ୍ୟନାରାୟଣ ଦାଶ ପ୍ରମୁଖ ଯୋଗ ଦେବେ।




### ବିତ୍ତୀୟ ପରିଚାଳନାରେ 'ନବୀନ ନୀତି'

# ଓଡ଼ିଶା ପୁଣି ଦେଶରେ ଶ୍ରେଷ୍ଠ

ଭୁବନେଶ୍ୱର,୧୪।୨(ସମିସ): ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିତ୍ତୀୟ ଶୃଙ୍ଖଳା ନୀତି ପୁଣିଥରେ ଓଡ଼ିଶାକୁ ଦେଶରେ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିଛି। ପଲିସୀ ଥିଙ୍କ୍ ଟ୍ୟାଙ୍କ ଏନ୍‌ସିଏଇଆର ପକ୍ଷରୁ ଜାରି ରିପୋର୍ଟ ନବୀନ ସରକାରଙ୍କ ବିତ୍ତୀୟ ପରିଚାଳନାରେ ବୁଦ୍ଧିମତାକୁ ଭୁରିଭୁରି ପ୍ରଶଂସା କରାଯାଇଛି। ଅନୁରୂପ ଭାବରେ ବିଭିନ୍ନ ପ୍ରକାର ବିତ୍ତୀୟ ନିୟମର ଅନୁପାଳନରେ ଓଡିଶାର ପ୍ରଦର୍ଶନ ଦେଶରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି । ଗତ ୧୦ ବର୍ଷ ମଧ୍ୟରେ ଋଣ ଓ ରାଜ୍ୟ ଜିଡିପି ଅନୁପାତ ୧.୫% ହ୍ରାସ ଏକ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱର ପ୍ରତିଫଳନ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦେଶର ଅର୍ଦ୍ଧାଧିକ ରାଜ୍ୟର ଋଣ ହାର ଯେତେବେଳେ ୩୦%ରୁ ଅଧିକ ଅତିକ୍ରମ କରିଥିଲା, ସେହି ସମୟରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରି ଋଣ ଆହରଣକୁ ନିୟନ୍ତ୍ରଣ କରିଛି ଓ ଋଣ ତୁଳନାରେ ଅଧିକ ପୂର୍ବ କରଜ ପରିଶୋଧ କରି ନିଜର ଦୃଢ଼ ଆର୍ଥିକ ସ୍ଥିତିର ପରିଚୟ ଦେଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ମାସ ୨୫ ତାରିଖରେ ନିତି ଆୟୋଗ ଦ୍ୱାରା ଫିସକାଲ୍ ହେଲ୍ଥ ଇଣ୍ଡେକ୍ସ-୨୦୨୫ ରିପୋର୍ଟରେ ଓଡିଶାର ପ୍ରଦର୍ଶନ ଜାତୀୟସ୍ତରରେ ଶ୍ରେଷ୍ଠ ରହିଥିଲା।

ଓଡ଼ିଶାର ଏହି ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏହି ସଫଳତା ପଛରେ '୫-ଟି' ରୂପାନ୍ତରଣ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ଶତାବ୍ଦୀର ଶେଷ ଭାଗରେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଓଡିଶା ଏବେ ଆର୍ଥିକ ଶୃଙ୍ଖଳାରେ ଉଦାହରଣ ସୃଷ୍ଟି କରିପାରିଛି। ଆମର ଆର୍ଥିକ ପରିଚାଳନା ନୀତି ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଓଡିଶାର ବିକାଶ ପାଇଁ ପଥପ୍ରଦର୍ଶକ ହୋଇ ରହିଥିବ। ୨୦୦୦ ମସିହା ବେଳକୁ ଓଡିଶା ଏକ ରାଜସ୍ୱ ଅଭାବୀ ଏବଂ ଆର୍ଥିକ ଚାପଗ୍ରସ୍ତ ରାଜ୍ୟ ଥିଲା। କିନ୍ତୁ ୨୦୨୨-୨୩ ବେଳକୁ ଋଣ ତୁଳନାରେ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁପାତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଆମ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଏବଂ ସୁଚିନ୍ତିତ ଆର୍ଥିକ ପରିଚାଳନାପାଇଁ ଏହା ସମ୍ଭବ ହୋଇପାରିଛି। ପରିଣାମ ସ୍ୱରୂପ ପାଣ୍ଠି ପରିଚାଳନା କାର୍ଯ୍ୟକ୍ରମ ଗୁଡିକ ସାମାଜିକ ତଥା ବିକାଶ ପାଇଁ ଆବଶ୍ୟକତା ଆଧାରରେ ପ୍ରସ୍ତୁତ କରିବାରେ ଉପାଦେୟ ହୋଇପାରିଥିଲା। ଫଳସ୍ୱରୂପ ବିଏସ୍‌କେୱାଇ, କାଳିଆ, ମିଶନ୍ ଶକ୍ତି, ବିସ୍ତୃତ ଜଳସେଚନ ପ୍ରକଳ୍ପ, ଦକ୍ଷତା ବିକାଶ, ବିଦ୍ୟାଳୟ ରୂପାନ୍ତରଣ, ଆଦିବାସୀ ବିକାଶ, ବିପର୍ଯ୍ୟୟ ପ୍ରଶମନ, ଭିତ୍ତିଭୂମି ନିର୍ମାଣ, ଦାରିଦ୍ର ଦୂରିକରଣ, ଖାଦ୍ୟ ସୁରକ୍ଷା ଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିବା ସମ୍ଭବ ହୋଇଥିଲା। ଏପରି ଅଭୂତପୂର୍ବ ସଫଳ ଯାତ୍ରା ପାଇଁ ସାଢ଼େ ଚାରି କୋଟି ଓଡିଶାବାସୀଙ୍କୁ ଧନ୍ୟବାଦ ଜଣାଉଛୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

**ଆମର ଆର୍ଥିକ ପରିଚାଳନା ଅନେକ ବର୍ଷ ପର୍ଯ୍ୟନ୍ତ ବିକାଶର ପଥପ୍ରଦର୍ଶକ ହୋଇ ରହିବ: ନବୀନ**

## ଶନିବାରରୁ ବଢ଼ିବ ତାତି

ଭୁବନେଶ୍ୱର,୧୪।୨(ସମିସ): ଉପକୂଳରେ ଉପରମୁହାଁ ତାପମାତ୍ରା। ଏବେ ସ୍ୱାଭାବିକଠାରୁ ତାତି ତାପମାତ୍ରା ସ୍ୱାଭାବିକ ଠାରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରେକର୍ଡ ହୋଇଥିଲା ବେଳେ ଆସନ୍ତା ଶନିବାର ଠାରୁ ତାପମାତ୍ରା ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ବର୍ତ୍ତମାନ ରାତି ସମୟରେ ସାମାନ୍ୟ ଶୀତଳତା ଅନୁଭୂତ ହେଉଥିବା ବେଳେ ଦିନ ବେଳା ଡହ ଡହ ଖରାରେ ସିଝୁଛନ୍ତି ଲୋକେ। ଆଗାମୀ ତିନି ଚାରି ଦିନ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିପାରେ। ଏବେ ସମ୍ବଲପୁର, ବରଗଡ, ଝାରସୁଗୁଡା, ସୋନପୁର, ବଲାଙ୍ଗିର, ନୂଆପଡା, ଗଜପତି ଜିଲ୍ଲାରେ ପାରଦ ଉପରମୁହାଁ ହୋଇଛି। ଉପକୂଳ ଓଡ଼ିଶା ସମେତ ଅନୁଗୁଳ ଏବଂ ଢେଙ୍କାନାଳରେ ଏବେ ତାତି ଅସମ୍ଭାଳ ହୋଇଥିବା ବେଳେ ଆସନ୍ତା ୧୯ ତାରିଖ ମଧ୍ୟରେ ତାତି ପରିମାଣ ଆହୁରି ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି।

# ମା'ମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର

**ମିଳିବ ବକେୟା ଦରମା, ସବୁ ଦାବି ପୂରଣ କରିବେ**

**ଆରମ୍ଭ ହେବ ଲକ୍ଷପତି ଦିଦି ସହାୟିକା ଯୋଜନା**

ଭୁବନେଶ୍ୱର,୧୪।୨(ସମିସ): ଶେଷରେ ମା' ମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଛନ୍ତି ସରକାର। ବକେୟା ଦରମା ପ୍ରଦାନ ସହ ସବୁ ଦାବି ପୂରଣ କରିବାକୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି । ଏହା ସହ ସେମାନଙ୍କୁ ଥଇଥାନ କରାଯିବା ନିମନ୍ତେ 'ଲକ୍ଷପତି ଦିଦି ସହାୟିକା ଯୋଜନା' ଆରମ୍ଭ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ଫଳରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦ ଅର୍ଥ ରାଜ୍ୟ ସରକାର ବହନ କରିବା ସ୍ପଷ୍ଟ ହୋଇଛି। ଏଥିପାଇଁ ଜିପିଏଲ୍‌ଏଫ୍‌ମାନଙ୍କୁ ସରକାର ଅନୁଦାନ ପ୍ରଦାନ କରିବେ। ଏହି ନିଷ୍ପତ୍ତି ଦ୍ୱାରା ୭୨ ହଜାରରୁ ଅଧିକ କମ୍ୟୁନିଟି ସପୋର୍ଟ ଷ୍ଟାଫ ଏପ୍ରିଲ ୨୦୨୪ ଠାରୁ ତାଙ୍କର ପାରିଶ୍ରମିକ ପାଇବେ।

ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଓଡିଶା ଜୀବିକା ମିଶନ ୨୦୧୨ ମସିହା ଅପ୍ରେଲ ୧ ତାରିଖରୁ କାର୍ଯ୍ୟକାରୀ ହେଉଛି। ଏହି ଯୋଜନାର ଆଭିମୁଖ୍ୟ ଅନୁଯାୟୀ ଗ୍ରାମୀଣ ପରିବାରମାନଙ୍କର ଜୀବନ ଜୀବିକାରେ ଉନ୍ନତି ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରି ପରିବାରର ମହିଳାମାନଙ୍କୁ ସାମିଲ କରାଯାଉଛି। ଏସ୍‌ଏଚ୍‌ଜି, ଆଞ୍ଚଳିକ ମଞ୍ଚ (ସିଏଲ୍‌ଏଫ୍) ଏବଂ ଗ୍ରାମ ପଞ୍ଚାୟତ ସଂଘ (ଜିପିଏଲ୍‌ଏଫ୍) ଗୁଡିକୁ ସୁଦୃଢ ଓ ସଶକ୍ତ କରିବା ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କୁ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ଦ୍ୱାରା ନିଯୁକ୍ତି ଦିଆଯାଇଥିଲା। କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ମଧ୍ୟରେ ସିଆରପି-ସିଏମ୍, ଏମ୍‌ବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର ଅନ୍ତର୍ଭୁକ୍ତ। ରାଜ୍ୟରେ ମୋଟ ୭୨,୩୪୧ ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନିଯୁକ୍ତ କରାଯାଇଥିଲା। ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କର ପାରିଶ୍ରମିକ ବାବଦକୁ ଗ୍ରାମ ପାୟତସ୍ତରୀୟ ସଂଘମାନଙ୍କୁ ୨୦୧୯ ଏପ୍ରିଲ ୧ ତାରିଖଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ହାରରେ ପାଣ୍ଠି ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଦଶ ମାସ ଧରି ପାରିଶ୍ରମିକ ପାଇ ପାରିନାହାନ୍ତି। ଏସ୍‌ଏଚ୍‌ଜି ମହିଳାଙ୍କର ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ "ଲକ୍ଷପତି ଦିଦି ଯୋଜନା" କାର୍ଯ୍ୟକାରୀ ହେଉଅଛି ଏବଂ ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ "ଲକ୍ଷପତି ଦିଦି" ସୃଷ୍ଟି କରିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ମହିଳା ମାନଙ୍କୁ ସ୍ୱାବଲମ୍ବୀ କରି ସମୃଦ୍ଧ ଓଡିଶା ଗଢିବା ଆମ ସରକାରଙ୍କ ଉଦ୍ଦେଶ୍ୟ। ଏଥିପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫ ମା' ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ, ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ, ଆମ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**କର୍ତ୍ତବ୍ୟରେ ଅବହେଳା**

## ଗୁରୁଣ୍ଡିଆ ଥାନାର ୨ କନେଷ୍ଟବଳ ନିଲମ୍ବିତ

ରାଉରକେଲା, ୧୪।୨ (ସମିସ): କର୍ତ୍ତବ୍ୟରେ ଅବହେଳା ପାଇଁ ଗୁରୁଣ୍ଡିଆ ଥାନାର ୨ କନେଷ୍ଟବଳଙ୍କୁ ଏସ୍‌ପି ନିତେଶ ୱାଧୱାନୀ ନିଲମ୍ବିତ କରିଛନ୍ତି। ସେମାନେ ହେଲେ, ସୁରେନ୍ଦ୍ର କୁମାର କିଷାନ ଏବଂ ମହିଳା କନେଷ୍ଟବଳ ବୈଦେହୀ କୁମରା।

ସୂଚନାନୁଯାୟୀ, ଜର୍ଡା ଗ୍ରାମର ରାଜୁ ମୁଣ୍ଡାଙ୍କ ଝିଅ ଦୀପାଳି ମୁଣ୍ଡା (୪) ଗତ ଜାନୁୟାରୀ ୧୭ ତାରିଖରେ ଖେଳିବା ପାଇଁ ଘରୁ ବାହାରକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନଥିଲା। ଘରଲୋକ ସବୁଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ସେଦିନ ସନ୍ଧ୍ୟାରେ ଆଉ ପାଇନଥିଲେ। ତେବେ ଘରଠାରୁ କିଛି ଦୂରରେ ଚାଷ ଜମିରେ ଥିବା ଏକ ଛୋଟ ନାଳରେ ଶିଶୁ କନ୍ୟାର ଶବ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଗୁରୁଣ୍ଡିଆ ପୁଲିସ୍ ୧୯ ତାରିଖ ଦିନ ସକାଳୁ ଶବ ଉଦ୍ଧାର କରିଥିଲା। ଏନେଇ ପୁଲିସ୍ ଅପହରଣ ଓ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୃତ ଶିଶୁର ପରିବାରଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଗ୍ରାମର ଏକ ଦମ୍ପତିକୁ ଅଟକ ରଖି ପଚରାଉଚରା କରୁଥିଲା। ସମ୍ପୃକ୍ତ ଦମ୍ପତିଙ୍କୁ ଗ୍ରାମବାସୀ ପ୍ରବଳ ମାଡ଼ ମାରିବା ଫଳରେ ଗୁରୁତର ଅବସ୍ଥାରେ ପୁଲିସ୍ ହେପାଜତରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ମହିଳାଜଣଙ୍କ ଡାକ୍ତରଖାନାରୁ ଫେରାର ହୋଇଯାଇଥିଲେ। ହସ୍ପିଟାଲରେ ମହିଳାଙ୍କୁ ଜଗିବା ଦାୟିତ୍ୱ ଉପରୋକ୍ତ କନେଷ୍ଟବଳଦ୍ୱୟଙ୍କ ଉପରେ ନ୍ୟସ୍ତ ଥିଲା। ତେଣୁ, କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଶୁକ୍ରବାର ସେମାନଙ୍କୁ ଏସ୍‌ପି ନିଲମ୍ବିତ କରିଛନ୍ତି।

# ଦାଦନ ଶ୍ରମିକଙ୍କ ମୁଣ୍ଡ ଜାମିନ ରଖି ୧୦ ଲକ୍ଷ ଦାବି

**ନିସ୍ତୁକ ମାଡ଼ ମାରିବାର ଭିଡିଓ ପଠାଇ ଅର୍ଥ ଦାବି କରୁଛନ୍ତି ଦୁର୍ବୃତ୍ତ**

**୧.୭ ଲକ୍ଷ ନେବା ପରେ ବି ଛାଡୁନାହାନ୍ତି ଅପହରଣକାରୀ**

ଫିରିଙ୍ଗିଆ, ୧୪।୨(ସମିସ): ପରିବାର ପ୍ରତିପୋଷଣ ପାଇଁ ସୁଦୂର ବେଙ୍ଗାଲୁରୁ ଯାଇଥିବା ଜଣେ ଦାଦନ ଶ୍ରମିକଙ୍କୁ ବାଟ ମଝିରୁ ଅପହରଣ କରିବା ସହ ପରିବାରଲୋକଙ୍କୁ ୧୦ଲକ୍ଷ ଟଙ୍କା ଦାବି କରିବା ଘଟଣା କନ୍ଧମାଳ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅପହୃତ ଯୁବକ ହେଲେ,କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଡିମିରିଗୁଡା ପଞ୍ଚାୟତ କରେକାମ୍ବା ଗାଁ ନିକଟରେ ଥିବା ପଟାକିଲୁ ସାହିର ଭକ୍ତ ଚରଣ ମଲ୍ଲିକ। ଅପହରଣକାରୀମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଏହାର ଭିଡିଓ କରି ପରିବାରଲୋକଙ୍କୁ ଧମକାଉଛନ୍ତି। ୧୦ ଲକ୍ଷ ଟଙ୍କା ନ ଦେଲେ ଭକ୍ତଙ୍କୁ ସେମାନେ ଜୀବନରୁ ମାରିଦେବେ ବୋଲି ଉକ୍ତ ଭିଡିଓ ଜରିଆରେ ଧମକାଉଛନ୍ତି। ଏ ସଂପର୍କରେ ଭକ୍ତଙ୍କ ପରିବାରଲୋକ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଛନ୍ତି। ମାସେ ତଳେ ଭକ୍ତ ରୋଜଗାର ଅନ୍ୱେଷଣରେ ବାଲିଗୁଡ଼ା ଅଞ୍ଚଳରେ ଜଣେ ଯୁବକଙ୍କ ସହ ବେଙ୍ଗାଲୁରୁ ଦାଦନ ଖଟିବାକୁ ଯାଇଥିଲେ। ହେଲେ ସେ ଯିବାର କିଛି ଦିନ ପରେ ଭକ୍ତଙ୍କ ପରିବାରଲୋକଙ୍କୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଅପରପକ୍ଷର ବ୍ୟକ୍ତିଜଣଙ୍କ ଭକ୍ତଙ୍କୁ ଅପହରଣ କରାଯାଇଥିବା କହିଥିଲା।

ଏହାର ପରେପରେ ଆଉ ଏକ ଅଜଣା ନମ୍ବରରୁ ଭକ୍ତ ଚରଣଙ୍କୁ କିଛି ଯୁବକ ଅମାନୁଷିକ ଭାବରେ ମାଡ଼ ମାରୁଥିବାର ଏକ ଭିଡିଓ ପରିବାରଲୋକଙ୍କ ପାଖକୁ ଆସିଥିଲା। ଭକ୍ତଙ୍କୁ ମୁକୁଳାଇବା ପାଇଁ ସେମାନେ ମୋଟା ଅଙ୍କର ଟଙ୍କା ଏହି ଭିଡିଓରେ ଦାବି କରିଥିଲେ। ଏହାସହ ଅର୍ଥ ନଦେଲେ କିମ୍ବା ଏ ସଂପର୍କରେ ପୁଲିସ୍ କିମ୍ବା ଅନ୍ୟ କାହାକୁ କହିଲେ, ଭକ୍ତଙ୍କୁ ଜୀବନରୁ ମାରିଦେବା ପାଇଁ ସେମାନେ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଭକ୍ତଙ୍କ ବୁଢ଼ୀ ମା' ଘରଦ୍ୱାର ଜମିବାଡ଼ି ବିକ୍ରି କରି ଦୁର୍ବୃତ୍ତମାନେ ଦେଇଥିବା ଆକାଉଣ୍ଟ ନମ୍ବରକୁ ୧ ଲକ୍ଷ ୭୦ ହଜାର ଟଙ୍କା ପଠାଇଥିଲେ। କିନ୍ତୁ ଟଙ୍କା ପଇସାରିବା ପରେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଛାଡୁନାହାନ୍ତି। ଆହୁରି ୧୦ ଲକ୍ଷ ଟଙ୍କା ଦାବି କରୁଛନ୍ତି। ଭକ୍ତଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ, ୨ ନାବାଳିକା ଝିଅ ଓ ବୁଢ଼ୀ ମା'। ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ଏପରି ସ୍ଥିତିରେ ସେମାନେ ଅପହରଣକାରୀଙ୍କୁ ୧୦ଲକ୍ଷ ଟଙ୍କା ଦେବା କେଉଁଠୁ ଆଣି ଦେବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ତେବେ ସବୁଆଡୁ ନିରାଶ ହେବା ପରେ ପରିବାରଲୋକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘରର ଏକମାତ୍ର ପୁଅର ଫେରିବା ବାଟକୁ ଚାହିଁ ଘରେ ଥିବା ମା' ଓ ଅନ୍ୟ ସଦସ୍ୟଙ୍କ ଆଖିରୁ ଲୁହ ଶୁଖୁନି। ପୁଅକୁ ଫେରାଇ ଆଣିବା ପାଇଁ ବିଭିନ୍ନମହଲରେ ଗୁହାରି କରିଛନ୍ତି।

ଅପରପକ୍ଷେ, ଭକ୍ତଙ୍କୁ ଘରୁ ଡାକି ନେଇଥିବା ବାଲିଗୁଡ଼ା ଅଞ୍ଚଳର ଅନ୍ୟ ଯୁବକଙ୍କ ମଧ୍ୟ କୌଣସି ପତ୍ତା ମିଳୁନାହିଁ। ସମ୍ପୃକ୍ତ ଯୁବକଜଣଙ୍କ ଏବେ ସନ୍ଦେହ ଘେରରେ ରହିଛନ୍ତି।

# ଅତିଥି ଅଧ୍ୟାପକଙ୍କ ଭରସାରେ ରାଜ୍ୟର ବିଶ୍ୱବିଦ୍ୟାଳୟ

- ନାହାନ୍ତି ଦୁଇ-ତୃତୀୟାଂଶ ଅଧ୍ୟାପକ
- ୭୧ ପ୍ରତିଶତ ଅଣଶିକ୍ଷକ ପଦ ଫାଙ୍କା

ଭୁବନେଶ୍ୱର, ୧୪।୨(ସମିସ): ବିଶ୍ୱବିଦ୍ୟାଳୟରେ ନାହାନ୍ତି ପର୍ଯ୍ୟାପ୍ତ ଅଧ୍ୟାପକ। ସମୁଦାୟ ୧୭ଟି ବିଶ୍ୱବିଦ୍ୟାଳୟରେ ୨୦୦୩ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଥିବା ବେଳେ ତନ୍ମଧ୍ୟରୁ ୧୩୦୭ଟି ପଦ ଖାଲି ରହିଛି। ମାତ୍ର ୬୯୬ଟି ପଦରେ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ମୋଟ୍ ତିନି ଭାଗ ପଦରୁ ଦୁଇଭାଗ ଖାଲି ପଡ଼ିଛି। ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଛି ପାଠପଢ଼ା। ମୋଟ୍ ୯୬୩ ଜଣ ଅତିଥି ଅଧ୍ୟାପକ ଶିକ୍ଷାଦାନ କରୁଛନ୍ତି। ସେହିପରି ପ୍ରାୟ ଦୁଇ-ତୃତୀୟାଂଶ ଅଣ-ଶିକ୍ଷକ ପଦ ମଧ୍ୟ ଫାଙ୍କା ପଡ଼ିଛି। ମୋଟ୍ ୨୬୯୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦ ଥିବା ବେଳେ ମାତ୍ର ୭୮୨ ଜଣ କାର୍ଯ୍ୟରତ ଅଛନ୍ତି। ୧୯୧୦ ଅଣ-ଶିକ୍ଷକ ପଦ ଖାଲି ରହିଛି।

ବିଧାୟକ ଅରିନ୍ଦମ ମହାପାତ୍ରଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ବିଧାନସଭାରେ ରଖିଥିବା ଉତ୍ତର ଅନୁଯାୟୀ, ରାଜ୍ୟର ନାମକରା ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୬ଟି ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ରେଭେନ୍ସାରେ ୧୫୭, ଖଲ୍ଲିକୋଟରେ ୧୧୨, ରାଜେନ୍ଦ୍ରରେ ୧୦୬, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ ପ୍ରଫେସର ପଦ ଖାଲି ପଡ଼ିଛି। ସେହିପରି ଉତ୍କଳରେ ୫୯ଜଣ ଅତିଥି ଅଧ୍ୟାପକ ପଢ଼ାଉଥିବା ବେଳେ ରେଭେନ୍ସାରେ ୮୯, ରମାଦେବୀରେ ୮୧, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୧୩, ବିକ୍ରମଦେବରେ ୭୮, ସମ୍ବଲପୁରରେ ୬୪, ଖଲ୍ଲିକୋଟରେ ୬୩, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୬୧ ଜଣ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଛନ୍ତି। ଅନୁରୂପ ଭାବେ ଖାଲି ପଡ଼ିଥିବା ପ୍ରାୟ ୭୧ପ୍ରତିଶତ ଅଣ-ଶିକ୍ଷକ ପଦରୁ କେବଳ ଉତ୍କଳରେ ୬୮୭ଟି ପଦ ଫାଙ୍କା ପଡ଼ିଛି। ସେଠାରେ ୮୯୬ ଅଣ-ଶିକ୍ଷକ ପଦ ମଧ୍ୟରୁ ମାତ୍ର ୨୧୮ ଜଣ କାର୍ଯ୍ୟରତ ଅଛନ୍ତି। ସେହିପରି ରେଭେନ୍ସାରେ ୧୩୫, ବ୍ରହ୍ମପୁରରେ ୨୩୩, ସମ୍ବଲପୁରରେ ୨୩୫ ଓ ରାଜେନ୍ଦ୍ରରେ ୯୨ଟି ଅଣ ଶିକ୍ଷକ ପଦରେ କେହି ନାହାନ୍ତି।

**ଡବଲ ଇଂଜିନ୍ ଚାପରେ ମେଗା ପାନୀୟ ଜଳ ପ୍ରକଳ୍ପ ଚେପା**

# ୧୩୮୦ କୋଟି ଟଙ୍କାର ପ୍ରକଳ୍ପ ବନ୍ଦ

ଯାଜପୁର, ୧୪।୨(ସମିସ): ଯାଜପୁର ଜିଲ୍ଲାର ୨୦ ଲକ୍ଷ ଜନତାଙ୍କ ପାଇଁ ଦୈନିକ ୨୦୦ ନିୟୁତ ଲିଟର ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ୨୦୨୦-୨୦୨୩ ମଧ୍ୟରେ ଯାଜପୁର ଜିଲ୍ଲାରେ ୮ଟି ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଥିଲା ୨୦୨୫ ଜାନୁଆରୀ ସୁଦ୍ଧା ସମସ୍ତ ପାନୀୟଜଳ ପ୍ରକଳ୍ପରୁ ଜିଲ୍ଲାବାସୀ ପାଣି ମୁହାଏ ପିଇବାକୁ ପାଇ ପାରିବେ। ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ଅପ୍ରତ୍ୟାଶିତ ଭାବେ ଯାଜପୁର ଜିଲ୍ଲାର ସମସ୍ତ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଠପ୍ ହୋଇ ପଡ଼ିଛି। ସରକାର, ଜିଲ୍ଲା ପ୍ରଶାସନ ଓ ପ୍ରକଳ୍ପ ନିର୍ମାଣ ଦାୟତ୍ୱରେ ଥିବା ଏଜେନ୍ସୀ କାର୍ଯ୍ୟ କାହିଁକି ବନ୍ଦ୍ ଅଛି ସେ ସମ୍ପର୍କରେ ପାଟି ଫିଟାଉ ନାହାନ୍ତି। ଶାସକ ଦଳର ସ୍ଥାନୀୟ ନେତା ଓ ଏଜେନ୍ସୀ ମଧ୍ୟରେ ନେଣ-ଦେଣ କାରବାର ଛିଡୁ ନଥିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିବା ଅଭିଯୋଗ ହୋଇଛି। ୨ ବର୍ଷ ତଳୁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ କେନ୍ଦ୍ର ସରକାର ଅସହଯୋଗ କରି ଆସୁଛନ୍ତି। କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଜାତୀୟ ରାଜପଥର ବିହିତ ଅନୁମତି ପତ୍ର ଅପେକ୍ଷାରେ ଦଶରଥପୁର, ବଡ଼ଚଣା, ଧର୍ମଶାଳା, କୋରେଇ, ରସୁଲପୁର ଓ ସୁକିନ୍ଦା ବ୍ଲକ୍‌ର ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ୍ ଲାଇନ୍ ବିଛା ହୋଇ ପାରୁ ନାହିଁ। ଏଭଳି ସମସ୍ୟାକୁ ରାଜ୍ୟ ଓ କେନ୍ଦ୍ର ସରକାର ସମାଧାନ କରି ପାରୁ ନାହାନ୍ତି।

ରାଜ୍ୟ ସରକାର ଯାଜପୁର ଜିଲ୍ଲାର ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ୧୩୮୦ କୋଟି ଟଙ୍କା ମଂଜୁର କରି ସାରିଛନ୍ତି। ପ୍ରକଳ୍ପ ନିର୍ମାଣ ପାଇଁ ଜାତୀୟ ସ୍ତରର ନିର୍ମାଣକାରୀ ସଂସ୍ଥାକୁ ଟେଣ୍ଡର ଜରିଆରେ ରାଜ୍ୟ ସରକାର କାର୍ଯ୍ୟାଦେଶ ଦେଇଛନ୍ତି। ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ ଦ୍ରୁତଗତିରେ ଚାଲିଥିଲା।ସରକାରଙ୍କ ଲକ୍ଷ୍ୟଥିଲା, ୨୦୨୫ ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଜିଲ୍ଲାବାସୀ ପାନୀୟ ପ୍ରକଳ୍ପରୁ ପାଣି ମୁହାଏ ପାଇ ପାରିବେ। ନିର୍ମାଣ କାର୍ଯରେ ଦାୟିତ୍ୱନ୍ୟସ୍ତ ଠିକାଦାରମାନେ ଇତି ମଧ୍ୟରେ ୯୨୫ କୋଟି ଟଙ୍କା ଉଠାଣ କରି ସାରିଛନ୍ତି। ଜିଲ୍ଲାରେ ହଜାରେ କୋଟି ଟଙ୍କା ପାନୀୟଜଳ ପାଇଁ ବ୍ୟୟ ହୋଇ ସାରିଥିଲେ ବି ଜିଲ୍ଲାବାସୀ ପାନୀୟଜଳ ସଂକଟରେ ଛଟପଟ ହେଉଛନ୍ତି।

**ଯାଜପୁର ଜିଲ୍ଲାର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି**

| ପ୍ରକଳ୍ପ ଅଂଚଳ | ଏଜେନ୍ସୀ | ପ୍ରକଳ୍ପ ମୂଲ୍ୟ(କୋଟି) | ଖର୍ଚ୍ଚ(କୋଟି) | ମନ୍ତବ୍ୟ |
|---|---|---|---|---|
| ବଡ଼ଚଣା/ଧର୍ମଶାଳା | ଏମଇଆଇଏଲ୍ | ୩୩୫.୭୨ | ୨୮୭.୦୭ | କାର୍ଯ୍ୟବନ୍ଦ୍ |
| ଦଶରଥପୁର | ଏମଇଆଇଏଲ୍ | ୧୮୧.୭୮ | ୧୫୮.୯୫ | କାର୍ଯ୍ୟବନ୍ଦ୍ |
| ସୁକିନ୍ଦା | ଏନ୍‌ସିସି ଲିଃ | ୧୦୭.୦୦ | ୯୭.୦୩ | କାର୍ଯ୍ୟବନ୍ଦ୍ |
| ଦାନଗଦୀ | କେଇସି-ବିଆରସିପି | ୮୭.୧୧ | ୬୬.୩୯ | କାର୍ଯ୍ୟବନ୍ଦ୍ |
| ଧର୍ମଶାଳା/ରସୁଲପୁର | କେଇସି-ବିଆରସିପି | ୧୬୭.୧୭ | ୧୧୨.୮୧ | କାର୍ଯ୍ୟବନ୍ଦ୍ |
| ଯାଜପୁର/ବିଂଝାରପୁର | ଏମ୍‌ଇଆଇଏଲ୍ | ୨୪୫.୯୮ | ୧୮୫.୮୭ | କାର୍ଯ୍ୟବନ୍ଦ୍ |
| ବରୀ | କେପିଆଇଏଲ୍ | ୧୨୭.୫୯ | ୬.୩୮ | ଆରମ୍ଭରୁ ବନ୍ଦ୍ |
| କୋରେଇ | କେପିଆଇଏଲ୍ | ୧୨୭.୦୬ | ୯.୮୧ | ଆରମ୍ଭ ହୋଇନି |
| ମୋଟ | | ୧୩୭୯.୮୫ | ୯୨୫.୩୧ | |

**■ ରିଲ୍ସ ବେଳେ ଅଘଟଣ**

## ବ୍ରାହ୍ମଣୀ ପୋଲରୁ ଖସି ପଡ଼ିଲେ ଯୁବତୀ

ଢେଙ୍କାନାଳ,୧୪।୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କମଗରା ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ ପୋଲ ଉପରେ ରିଲ୍ସ କରିବା ଜଣେ ଯୁବତୀଙ୍କୁ ମହଙ୍ଗା



ପଡ଼ିଛି। ପୋଲ ବାଡ଼ ଉପରେ ଚଢ଼ି ରିଲ୍ସ କରୁଥିବା ବେଳେ ଯୁବତୀଜଣକ ପ୍ରାୟ ୪୦ ଫୁଟ ତଳକୁ ଖସି ପଡ଼ି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବତୀଜଣଙ୍କ ହେଲେ, ସଦର ଥାନା ତରଭା ଗ୍ରାମର ଅମ୍ବିକା ନାଏକ (୧୯)। ଶୁକ୍ରବାର ଅପରାହ୍ଣରେ ଅମ୍ବିକା ଓ ତାଙ୍କ ମାଉସୀ ଅନ୍ନପୂର୍ଣ୍ଣା ନାଏକ ଅଟୋରେ ତରଭାରୁ କାମାକ୍ଷାନଗର ଥାନା ଖଟୁଆହତା ଗ୍ରାମରେ ଥିବା ନିଜ ମାଉସୀ ଘରକୁ ଯାଉଥିଲେ। ଅଟୋ ବ୍ରାହ୍ମଣୀ ନଦୀ ପୋଲ ଦେଇ ଯାଉଥିବା ବେଳେ ମଝି ସ୍ଥାନରେ ଅମ୍ବିକା ରିଲ୍ସ କରିବାକୁ କହି ଅଟୋକୁ ଅଟକାଇଥିଲା। ପୋଲ ବାଡ଼ ଉପରେ ଚଢ଼ି ନିଜ ମୋଇବାଇଲରେ ରିଲ୍ସ କରୁଥିବା ବେଳେ ଭାରସାମ୍ୟ ହରାଇ ୪୦ଫୁଟ୍ ତଳକୁ ଖସି ପଡ଼ିଥିଲେ। ନିକଟରେ କେହି ନ ଥିବାରୁ ମାଉସୀ ଚିତ୍କାର କରି ସ୍ଥାନୀୟ ଲୋକଙ୍କୁ ଡାକିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଅମ୍ବିକାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି।

# ଖର୍ଚ୍ଚ କରିପାରିଲେନି ବଜେଟ ଅର୍ଥ

### ଅବଧି ବୃଦ୍ଧି ନେଇ ସବୁ ବିଭାଗକୁ ପତ୍ର ଲେଖିଲା ଅର୍ଥ ବିଭାଗ

ଭୁବନେଶ୍ୱର,୧୪।୨(ସମିସ): ଗୋଟିଏ ପଟେ ବିତ୍ତୀୟ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ ହେଉଥିବା ଓଡିଶା ଏବେ ସେହି କ୍ଷେତ୍ରରେ ବିସଙ୍ଗତିର ସାମ୍ନା କରୁଛି। ୨୦୨୪-୨୫ ବଜେଟ ଅର୍ଥ ସମ୍ପୂର୍ଣ୍ଣ ଭାବେ ଖର୍ଚ୍ଚ ହୋଇପାରିନଥିବା ହେତୁ ଆଗାମୀ ବଜେଟରେ ଏହାର ପ୍ରଭାବ ପରିଲକ୍ଷିତ ହେବାର ଆଶଙ୍କା ଦେଖାଦେଇଛି। ବଜେଟ ବ୍ୟୟରେ ସମସ୍ୟା ହେତୁ ବିତ୍ତୀୟ ଆବଣ୍ଟନ, ପାଣ୍ଠି ପ୍ରଦାନ ନିମନ୍ତେ ଅନୁମୋଦନ, ପାଣ୍ଠି ପୁନର୍ବିନିଯୋଗ ଏବଂ ପାଣ୍ଠି ସମର୍ପଣ ଆଦି କାର୍ଯ୍ୟ ବିଳମ୍ବିତ ହୋଇ ଚାଲିଛି। ସେଥିପାଇଁ ଅର୍ଥ ବିଭାଗ ଏଗୁଡିକର ସମୟସୀମାକୁ ବୃଦ୍ଧି କରିବାକୁ ବାଧ୍ୟ ହୋଇଛି। ସେହିପରି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ପାଣ୍ଠି ହାସଲ, ବ୍ୟୟ ଓ ବିନିଯୋଗରେ ସମସ୍ୟା ଦେଖା ଦେଲାଣି। ଶୁକ୍ରବାର ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସବୁ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ଶାସନ ସଚିବ, ସ୍ୱତନ୍ତ୍ର ସଚିବ ତଥା ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଏହି ସମସ୍ୟା ସମ୍ପର୍କରେ ଜଣାଇବା ସହିତ ସଂଶୋଧିତ ସମୟ ଭିତରେ ଉପରୋକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କହିଛନ୍ତି।

**କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ପାଣ୍ଠି ମିଳିବା ନେଇ ଆଶଙ୍କା**

ଶ୍ରୀ ମିଶ୍ର ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି, ଆଲଟମେଣ୍ଟ ଜାରି, ପାଣ୍ଠି ପ୍ରଦାନ ନିମନ୍ତେ ଅନୁମୋଦନ, ପାଣ୍ଠି ପୁର୍ନବିନିଯୋଗ ଏବଂ ପାଣ୍ଠି ସମର୍ପଣ ଆଦି କାର୍ଯ୍ୟ ବିଳମ୍ବିତ ହୋଇ ଚାଲିଛି। ଏସବୁ କାର୍ଯ୍ୟ ପାଇଁ ଶେଷ ଅବଧି ଗତବର୍ଷ ଡିସେମ୍ବରରୁ ଚଳିତ ବର୍ଷ ଜାନୁଆରୀ ମଧ୍ୟରେ ଥିଲା। କିନ୍ତୁ ସମୟସୀମା ମଧ୍ୟରେ କାମ ଶେଷ ହୋଇପାରୁ ନାହିଁ। ସେଥିପାଇଁ ପ୍ରତ୍ୟେକ କାର୍ଯ୍ୟର ଅବଧି ଫେବୃଆରୀ ୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି।

ଅର୍ଥନୀତି ବିଶେଷଜ୍ଞଙ୍କ କହିବା କଥା, ଚଳିତ ବର୍ଷ ନିର୍ବାଚନ ଥିବାରୁ ବଜେଟ ଆସିବାରେ ଡେରି ହୋଇଥିଲା। କିନ୍ତୁ ସରକାରଙ୍କ ହାତରେ ୯/୧୦ ମାସ ରହିଥିଲା। ନିର୍ମାଣ ଦାୟିତ୍ୱରେ ଥିବା ବିଭାଗରେ ସହଜରେ ୮୦/୯୦% ଅର୍ଥ ଖର୍ଚ୍ଚ ହୋଇପାରିଥାନ୍ତା। ମନ୍ତ୍ରୀ ବଦଳି ଥିଲେ ବି ଅଧିକାରୀ ପୁରୁଣା। ପୂର୍ବ ସରକାର ଅମଳରେ ବିତ୍ତୀୟ ପରିଚାଳନାରେ ସେମାନଙ୍କର ଯୋଗଦାନ ରହିଥିଲା। କିନ୍ତୁ ସରକାର ବଦଳିବା ସହିତ ବିଭାଗର ପ୍ରଦର୍ଶନରେ ଅବନତି ଘଟିଛି। ଜାରି ରହିଥିବା ପ୍ରକଳ୍ପ ଗୁଡିକୁ ଗୁରୁତ୍ୱ ଦିଆ ନଯିବା ପାଣ୍ଠି ବ୍ୟୟରେ ପଛୁଆ ରହିବାର ପ୍ରମୁଖ କାରଣ ପାଲଟିଛି। ନୂଆ ସରକାରରେ ନୂଆ ଯୋଜନା ଆସିବା ସ୍ୱାଭାବିକ, କିନ୍ତୁ ପୁରୁଣା କାମ ଗୁଡିକ ଜାରି ରହିଥିଲେ ପାଣ୍ଠି ବ୍ୟୟ ଭଲ ହୋଇଥାନ୍ତା ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

ଚଳିତ ମାସ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିବେ। ନୂଆ ସରକାରରେ ଏହା ହେବ ଦ୍ୱିତୀୟ ଏବଂ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ। ଜୁନ୍ ମାସରେ ରାଜ୍ୟର ଶାସନ ଭାର ନେଇଥିବା ବିଜେପି ସରକାର ପାଇଁ ବଜେଟ ବ୍ୟୟରେ ଢ଼ିଲାପଣ ସବୁଠାରୁ ବଡ଼ କଣ୍ଟା ସାଜିଛି। ସେଥିପାଇଁ ବିଧାନସଭା ଭିତରେ ଓ ବିଧାନସଭା ବାହାରେ ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି।

**କଂଗ୍ରେସରୁ ଚାଲି ଯାଇଥିବା ନେତାଙ୍କୁ ଫେରିବାକୁ ପିସିସି ସଭାପତି ଭକ୍ତଙ୍କ ଅନୁରୋଧ**

# ସବୁ ବହିଷ୍କାର ଓ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଭୁବନେଶ୍ୱର,୧୪।୨(ସମିସ): ନୂଆ ପିସିସି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ କଂଗ୍ରେସରୁ ନିଲମ୍ବିତ ଓ ବହିଷ୍କାର ହୋଇଥିବା ନେତାମାନଙ୍କ ଉପରୁ ଆଦେଶ ପ୍ରତ୍ୟାହାର କରି ସେମାନଙ୍କୁ ଦଳକୁ ଫେରି ଆସିବାକୁ ଅନୁରୋଧ କରିଛନ୍ତି । ଦଳ ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି ଯେ କୌଣସି ନା କୌଣସି ପରିସ୍ଥିତିରେ ଯେଉଁମାନଙ୍କୁ ଦଳରୁ ବହିଷ୍କାର ବା ନିଲମ୍ବନ କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରି ନିଆଯାଇଛି । ସେହିପରି ଦଳରୁ ତାହାକୁ ପ୍ରତ୍ୟାହାର କରି ନିଆଗଲା। ସେହିପରି ବିଭିନ୍ନ ସମୟରେ କୌଣସି କାରଣରୁ ଯେଉଁମାନେ ଦଳ ଛାଡ଼ି ଚାଲି ଯାଇଛନ୍ତି, ସେମାନେ ପୁନର୍ବାର କଂଗ୍ରେସ ଦଳକୁ ଫେରି ଆସିବାକୁ ଆମେ ନିବେଦନ କରୁଛୁ। ଯେଉଁମାନେ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ପ୍ରତ୍ୟାବର୍ତ୍ତନ କରିବାକୁ ଇଚ୍ଛାପ୍ରକାଶ କରିବେ, ସେମାନଙ୍କୁ କଂଗ୍ରେସ ଦଳ ତରଫରୁ ସମ୍ମାନର ସହ ସ୍ୱାଗତ କରାଯିବ ବୋଲି ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଭକ୍ତଙ୍କ ଉପରୋକ୍ତ ନିଷ୍ପତ୍ତିକୁ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର ସ୍ୱାଗତ କରିଛନ୍ତି।

## ଅଜୟ ଲଲ୍ଲୁ ରାଜ୍ୟ କଂଗ୍ରେସର ନୂଆ ପ୍ରଭାରୀ

**ସପ୍ତଗିରିଙ୍କୁ ୪ ରାଜ୍ୟର ପ୍ରଭାରୀ ଦାୟିତ୍ୱ**

ଭୁବନେଶ୍ୱର, ୧୪।୨(ସମିସ): ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କ ସ୍ଥାନରେ ଅଜୟ କୁମାର ଲଲ୍ଲୁଙ୍କୁ ନିଯୁକ୍ତି ଦେଇଛି ଏଆଇସିସି। ଶ୍ରୀ ଲଲ୍ଲୁ ଉତ୍ତର ପ୍ରଦେଶର ପିସିସି ସଭାପତି ଭାବେ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ସେହିପରି ୨୦୧୨ରୁ ୨୦୨୨ ମସିହା ପର୍ଯ୍ୟନ୍ତ ଦୁଇଥର ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ଓ ୨୦୧୯-୨୨ ପର୍ଯ୍ୟନ୍ତ କଂଗ୍ରେସ ବିଧାୟକ ଦଳ ନେତା ଦାୟିତ୍ୱ ତୁଲାଇଛନ୍ତି। ଏ ସଂକ୍ରାନ୍ତରେ ଏଆଇସିସି ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସଭାପତି ଭାବେ ଭକ୍ତ ଚରଣ ଦାସଙ୍କୁ ନିଯୁକ୍ତି ଦିଆଯିବାର ଦୁଇଦିନ ପରେ ଏବେ ପ୍ରଭାରୀ ପରିବର୍ତ୍ତନ ରାଜ୍ୟ କଂଗ୍ରେସକୁ ଚଳଚଞ୍ଚଳ କରିଛି। ଭକ୍ତ-ଅଜୟ ଯୋଡ଼ି ରାଜ୍ୟରେ କଂଗ୍ରେସ ନେତାଙ୍କୁ ଏକଜୁଟ କରି ସଂଗଠନ ସଜାଡ଼ିବାକୁ ପ୍ରୟାସ କରିବେ ବୋଲି ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ଆଶା ପ୍ରକାଶ କରିଛନ୍ତି। ଅନୁରୂପ ଭାବରେ ଓଡ଼ିଶାର ଏକମାତ୍ର କଂଗ୍ରେସ ସାଂସଦ ସପ୍ତଗିରି ଉଲାକାଙ୍କୁ ୪ଟି ରାଜ୍ୟର ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ମଣିପୁର, ତ୍ରିପୁରା, ସିକ୍କିମ୍ ଓ ନାଗାଲାଣ୍ଡ ପରି ୪ଟି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ପାଇଁ ସେ ପ୍ରଭାରୀ ଦାୟିତ୍ୱ ତୁଲାଇବେ ବୋଲି ଏଆଇସିସି ବିଜ୍ଞପ୍ତିରେ ଦର୍ଶାଇଛି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-230 ◆BHUBANESWAR ◆SATURDAY ◆15 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୦ ◆ଭୁବନେଶ୍ୱର ◆ଶନିବାର ◆୧୫ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ଜାତୀୟ କ୍ରୀଡ଼ା: ସ୍ୱର୍ଣ୍ଣ ବିଜେତାଙ୍କୁ ୬ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର,୧୪।୨(ସମିସ):** ଉତ୍ତରାଖଣ୍ଡରେ ଶନିବାର ୩୮ତମ ଜାତୀୟ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ କାଂସ୍ୟ ସହ ମୋଟ୍ ୪୬ ପଦକ ହାସଲକରି ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହି ମେଗା ଇଭେଣ୍ଟରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳିଙ୍କୁ ୬ ଲକ୍ଷ ଟଙ୍କା ପୁରସ୍କାର ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସେହିପରି ରୌପ୍ୟ ବିଜେତାଙ୍କୁ ୪ ଲକ୍ଷ ଓ କାଂସ୍ୟ ପଦକ ଜିତିଥିବା ଖେଳାଳିଙ୍କୁ ୩ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ଜାତୀୟ କ୍ରୀଡ଼ାରେ ଏଥର ରାଜ୍ୟରୁ ୩୦୨ କ୍ରୀଡ଼ାବିତଙ୍କ ସମେତ ୭୫ଜଣ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ।


HI-TECH MEDICAL COLLEGE & HOSPITAL ®

PATIENT SAFETY & QUALITY OF CARE NABH CERTIFIED

CERTIFIED ISO 9001:2015 COMPANY

## WHERE EVERY BEAT, BREATH & BONE MATTERS
*Your Health is our Priority*

### Our Growth Story so far
- ✔27 years of trust and care.
- ✔Trusted by billions of patients.
- ✔High-end technology for advanced healthcare.
- ✔Doctors with exceptional success rates.
- ✔A widely trusted healthcare brand.
- ✔Seamless app-based appointment system.

### Our Centres of Excellence
- ✔Cardiology & Cardiothoracic Surgery
- ✔Orthopaedics & Joint Replacement
- ✔Gastroenterology & Hepatology
- ✔Surgical Gastroenterologist
- ✔Neurosciences
- ✔IVF, Mother & Child Care
- ✔Oncology & Plastic Surgery



**Dr. Tirupati Panigrahi**
Chairman, Hi-Tech Group

0674-3500 900
www.hi-techhospital.in

HI-TECH MEDICAL COLLEGE & HOSPITAL
Health Park, Pandara, Bhubaneswar, Odisha-751025

27 YEARS OF TRUST & CARE

Scan the QR Code to book appointment

# କଟ୍‌ନୀ ଛଟ୍‌ନୀ ଆଳରେ ଚାଷୀଙ୍କୁ ଠକୁଛନ୍ତି ମିଲର୍

ବ୍ରହ୍ମପୁର,୧୪ ।୨(ସମିସ)

● ପ୍ରଶାସନର ଟାର୍ଗେଟ ପୂରଣ ଲକ୍ଷ୍ୟରେ ବଳିପଡୁଛି ଚାଷୀଙ୍କ ମୂଲ
● ଗଞ୍ଜାମରେ ଧାନର ଅଭାବୀ ବିକ୍ରି ଅଭିଯୋଗ
● ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବିକଲା ଋଷିକୂଲ୍ୟା ରୟତ ମହାସଭା

ଚାଷୀ ବହୁଳ ଗଞ୍ଜାମ ଜିଲ୍ଲାରେ ଧାନ କିଣାକୁ ନେଇ ନାନାଦି ସମସ୍ୟା ଜାରିରହିଛି। କେତେକ ମଣ୍ଡିରେ ଅବ୍ୟବସ୍ଥା ମଧ୍ୟରେ ଧାନକିଣା ଚାଲୁଥିବା ଅଭିଯୋଗ ହେଉଛି। ମଣ୍ଡି ଆରମ୍ଭରୁ ଧାନର ମାନକୁ ନେଇ ଚାଷୀ ଆଶଙ୍କାରେ ପଡ଼ିଛନ୍ତି। ଟାର୍ଗେଟ ପୂରଣ କରିବା ଲକ୍ଷ୍ୟରେ ପ୍ରଶାସନ ରହିଥିବା ବେଳେ ଏଥିରେ ଚାଷୀଙ୍କର ବର୍ଷ ଯାକର ଅମଳ ବଳି ପଡ଼ିଯାଉଛି ବୋଲି ଚାଷୀମାନଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଚଳିତବର୍ଷ ଧାନ ଅମଳ ସମୟରେ ଗଞ୍ଜାମ ଜିଲ୍ଲାରେ ଅଦିନିଆ ବର୍ଷା ହେବା ଫଳରେ ଧାନ ଗମ୍ମୁ ହୋଇଯାଇଛି। ଏହାର ସୁଯୋଗ ନେଇ କିଛି ମିଲର୍ ଅଧିକାଂଶ ଭଲ ଧାନ ଥାଇ ସୁଦ୍ଧା ମଣ୍ଡିରେ କ୍ୱିଣ୍ଟାଲ ପିଛା ୫ରୁ ୮କିଲୋ ପର୍ଯ୍ୟନ୍ତ ଅଧିକା ଧାନ ନେଇ ଚାଷୀଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ସରକାର ଧାନର ମାନ କୋହଳ କରି ସବୁଧାନ କିଣାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ନ ହେବାରୁ ମିଲ ଏବଂ ସମବାୟ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ଚାଷୀ ଅଧିକା ଧାନ ଦେଇ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହୁଛନ୍ତି। ଏଣୁ ଗଞ୍ଜାମ ଜିଲ୍ଲାରେ ଅଭାବବିକ୍ରି ରୋକିବାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି କରାଯାଇଛି। ଏହାର ଆବାହକ ସୀମାଞ୍ଚଳ ନାହାକ କହିଛନ୍ତି ଯେ, ଚାଷୀଙ୍କଠାରୁ ଗମ୍ମୁ ଧାନ କିଣି ଉଷୁନା ଚାଉଳ କରୁଥିବା ମିଲକୁ ପଠାଇବା ପାଇଁ ସରକାର ନିର୍ଦ୍ଦେଶ ଦେଲେ ଅଭାବବିକ୍ରୀ ରୋକାଯାଇପାରିବ। ସେହିଭଳି ଧାନର ମାନ କୋହଳ କଲେ ସମସ୍ତ ଚାଷୀ ଧାନ ବିକି ପାରିବେ। ସରକାରଙ୍କ ଧାର୍ଯ୍ୟରେ ଟଙ୍କା ପାଇପାରିବେ। ଅଧିକାଂଶ ବ୍ଲକରେ ଚାଷୀଙ୍କୁ ମିଲରେ ଧାନ ଦେବା ପାଇଁ କୁହନ୍ତି। ଫଳରେ ଚାଷୀମାନେ ଗାଡ଼ି ଭଡ଼ା, ଲେବର ଖର୍ଚ୍ଚ କରି ମିଲକୁ ନେଉଛନ୍ତି। କିନ୍ତୁ ଏମାନଙ୍କୁ ଗାଡ଼ି ଭଡ଼ା ଅଖା ଖର୍ଚ୍ଚ ଇତ୍ୟାଦି ମିଳୁନି। ସବୁଧାନ କିଣିବା ପାଇଁ ଟାର୍ଗେଟ ପ୍ରଦାନ କରାଯିବା ସହିତ କଟନୀ ଛଟନି ରୋକିବାକୁ ସରକାର ଗୁରୁତ୍ୱ ଦେବା ଉଚିତ। ଆସନ୍ତା ଦିନରେ ଉଷୁନା ମିଲ ବସାଇବା ପାଇଁ ବ୍ୟବସ୍ଥା କରିବା ସହିତ ଏହାକୁ ଯୋଗାଣ ବିଭାଗ ଜରିଆରେ ଖାଉଟିଙ୍କ ପାଖରେ ପହଞ୍ଚାଇବା ବନ୍ଦୋବସ୍ତ କରିବା ଦରକାର ବୋଲି ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ କୁହାଯାଇଛି। ଅପରପକ୍ଷେ ୧୪ତାରିଖ ପୂର୍ବାହ୍ନ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୧ଲକ୍ଷ ୧ହଜାର ୯୨୪ଜଣ ଚାଷୀ ମଣ୍ଡିରେ ସରକାରଙ୍କୁ ଧାନ ବିକି ସାରିଛନ୍ତି। ଚଳିତବର୍ଷ ଜିଲ୍ଲାରେ ୧ଲକ୍ଷ ୪୬ହଜାର ୫୦୪ଜଣ ଚାଷୀ ସରକାରଙ୍କୁ ଧାନ ବିକିବାକୁ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୫୧ହଜାର ଚାଷୀଙ୍କ ଟୋକେନ ଆକ୍ଟିଭ ରହିଛି। ଆହୁରି ୪୪ହଜାର ଚାଷୀ ସରକାରଙ୍କ ଧାନ ବିକିବାକୁ ବଳକା ରହିଛନ୍ତି। ସେହିପରି ଜିଲ୍ଲାରେ ୬୯.୫୭ପ୍ରତିଶତ ଚାଷୀ ଧାନ ବିକି ସାରିଲେଣି। ଗଞ୍ଜାମ ଜିଲ୍ଲାକୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୫୩ଲକ୍ଷ କ୍ୱିଣ୍ଟାଲରୁ ଉଦ୍ଧ୍ୱର୍ ଟାର୍ଗେଟ ଆସିଥିବା ବେଳେ ପାଖାପାଖି ୪୨ଲକ୍ଷ କ୍ୱିଣ୍ଟାଲ ଧାନ କିଣା ସରିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ସେହିଭଳି ବଳକା ଟାର୍ଗେଟ ମଧ୍ୟ ପୂରଣ କିରବା ଦିଗରେ ପ୍ରଶାସନ ଉଦ୍ୟମ କରୁଥିବା ବେଳେ ଚାଷୀଙ୍କ ସମସ୍ୟା କିନ୍ତୁ ସରିବାର ନା ଧରୁନି। ମାର୍ଚ୍ଚ ଶେଷ ସୁଦ୍ଧା ଧାନ କିଣା ଜାରି ରଖିବାକୁ ସରକାରୀ ସ୍ତରରେ ନିଷ୍ପତି ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାରେ କେହି କୃଷକ ଯେମିତି ଏଥିରୁ ବାଦ ନ ପଡ଼ିବେ ସେଥିପ୍ରତି ଯୋଗାଣ ବିଭାଗ ଗୁରୁତ୍ୱର ସହ ନଜର ରଖିବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରିଛନ୍ତି।

## ଡିଭାଇଡର୍‌କୁ ପିଟିଲା କାର୍; ୫ ଗୁରୁତର



ବ୍ରହ୍ମପୁର,୧୪ ।୨(ସମିସ): ଗତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ବିବାହ କାର୍ଯ୍ୟ ଥିବା ବେଳେ ଗୁରୁବାର ରାତିରେ ଦିଅମଙ୍ଗୁଳି ସାରି ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଭଞ୍ଜନଗର ନିକଟସ୍ଥ ବିଡିପୁରରୁ ଭୋଜି ଖାଇ ବ୍ରହ୍ମପୁର ଫେରୁଥିବା ବେଳେ ଡ୍ରାଇଭରର ଆଖି ପଡିଯିବା ଫଳରେ ବ୍ରହ୍ମପୁର ସଦର ଥାନା ରତ୍ନପୁର ଠାରେ ରାସ୍ତାକଡରେ ଥିବା ଡିଭାଇଡର ସହିତ କାରର ଧକ୍କା ହୋଇଥିଲା। ଫଳରେ କାରରେ ଥିବା ୬ଜଣଙ୍କ ମଧ୍ୟରୁ ଜଣେ ବାଳକକୁ ଛାଡି ଅନ୍ୟ ସମସ୍ତେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଦୁଇଜଣ ମହିଳା ଓ ଜଣେ ଶିଶୁ ଅନ୍ତର୍ଭୁକ୍ତ ଥିବା ଜଣାପଡିଛି। ଦୁର୍ଘଟଣାରେ କାର ଚାଳକ ଟୁକୁ ଜେନା, ସରୋଜ ରଥ, ସୋନାଲି ରଥ, ସୁସ୍ମିତା ମିଶ୍ର ଓ ଜଣେ ୪ବର୍ଷର ନାବାଳିକା ଅନ୍ତର୍ଭୁକ୍ତ।

**ଭୋଜି ଖାଇ ଘରକୁ ଫେରୁଥିଲା ବେଳେ ମର୍ମନ୍ତୁଦ ଦୁର୍ଘଟଣା**

**ଆହତଙ୍କ ମଧ୍ୟରେ ଅଛନ୍ତି ଦୁଇ ମହିଳା ଓ ଜଣେ ଶିଶୁ**



ସମସ୍ତ ଆହତଙ୍କୁ ପ୍ରଥମେ ବ୍ରହ୍ମପୁର ବଡ ମେଡିକାଲକୁ ଓ ପରେ ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରିବା ସହିତ ପୁଲିସକୁ ଖବର ଦେଇଥିଲେ। ପରେ ସଦରଥାନା ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ୧୦୮ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲା। ଦୁର୍ଘଟଣାଗ୍ରସ୍ତ କାରକୁ ପୁଲିସ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ବଟି ନ ଦେବାରୁ ଯୁବକକୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୧୪ ।୨(ସମିସ): ସ୍ଥାନୀୟ ଲୋଚାପଡ଼ା ଅଞ୍ଚଳରେ କିଛି ଦୁର୍ବୃତ୍ତ ରାସ୍ତାରେ ଯାତାୟାତ କରିଥିବା ଲୋକ ଓ ସେଠାରେ କିଛି ଦୋକାନୀଙ୍କୁ ଦାଦାବଟି ମାଗୁଛନ୍ତି। ବଟି ନ ଦେଲେ ବିଭିନ୍ନ ଧମକ ଦେଉଛନ୍ତି। ଲୋଚାପଡ଼ା ଅଞ୍ଚଳରେ ଯୋଗୀଆପଲ୍ଲୀ ନୂଆଁ ସାହିର ଜଟିୟା ଦାସ(୩୦)ଙ୍କୁ ୧୩ ତାରିଖ ଅପରାହ୍ନରେ ଲିଲୁ ନାୟକ, ଆଲୋକ ସେଠୀ ଓ ଲଣ୍ଡା ବଟି ମାଗିଥିଲେ। ସେ ବଟି ଦେବାକୁ ମନା କରିବାରୁ ତାକୁ ଲୁହା ରୋଡରେ ଆକ୍ରମଣ କରିଥିଲେ। ଏଥିରେ ଜଟିୟା ଆହତ ହୋଇଥିଲେ। ପରେ ଘଟଣାକୁ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## କ୍ରେଡିଟ୍ କାର୍ଡରୁ ୪୧ ହଜାର ଟଙ୍କା ଗାଏବ

ବ୍ରହ୍ମପୁର,୧୪ ।୨(ସମିସ): ଜଣେ ବ୍ୟକ୍ତିଙ୍କ ଷ୍ଟେଟବ୍ୟାଙ୍କ କ୍ରେଡିଟ କାର୍ଡରୁ ୪୧ହଜାର ୬୪୩ ଟଙ୍କା ଗାଏବ ହୋଇଯାଇଛି। ତେବେ ଏନେଇ ସେ କଷ୍ଟମର କେୟାରକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଗଜପତିନଗରରେ ରହୁଥିବା ଏହି ବ୍ୟକ୍ତିଙ୍କ ଷ୍ଟେଟ ବ୍ୟାଙ୍କ କ୍ରେଡିଟ କାର୍ଡରୁ ୨ମାସ ତଳେ ୨ଟି ନେଣଦେଣ ଜରିଆରେ ୪୧ ହଜାର ୬୪୩ ଟଙ୍କା କଟି ଯାଇଥିଲା। ତେବେ ସେ କୌଣସି କିଣାକିଣି କରିନଥିବା ବେଳେ ଓଟିପି ଦେଇନଥିଲେ ମଧ୍ୟ ଟଙ୍କା କଟି ଯାଇଥିଲା। ଏ ସମ୍ପର୍କରେ ସେ କଷ୍ଟମର କେୟାର ସହ ଯୋଗାଯୋଗ କରିବା ପରେ ଟଙ୍କା ଫେରସ୍ତ ହୋଇଯିବ ବୋଲି କହିଥିଲେ। ହେଲେ ତା' ପର ମାସର ଷ୍ଟେଟମେଣ୍ଟରେ ଟଙ୍କା ଫେରସ୍ତ ନହୋଇ ବିଲ ଆସିଥିଲା। ଘଟଣାକୁ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ପୂର୍ବ ସରକାରଙ୍କ ଦରମା ବୃଦ୍ଧିକୁ ଲାଗୁକରୁନି ନୂଆ ସରକାର

■ କଟକଣା ନାଁରେ ଛଟେଇ ମସୁଧା, ୧୭ରୁ ବିଧାନସଭା ଘେରିବେ
■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ଦାବିପତ୍ର



ବ୍ରହ୍ମପୁର,୧୪ ।୨(ସମିସ): ସହରାଞ୍ଚଳର ମିଶନଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ପୂର୍ବ ରାଜ୍ୟ ସରକାର ବିଭିନ୍ନ ବିଭାଗରେ ଏସଏସଜି ସଦସ୍ୟାଙ୍କୁ ନିଯୁକ୍ତି ଦେଇଥିଲେ। ସହରାଞ୍ଚଳର ପୌର ବିଭାଗରେ ସ୍ୱଚ୍ଛଭାରତ ସ୍କିମ ଅଧୀନରେ ପରିମଳ କାର୍ଯ୍ୟ ପାଇଁ ସ୍ୱଚ୍ଛସାଥି ଓ ସୁପରଭାଇଜର ଓ ୱାର୍ଡ କୋର୍ଡିନେଟର ମାନେ ନିୟୋଜିତ ହୋଇଥିଲେ। ସ୍ୱଚ୍ଛସାଥିଙ୍କୁ ଦରମା ୪ହଜାର ଟଙ୍କା ମିଳୁଛି। ହେଲେ ଏପର୍ଯ୍ୟନ୍ତ ପୂର୍ବ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ଦରମାକୁ ବର୍ତ୍ତମାନ ସରକାର ଲାଗୁ କରୁନଥିବା ଏଠାରେ ଅଭିଯୋଗ ହୋଇଛି। ଓଲଟା ସେମାନଙ୍କ ଉପରେ ଗାଇଡଲାଇନ ଲଦି ମୂଳ ଦରମାଠ ମଧ୍ୟ କମ ଦିଆଯାଉଥିବା ଏମାନେ କହିଛନ୍ତି। ଏପରିକି ଅନେକ କଟକଣା ନାମରେ ଛଟେଇ କରିବାର ମସୁଧା ଚାଲିଥିବା ସଂଘ ଅଭିଯୋଗ କରିଛି। ସେଇଭଳି ୱାର୍ଡ କୋର୍ଡିନେଟରମାନଙ୍କୁ ବିଭିନ୍ନ ୱାର୍ଡ ପାଇଁ ଚୟନ ସରିଥିଲା। ହେଲେ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ନିଯୁକ୍ତି ମିଳିନି। ଏନେଇ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ଦିନରେ ଯଦି ଦାବି ପୂରଣ ନହୁଏ। ତେବେ ଫେବୃଆରୀ ୧୭ରୁ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ସହରାଞ୍ଚଳ କର୍ପୋରେସନ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ଏହି କର୍ମଚାରୀ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବା ସହ ବିଧାନସଭା ଘେରିବେ ବୋଲି ସର୍ବଭାରତୀୟ ଶ୍ରମିକ ସଂଗଠନ ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂଯୁକ୍ତା ଦାସ, ବି. ସଂଗୀତା ରାଓ, ମିତା ପାଢ଼ୀ, ସସ୍ମିତା ଦାସ, ମାମାଲି ଦାସ, ସୁଧାଦେବୀ, ବନିତା ଡାକୁଆ, ସଂଯୁକ୍ତା ସେଠୀ, ପୁଷ୍ପାଞ୍ଜଳି ଦାସ, ପ୍ରମଦା ପାଳ, ରଶ୍ମି ଦୋରା, ରଶ୍ମିତା ପାଳ, ମମତା ପଟ୍ଟନାୟକ, ସଂଗୀତା ଦାସ, ମଞ୍ଜରୀ ପଟ୍ଟନାୟକ, କୁନି ବେହେରା ସିମ୍ରନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ପୋରେଟ୍ ସପକ୍ଷବାଦୀ ବଜେଟ୍ ପ୍ରତ୍ୟାହାର ଦାବି

ବ୍ରହ୍ମପୁର,୧୪ ।୨(ସମିସ): ଚଳିତ କେନ୍ଦ୍ର ବଜେଟ କର୍ପୋରେଟ ସପକ୍ଷବାଦୀ ହୋଇଛି ବୋଲି ଅଭିଯୋଗ କରି ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରିଛି ସିପିଏମ। ଏଥିସହ ବଜେଟ ପ୍ରତ୍ୟାହାର କରିବାକୁ ଦୃଢ ଦାବି କରିଛି। ସିପିଏମର କେନ୍ଦ୍ର କମିଟି ସଭ୍ୟ ଅଲି କିଶୋର ପଟ୍ଟନାୟକ କହିଛନ୍ତି ଯେ, କେନ୍ଦ୍ର ବଜେଟ ଦେଶର ଡଲାର କୋଟିପତିଙ୍କୁ ଉତ୍ସର୍ଗୀକୃତ ହୋଇଛି। ଆୟକର ଦେଉଥିବା ୨.୨ ପ୍ରତିଶତ ଲୋକଙ୍କୁ କିଛି ରିହାତି ପ୍ରଦାନ କରାଯାଇଛି। ଅନ୍ୟ ଦିଗରେ ଦୈନିକ ୨୦୦ଟଙ୍କା ଖର୍ଚ୍ଚ କରିବା ପାଇଁ ସକ୍ଷମ ହେଉନଥିବା ୮୦ପ୍ରତିଶତ ଲୋକଙ୍କୁ ସମ୍ପୂର୍ଣ୍ଣ ନିରାଶ କରାଯାଇଛି। ବଜେଟରେ ସଙ୍କଟଗ୍ରସ୍ତ ଦରବୃଦ୍ଧି, ବେକାରୀ ଓ କୃଷିକ୍ଷେତ୍ରର ସମସ୍ୟା ସମାଧାନ ପାଇଁ କୌଣସି ଦୃଢ଼ ବ୍ୟବସ୍ଥା କରାଯାଇନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ମନରେଗା, ଆଦିବାସୀ ହରିଜନ ଓ ଅନ୍ୟାନ୍ୟ ସମାଜ କଲ୍ୟାଣ ଯୋଜନାରେ ଅନୁଦାନ ହ୍ରାସ କରାଯାଇଛି। ଫଳରେ ଦେଶର ଅଧିକାଂଶ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟଦିଗରେ ଦେଶୀ ବିଦେଶୀ କମ୍ପାନୀ ମାନଙ୍କୁ ଲାଭ ଦେବାପାଇଁ କର୍ପୋରେଟ ଟିକସ ଛାଡ଼, ଋଣ ଛାଡ, ଶୌଖିନି ସାମଗ୍ରୀ ଉପରୁ ଆମଦାନୀ ଟିକସ ହ୍ରାସ, ସରକାରୀ ସମ୍ପତ୍ତିକୁ ପାଣିଦରରେ ବିକ୍ରିଭଳି ଧାରା ବଳବତ୍ତର ରହିଛି। ତେଣୁ ଏହି ବଜେଟକୁ ପ୍ରତ୍ୟାହାର କରିବା ପାଇଁ ବାମପନ୍ଥୀ ଦଳ ପକ୍ଷରୁ ଦାବି କରି ବିକଳ୍ପ ପ୍ରସ୍ତାବ ଦିଆଯାଇଥିବା ଏଠାରେ କୁହାଯାଇଛି।



**● ବ୍ରହ୍ମପୁରରେ ସିପିଏମ୍‌ର ପ୍ରତିବାଦ**

ସେହିଭଳି ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରୀ ବନ୍ଦକରିବା, ମନରେଗାରେ ୫୦ ପ୍ରତିଶତ ଅନୁଦାନ ବୃଦ୍ଧି କରିବା, ଶିକ୍ଷା ପାଇଁ ଜିଡ଼ିପିର ୬ ପ୍ରତିଶତ ଓ ସ୍ୱାସ୍ଥ୍ୟ ପାଇଁ ୩ ପ୍ରତିଶତ ଖର୍ଚ୍ଚ କରିବା, ଖାଦ୍ୟ ସବସିଡି ବୃଦ୍ଧିକରିବା, ଏସସି, ଏସଟି ଓ ମହିଳାଙ୍କ ପାଇଁ ଅଧିକ ଅନୁଦାନ ଦେବାକୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କୈଳାସ ଷଡ଼ଙ୍ଗୀ, ବିଦ୍ୟାଧର ଜେନା, ରାମଚନ୍ଦ୍ର ନାୟକ, ଦିଲୀପ ଛୋଟରାୟ, ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବାବୁଲା ନାୟକ, ବାପିନି ନାୟକ, ବିଜୟ ବିଷୋୟୀ, ଅଜୟ ଗୌଡ଼, ଖଲି ସ୍ୱାଇଁ, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ସୁରକ୍ଷା ଆଇନ ସଚେତନତା

ବ୍ରହ୍ମପୁର,୧୪ ।୨(ସମିସ): ବିଜୁ ପଟ୍ଟନାୟକ ହୋମିଓ ପାଥିକ ମେଡିକାଲ କଲେଜ ଓ ହସପିଟାଲ ପରିସରରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷା ଡ଼ା. ଗୀତାଞ୍ଜଳି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଦୌରା ଜଜ କୋର୍ଟର ପବ୍ଲିକ ପ୍ରୋସିକ୍ୟୁଟର ତ୍ରିଲୋଚନ ପରିଡ଼ା, ରାଜେଶ କୁମାର ମିଶ୍ର ଯୋଗଦେଇ କର୍ମ କ୍ଷେତ୍ରରେ ମହିଳା ମାନଙ୍କ କ୍ଷେତ୍ରରେ ଘଟୁଥିବା ଯୌନ ଉତ୍ପୀଡନ ସୁରକ୍ଷା ଆଇନ ସମେତ ମହିଳାମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ଉପସ୍ଥିତ ଡାକ୍ତରୀ ଛାତ୍ରୀ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ବ୍ୟାପକ ସଚେତନ କରିଥିଲେ। ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ମହିଳା ସଶକ୍ତିକରଣ ଏବଂ ମହିଳାଙ୍କ ସାମ୍ବିଧାନିକ ଅଧିକାର ନେଇ ସଭାରେ ଆଲୋଚନା କରାଯାଇଥିଲା।



## ଦର୍ଶନ ଓ ତର୍କଶାସ୍ତ୍ର ବିଭାଗରେ କ୍ୟାରିୟର କାଉନସିଲିଂ



ବ୍ରହ୍ମପୁର,୧୪ ।୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଦର୍ଶନ ଓ ତର୍କଶାସ୍ତ୍ର ବିଭାଗ ପକ୍ଷରୁ କ୍ୟାରିୟର କାଉନସିଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଧ୍ୟାତ୍ମିକ ଚିନ୍ତକ କିରଣ କୁମାର ଯୋଗଦେଇ ସଫଳତା ମନ୍ତ୍ରକୁ ଛାତ୍ରଛାତ୍ରୀ ମାନସିକ ଓ ଶାରିରୀକ ସ୍ତରରେ ଆଣିବାକୁ କହିଥିଲେ। ବିଭାଗୀୟ ମୁଖ୍ୟ ଡ଼ ଯତିନ ବିଷୋୟୀ ଏଥିରେ ସଭାପତିତ୍ୱ କରି ଭବିଷ୍ୟତ ସୁରକ୍ଷା ବିଷୟରେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ସହାୟକ ଅଧ୍ୟାପକ ପିଙ୍କୁ କୁମାର ସାହୁ, ଆକାଶ କୁମାର ଜେନା, ସ୍ନେହା ସଭା ପରିଚାଳନା କରିଥିଲେ।

## ୪ ମହିଳାଙ୍କୁ ଲୁଟ୍ ଅଳଙ୍କାର ଫେରାଇଲା ପୁଲିସ

ବ୍ରହ୍ମପୁର,୧୪ ।୨(ସମିସ)



**● ପୁଲିସ ସ୍କାନର୍‌ରେ ମାଷ୍ଟର୍‌ମାଇଣ୍ଡ ଯମୁନା ଓ ସହଯୋଗୀ**
**● ୭ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ**

ଗତ କିଛିଦିନ ପୁର୍ବେ ସ୍ଥାନୀୟ ବୈଦ୍ୟନାଥପୁର ଓ ଟାଉନ ଥାନା ଅଞ୍ଚଳରୁ ୪ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟ୍ କରି ନେଇଥିଲେ। ଏଘଟଣାରେ ବ୍ରହ୍ମପୁର ପୁଲିସ ପର୍ଦ୍ଦାଫାସ୍ କରି ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିବାରେ ସଫଳ ହେବା ସହ ଲୁଟ୍ ସୁନା ଅଳଙ୍କାର ଉଦ୍ଧାର କରିଥିଲ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ତିନି ନାମ୍ନୀଧାରୀ କଟକ ଶିଖରପୁର ସବିତା ବେହେରା ଓରଫ ପି.ଯମୁନା ବେହେରା ଓରଫ ପାର୍ବତୀ ନାୟକ(୫୦), ଆସିକାର ଦାସ ରବି(୨୮) ଓ ଯାଜପୁରର ସୁମେନ ପ୍ରଧାନ(୩୬) ରହିଛନ୍ତି। ପୁଲିସ ଏମାନଙ୍କ ନିକଟରୁ ୩ଟି ସୁନା ଚେନ ଓ ଲୁଟ୍ ହୋଇଥିବା ଅନ୍ୟ ସୁନା ଅଳଙ୍କାର ଜବତ କରିଥିଲା। ଶୁକ୍ରବାର ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ଲୁଟର ଶିକାର ହୋଇଥିବା ୪ମହିଳାଙ୍କୁ ଡାକି ଉଦ୍ଧାର ହୋଇଥିବା ସୁନା ଅଳଙ୍କାର ହସ୍ତାନ୍ତର କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଗତ ୮ ତାରିଖ ଦିନ ବଡ ଏକାଦଶୀ ଯୋଗୁଁ କୋର୍ଟପେଟା ଛକ ସ୍ଥିତ ଜଗନ୍ନାଥ ମନ୍ଦିରରେ ବି ଅଧିକ ଭିଡ଼ ରହିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ମହିଳା ସବିତା ବେହେରା ଓରଫ ଯମୁନା ଦୁଇ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲା। ଗଜପତି ନଗର ୧୧ଲାଇନ ନିବାସୀ ବଂଶୀଧର ବକ୍ସିଙ୍କ ମାଆଙ୍କ ବେକରୁ ୪ଭରି ଓଜନର ସୁନା ଓ ଅଯୋଧା ନଗର ନିବାସୀ ନିର୍ମଳା ମିଶ୍ରଙ୍କ ୨ତୋଳାର ସୁନା ଚେନ ଲୁଟ୍ କରିବାରେ ସଫଳ ହୋଇଥିଲା। ସବିତାକୁ ପୁଲିସ ଧରିବା ପରେ ସେ ପ୍ରଥମେ ତାର ପରିଚୟ ପାର୍ବତୀ ନାୟକ ବୋଲି ପୁଲିସକୁ କହିଥିଲା। କିନ୍ତୁ ତାହା ମିଛ ବୋଲି ପୁଲିସ ତଦନ୍ତରେ ଜାଣିଥିଲା। ପରେ ପ୍ରକୃତ ନାମ ସାବିତ୍ରୀ ବେହେରା ଓରଫ ପି.ଯମୁନା ବୋଲି ଜଣାପଡ଼ିଛି। ପୁଲିସ କଟକ ଯାଇ ଯମୁନାଙ୍କ ପୁଅ ସମେତ ସମ୍ପର୍କୀୟଙ୍କୁ ପଚରାଉଚରା ପରେ ପ୍ରକୃତ ନାମ ସାମ୍ନାକୁ ଆସିଥିଲା। ଅଭିଯୋଗକାରୀଙ୍କୁ ନେଇ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ତେବେ ଅଭିଯୁକ୍ତ ଯମୁନାଙ୍କ ଗୋଟିଏ ଗ୍ୟାଙ୍ଗ ରହିଛି। ଏହି ଗ୍ୟାଙ୍ଗ ମନ୍ଦିର ପରିସରରେ ଓ ଏକା ଚାଲି ଯାଉଥିବା ବୃଦ୍ଧା ମହିଳାମାନଙ୍କୁ ଟାର୍ଗେଟ କରି ସୁନା ଅଳଙ୍କାର ଲୁଟ୍ କରନ୍ତି। ଏହି ଗ୍ୟାଙ୍ଗର ସଦସ୍ୟମାନେ ଏବେ ଫେରାର ରହିଛନ୍ତି। ଫେରାର ଅଭିଯୁକ୍ତଙ୍କ ତଥ୍ୟ ପୁଲିସ ହାତରେ ଲାଗିଛି। ସେହିକ୍ରମରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସେହିପରି ଗତ ଜାନୁଆରୀ ମାସରେ ଗାନ୍ଧିନଗର ମୁଖ୍ୟ ରାସ୍ତାରେ ଥିବା ପରମଜ୍ୟୋତି ସିନେମା ହଲ ନିକଟରୁ କେ ଲକ୍ଷ୍ମୀ(୪୩) ନାମକ ଜଣେ ମହିଳାଙ୍କ ବେକରୁ ସୁନା ଅଳଙ୍କାର ଓ ଫେବୃଆରୀ ୧ ତାରିଖରେ ମିଲିଟାରୀ ଲାଇନଅଞ୍ଚଳରେ ଚାଲି ଚାଲି ଯାଉଥିବା ଗୋଲାପଲ୍ଲୀସାହିର ପି ନାଗଲକ୍ଷ୍ମୀ(୪୦)ଙ୍କ ବେକରୁ ସୁନା ହାର ଲୁଟ୍ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୁଲିସ ଆସିକାର ଦାସ ରବି ଓ ଯାଜପୁରର ସୁମେନ ପ୍ରଧାନ ଆଦି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉପରୋକ୍ତ ଘଟଣାରେ ଅନ୍ୟମାନଙ୍କ ମଧ୍ୟ ସଂପୃକ୍ତି ଥିବାବେଳେ ସେମାନଙ୍କୁ ମଧ୍ୟ ପୁଲିସ ତୁରନ୍ତ ଗିରଫ କରିବ ବୋଲି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି। ସହରରେ ସୁନା ଅଳଙ୍କାର ଝାମ୍ପି ନେବା ପୁଲିସ ଲୁଟେରାଙ୍କୁ ଧରିବା ଲାଗି ଏକ ଚ୍ୟାଲେଞ୍ଜ ଥିଲା। କମ ସମୟ ମଧ୍ୟରେ ପୁଲିସ କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି ଲୁଟେରାମାନଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି। ଏଥିଲାଗି ବ୍ରହ୍ମପୁର ପୁଲିସ ଜିଲ୍ଲା ତରଫରୁ ବ୍ରହ୍ମପୁର ଟାଉନ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ, ବୈଦ୍ୟନାଥପୁର ଥାନାଧିକାରୀ ସୁଚିତ୍ରା ପରିଡ଼ା, ଏସଆଇ ରଞ୍ଜିତ ଦାଶ, ବିଭୂତି ଭୂଷଣ ସେଠୀ, ଏଏସଆଇ ବିଜୟକୁମାର ସୁନା ଶଗଡ଼, ଗିରି ଗୋବର୍ଦ୍ଧନ ଜେନା ଓ ହାବିଲଦାର ଜୁବୁଲା ସାମନ୍ତରା ଆଦି ୭ଜଣଙ୍କୁ ପ୍ରଶଂସା ପତ୍ର ଓ ଆୱାର୍ଡ ପ୍ରଦାନ କରାଯାଇଛି।

## ନୂତନ ଭିଜିଲାନ୍ସ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର,୧୪ ।୨(ସମିସ): ବ୍ରହ୍ମପୁର ଭିଜିଲାନ୍ସର ନୂତନ ଏସପି ଭାବେ ପ୍ରଦୀପ କୁମାର ପ୍ରଧାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କଟକ ଭିଜିଲାନ୍ସ ସେଲରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ବ୍ରହ୍ମପୁର କାର୍ଯ୍ୟାଳୟରେ ଅତିରିକ୍ତ ଏସପି ସନ୍ଧ୍ୟାରାଣୀ ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ପ୍ରଧାନ ଜଣେ ଦକ୍ଷ ଅଫିସର ଭାବେ ବେଶ ଜଣାଶୁଣା। ତାଙ୍କ ଦାୟିତ୍ୱ ପରେ ବ୍ରହ୍ମପୁର ଭିଜିଲାନ୍ସ ଦୁର୍ନିତୀକୁ ରୋକିବା ଲାଗି ବହୁ ପଦକ୍ଷେପ ନିଆଯାଇପାରେ ବୋଲି ଆଶା କରାଯାଉଛି।

## ସୌର ଶକ୍ତିଚାଳିତ ହେଲା ଟିପିଏସ୍‌ଓଡିଏଲର ୩ କାର୍ଯ୍ୟାଳୟ

**ଦକ୍ଷିଣ ଓଡ଼ିଶାରେ ସମସ୍ତ କାର୍ଯ୍ୟାଳୟକୁ ସୌରଶକ୍ତି ଚାଳିତ କରିବାକୁ ଯୋଜନା**

ବ୍ରହ୍ମପୁର,୧୪ ।୨(ସମିସ): ସବୁଜ ଶକ୍ତି ଏବଂ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଏହାର ତିନୋଟି କାର୍ଯ୍ୟାଳୟରେ ମୋଟ ୬୨.୭ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି। କମ୍ପାନୀର ହ୍ୟାଣ୍ଡସ ଅନ୍ ଟେକ୍ନିକାଲ ସେଣ୍ଟରରେ ୨୭.୫ କିଲୋୱାଟ, ନରେନ୍ଦ୍ରପୁର ପ୍ରାଇମେରୀ ସବଷ୍ଟେସନରେ ୧୮.୭ କିଲୋୱାଟ ଓ ଭଞ୍ଜବିହାର ପ୍ରାଇମେରୀ ସବଷ୍ଟେସନରେ ୧୬.୫ କିଲୋୱାଟ କ୍ଷମତାର ସୋଲାର ପ୍ଲାଣ୍ଟ ସଂସ୍ଥାପନ ହୋଇଛି। ବ୍ରହ୍ମପୁରର ଆମ୍ବଗଡ଼ ସ୍ଥିତ ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ ସେଣ୍ଟରରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଯୋଗଦେଇ ଆନୁଷ୍ଠାନିକ ଭାବେ ସମ୍ପୃକ୍ତ ସୋଲାର ପ୍ଲାଣ୍ଟକୁ ଚାଲୁ କରିଥିଲେ। ସୌର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ଫଳରେ କମ୍ପାନୀ ପରିବେଶ ଅନୁକୂଳ ବିକଳ୍ପକୁ ଆପଣାଇଛି। ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ ସେଣ୍ଟର, ନରେନ୍ଦ୍ରପୁର ପିଏସଏସ୍ ଓ ଭାଞ୍ଜବିହାର ପିଏସଏସରେ ନୂତନ ଭାବେ ସ୍ଥାପିତ ସୋଲାର ପ୍ୟାନେଲ ଯଥାକ୍ରମେ ମାସିକ ୩୭୦୦ କିଲୋୱାଟ ଆୱାର, ୨୫୨୦ କିଲୋୱାଟ ଆୱାର, ୨୨୨୫ କିଲୋୱାଟ ଆୱାର ବିଜୁଳି ଉତ୍ପାଦନ କରିବ। ଫଳରେ ଆଗାମୀ ୨୫ବର୍ଷ ଭିତରେ ପାଖାପାଖି ୧୭୫୫ ଟନ୍ କାର୍ବନ ନିର୍ଗମନ ହ୍ରାସ ପାଇବ। ଦକ୍ଷିଣ ଓଡ଼ିଶାରେ ଟିପିଏସ୍‌ଓଡିଏଲର ସମସ୍ତ କାର୍ଯ୍ୟାଳୟକୁ ସୌର ଶକ୍ତି ଚାଳିତ କରିବା ପାଇଁ ଏଥିରେ ଯୋଜନା ରହିଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଗର୍ଗ କହିଛନ୍ତି, ଏକ ସବୁଜ ସୁନ୍ଦର ଭବିଷ୍ୟତ ନିର୍ମାଣ ପାଇଁ ଉପଭୋକ୍ତାଙ୍କୁ ସଚେତନ କରିବା ଦିଗରେ ଏହା ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ।



# କୋଟିପତି ଡାଟା ଏଣ୍ଟ୍ରି ଅପରେଟର ଗିରଫ

## ଆୟଠାରୁ ୩ଶହ ପ୍ରତିଶତ ଅଧିକ ସମ୍ପତ୍ତି

ଭୁବନେଶ୍ୱର/ଜୟପୁର, ୧୪।୨(ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ ବତାସନ ପଞ୍ଚାୟତ ଅଫିସର୍ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର୍ (ଏଡିଇଓ) ଏସ. ପାର୍ଥସାରଥି ବିଷୋୟୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଗତକାଲି ଭିଜିଲାନ୍ସ ତାଙ୍କ ବାସଭବନ ସମେତ ୭ଟି ସ୍ଥାନରେ ଚଢ଼ଉ କରିବା ସହ ବିପୁଳ ସଂପତ୍ତି ଠାବ କରିଥିଲା। ତେବେ ଠାବ ସମ୍ପତ୍ତିର ଉତ୍ସ ସଂପର୍କରେ ସେ ହିସାବ ଦେଇନପାରିବାରୁ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କ ସଂପତ୍ତି ଆୟଠାରୁ ୩ଶହ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ କହିଛି।

ଅପରପକ୍ଷେ, ଭିଜିଲାନ୍ସ ଶ୍ରୀ ବିଷୋୟୀଙ୍କ ସମେତ ତାଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

ଗତକାଲି ଭିଜିଲାନ୍ସ ଶ୍ରୀ ବିଷୋୟୀଙ୍କ ବୋରିଗୁମ୍ମା ଚମ୍ପିଆସ୍ଥିତ ବାସଭବନ, ଭାଇଙ୍କ ଘର, ସମ୍ପର୍କୀୟଙ୍କ ଘର, ଚମ୍ପିଆସ୍ଥିତ ସାଇକ୍ରିଷ୍ଣା ଏଣ୍ଟରପ୍ରାଇଜେସ୍, ବୋରିଗୁମ୍ମାସ୍ଥିତ ତିନି ମହଲା କୋଠା, କୋଟପାଡ଼ ବ୍ଲକ ବାଟସାନସ୍ଥିତ ଅଫିସରେ ଚଢ଼ଉ କରିଥିଲା ଟିମ୍। ଚଢ଼ଉ ବେଳେ ଭିଜିଲାନ୍ସ ତାଙ୍କର ୩ଟି ବହୁତଳ କୋଠା, ୧୬ଟି ଦାମୀ ପ୍ଲଟ୍, କାଜୁ ପ୍ରୋସେସିଂ ପ୍ଲାଣ୍ଟ, ୨୮୫ଗ୍ରାମ ସୁନା ଅଳଙ୍କାର, ନଗଦ ୨ଲକ୍ଷ ୪୫ ହଜାର ଟଙ୍କା, ୨ଟି କଂକ୍ରିଟ୍ ମିକ୍ସର୍ ମେସିନ୍ ଆଦି ଠାବ କରିଥିଲା।

# ୧୦ ହଜାର ଲାଞ୍ଚ ନେଇ କନିଷ୍ଠ କିରାଣୀ ଗିରଫ

ଦେବଗଡ଼/ଭୁବନେଶ୍ୱର୧୪।୨(ସମିସ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଦେବଗଡ଼ କଲେଜର କନିଷ୍ଠ କିରାଣୀ ମଞ୍ଜୁଳା ପ୍ରଧାନ। ସାର୍ଟିଫିକେଟ୍ ଦେବା ପାଇଁ ୧୦ ହଜାର ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଛି। ଭିଜିଲାନ୍ସ ତାଙ୍କଠାରୁ କେମିକାଲ ବୋଳା ଲାଞ୍ଚ ଟଙ୍କା ଜବତ କରିବା ସହ ଏନେଇ ମାମଲା ରୁଜୁ



କରି ତାଙ୍କୁ ଗିରଫ କରିଛି। ଜଣେ ପୂର୍ବତନ ଛାତ୍ର ଯୁକ୍ତ ଦୁଇ ସାର୍ଟିଫିକେଟ୍ ପାଇଁ କଲେଜକୁ ବାରମ୍ବାର ଦୌଡୁଥିଲେ। ଏଥିପାଇଁ ମଞ୍ଜୁଲତା ତାଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନଦେଲେ ସାର୍ଟିଫିକେଟ୍ ଦିଆଯିବ ନାହିଁ ରୋକ୍‌ଠୋକ୍ ମନା କରିଦେଇଥିଲେ। ଶେଷରେ ଛାତ୍ରଜଣଙ୍କ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଆଜି ମଞ୍ଜୁଳା ଅଫିସ୍ ଭିତରେ ଲାଞ୍ଚ ଟଙ୍କା ନେଉଥିଲେ। ପୂର୍ବ ଯୋଜନାନୁସାରେ, ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢ଼ଉ କରି ତାଙ୍କୁ ଧରିଥିଲେ। ଅପରପକ୍ଷେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ମଞ୍ଜୁଳାଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଥିଲା।

# ଲାଞ୍ଚ ମାମଲାରେ ପୂର୍ବତନ ଫରେଷ୍ଟର୍‌ଙ୍କୁ ୪ ବର୍ଷ ଜେଲ୍

ଭୁବନେଶ୍ୱର/ସୁନ୍ଦରଗଡ଼, ୧୪।୨(ସମିସ): ଏକ ଲାଞ୍ଚ ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ରାଉଲଡେଗା ବନ ବିଭାଗର ପୂର୍ବତନ ଫରେଷ୍ଟର୍ ଜଗଦୀଶ ପ୍ରଧାନଙ୍କୁ ଜେଲ ଦଣ୍ଡ ମିଳିଛି। ମାମଲାର



ଶୁଣାଣି କରି ସୁନ୍ଦରଗଡ଼ ସ୍ପେଶାଲ ଭିଜିଲାନ୍ସ କୋର୍ଟ ତାଙ୍କୁ ୪ବର୍ଷ ଜେଲ୍ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। କୋର୍ଟ ଏହି ରାୟ ଶୁଣାଇବା ପରେ ଜଗଦୀଶଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ତାଙ୍କର ପେନସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ କମ୍ପିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି। ସୂଚନାନୁଯାୟୀ, ଅଭିଯୋଗକାରୀଙ୍କ ଘର ତଲାସୀ ପରେ ବନ ଅପରାଧ ଅନୁଯାୟୀ ମାମଲା ପଞ୍ଜିକୃତ ନକରିବା ପାଇଁ ଫରେଷ୍ଟର୍ ଶ୍ରୀ ପ୍ରଧାନ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସଙ୍କୁ ଜଣାଇବା ପରେ ଜଗଦୀଶଙ୍କୁ ଲାଞ୍ଚ ନେବା ସମୟରେ ମାଡ଼ି ବସିଥିଲା ଭିଜିଲାନ୍ସ।

# କୋଚିଂ ସେଣ୍ଟର୍ ଏବଂ ଘରୋଇ ହଷ୍ଟେଲ୍ ଉପରେ ଲାଗିବ ରୋକ୍

- ପଞ୍ଜୀକରଣ ବାଧ୍ୟତାମୂଳକ, ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ଲୋଭନୀୟ ପ୍ରତିଶ୍ରୁତି ଦେଲେ ଗଣିବେ ଜରିମାନା, ପଡ଼ିବ ତାଲା
- ୱେବସାଇଟ୍‌ରେ ରହିବ ସମସ୍ତ ବିବରଣୀ
- ସିସିଟିଭି ସହିତ ସୁରକ୍ଷା କର୍ମଚାରୀ ରହିବା ବାଧ୍ୟତାମୂଳକ

ଭୁବନେଶ୍ୱର, ୧୪।୨(ସମିସ): ହୁ'ହୁ' ହୋଇ ବଢୁଥିବା ଘରୋଇ କୋଚିଂ ସେଣ୍ଟର୍ ଏବଂ ହଷ୍ଟେଲ୍ ଉପରେ ଲାଗିବ ରୋକ୍; ବିନା ପଞ୍ଜୀକରଣରେ କେହି ଖୋଲିପାରିବେ ନାହିଁ। ସମ୍ପ୍ରତି କାର୍ଯ୍ୟକ୍ଷମ ଥିବା କୋଚିଂ ସେଣ୍ଟର୍ ଏବଂ ହଷ୍ଟେଲ୍ ମଧ୍ୟ ପଞ୍ଜୀକରଣ କରିବେ। ଅନ୍ୟଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ କଡ଼ା ପଦକ୍ଷେପ ନିଆଯିବ। ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ଲୋଭନୀୟ ବା ମିଥ୍ୟା ପ୍ରତିଶ୍ରୁତି ଏବଂ ମାର୍କ ବା ର୍‍ୟାଙ୍କ୍‌ର ଗ୍ୟାରେଣ୍ଟି ଦେଇପାରିବେନି। ମିଛ ବିଜ୍ଞାପନ ଦେଲେ ବା ମନମାନି କଲେ, ଜରିମାନା ସହ ମାମଲା ହେବ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୁନିଶ୍ଚିତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଏପରି ଏକ ନୂଆ ନିୟମ ଆଣିବାକୁ ଯାଉଛି। ଏନେଇ ସମ୍ପ୍ରତି ବିଭାଗ ପକ୍ଷରୁ ଚିଠା ବିଲ୍ ଆଣିବା ସହ ସମସ୍ତ ଅଂଶୀଦାରଙ୍କଠାରୁ ମତାମତ ଆହ୍ୱାନ କରିଛି। ଆସନ୍ତା ୧୫ ତାରିଖ ମଧ୍ୟରେ ସେମାନଙ୍କ ମତାମତ ptc.section@gmail.comରେ ପଠାଇବାକୁ ବିଜ୍ଞପ୍ତି ଜାରି କରିଛି।

ଚିଠା ବିଲ୍ ଅନୁଯାୟୀ, କୋଚିଂ ସେଣ୍ଟର ଖୋଲିବା ପାଇଁ ପ୍ରଥମେ ଜିଲ୍ଲାପାଳଙ୍କ ନିକଟରେ ପଞ୍ଜୀକରଣ କରାଯିବ। ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଗଢ଼ାହେବ। ସମ୍ପ୍ରତି କାର୍ଯ୍ୟକ୍ଷମ ଥିବା କୋଚିଂ ସେଣ୍ଟର୍‌ଗୁଡ଼ିକ ମଧ୍ୟ ନିୟମ ଲାଗୁ ହେବାର ୬ ମାସ ମଧ୍ୟରେ ଆବେଦନ କରିବେ। ବିନା ପଞ୍ଜୀକରଣରେ କୌଣସି କୋଚିଂ ସେଣ୍ଟର୍ ଖୋଲିପାରିବେ ନାହିଁ। ପଞ୍ଜିକରଣ ଅବଧି ୩ ବର୍ଷ ରହିବ। ଏହା ପରେ ସେମାନେ ନବୀକରଣ କରିପାରିବେ। ସେହିପରି କୋଚିଂ ସେଣ୍ଟର ନିଜର ୱେବସାଇଟ୍ ଖୋଲିବେ। ତହିଁରେ ଶିକ୍ଷକ ଓ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ସମେତ ମୋଟ୍ ଛାତ୍ରଛାତ୍ରୀ ସଂଖ୍ୟା, ହଷ୍ଟେଲ ସୁବିଧା, ପାଠପଢ଼ା ସମୟ, ସମସ୍ତ ପ୍ରକାର ଫି' ସମ୍ପର୍କରେ ଉଲ୍ଲେଖ କରିବେ। ଯଦି କୌଣସି ଛାତ୍ରଛାତ୍ରୀ ନାମଲେଖାର ୩ ମାସ ଭିତରେ କୋଚିଂ ସେଣ୍ଟର ଛାଡ଼ିବାକୁ ଚାହିଁବେ, ତେବେ ପ୍ରୋସେସିଂ ଫି' ବାବଦ ୧ ହଜାର ଟଙ୍କା ରଖି ବାକି ଟଙ୍କା ଫେରସ୍ତ କରାଯିବ। କୌଣସି ସରକାରୀ ଅଧ୍ୟାପକ ବା ଶିକ୍ଷକ ତହିଁରେ ଶିକ୍ଷାଦାନ କରିପାରିବେ ନାହିଁ।

ସେହିପରି କୋଚିଂ ସେଣ୍ଟର୍‌ରେ ପାଠ ପଢ଼ା ପାଇଁ ଜଣକା ଅନ୍ୟୁନ ୧ ବର୍ଗ ମିଟର ସ୍ଥାନ ରହିବା ଆବଶ୍ୟକ। ପର୍ଯ୍ୟାପ୍ତ ଆସବାବପତ୍ର ବା ଗୋଟିଏ ବେଞ୍ଚରେ ସର୍ବାଧିକ ୨ଜଣଙ୍କ ବସିବା ସୁବିଧା ରହିବ। ପିଇବା ପାଣି, ଶୌଚାଳୟ, ବିଦ୍ୟୁତ୍ ଓ ପାର୍କିଂ ବ୍ୟବସ୍ଥା ରହିବା ଆବଶ୍ୟକ। କୋଚିଂ ସେଣ୍ଟର୍‌ରେ ଜରୁରୀକାଳୀନ ଦ୍ୱାର ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବା ବାଧ୍ୟତାମୂଳକ। ପ୍ରତିବର୍ଷ ଅଗ୍ନିଶମ ଅଧିକାରୀ ଏହାକୁ ଯାଞ୍ଚ କରିବେ। ସିସିଟିଭି ସହିତ ସୁରକ୍ଷା କର୍ମଚାରୀ ରହିବା ବାଧ୍ୟତାମୂଳକ। ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ପ୍ରଥମଥର ଧରାପଡ଼ିଲେ, ୨୫ ହଜାର ଜରିମାନା ରଖାଯାଇଥିବାବେଳେ ଦ୍ୱିତୀୟଥର ପାଇଁ ୧ ଲକ୍ଷ ଜରିମାନା ଏବଂ ତୃତୀୟଥର ଧରାପଡ଼ିଲେ ପଞ୍ଜୀକରଣ ବାତିଲ ସହ କୋଚିଂ ସେଣ୍ଟର୍‌ରେ ତାଲା ପଡ଼ିବ। ଅପରପକ୍ଷେ, ସବୁ ବର୍ଗର ଅଂଶୀଦାରଙ୍କ ମତାମତ ପାଇଁ ସମୟ ଅବଧିକୁ ବଢ଼ାଇବାକୁ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

# ନିୟମିତ ଶିକ୍ଷକଙ୍କ ବେତନହାର ଶିକ୍ଷା ସହାୟକଙ୍କ ପାଇଁ ଲାଗୁ ହୋଇପାରିବ ନାହିଁ: ହାଇକୋର୍ଟ

କଟକ, ୧୪।୨(ସମିସ): ନିୟମିତ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ବେତନ ହାରକୁ ଶିକ୍ଷା ସହାୟକମାନଙ୍କ ପାଇଁ ଲାଗୁ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ନିୟମିତ ଶିକ୍ଷକ ଓ ଶିକ୍ଷା ସହାୟକଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ସମାନତା ନାହିଁ। ଯେଉଁଥିପାଇଁ ଉଭୟଙ୍କୁ ସମାନ ଭାବେ ବିବେଚନା କରାଯାଇପାରିବ ନାହିଁ। ଏଭଳି ପରିପେକ୍ଷୀରେ ସମାନ କାମ ସମାନ ବେତନ ପାଇଁ ଶିକ୍ଷା ସହାୟକଙ୍କ ଦାବି ନ୍ୟାୟ ସଂଗତ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ଦୁର୍ଗାପ୍ରସାଦ ତ୍ରିପାଠୀ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରକାଶ କରିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲାରୁ ପ୍ରକାଶ, ଆବେଦନକାରୀମାନେ ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ। ଧାର୍ଯ୍ୟ ସର୍ତ୍ତାବଳୀ ପୂରଣ କରି ନିୟମିତ ଶିକ୍ଷକ ପଦକୁ ଉନ୍ନୀତ ହୋଇଥିଲେ। ହେଲେ ସରକାରଙ୍କ ୧୯୯୭ ନିୟମାବଳୀ ଅନ୍ତର୍ଗତ ନିଯୁକ୍ତ ନିୟମିତ ଶିକ୍ଷକଙ୍କ ଭଳି ସମାନ ବେତନ ହାର ସୁବିଧାସୁଯୋଗ ପ୍ରଦାନ କରାଯାଉନଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ କଂଗ୍ରେସର ପୁରୀ ସଂକଳ୍ପ ପଦଯାତ୍ରା

# ୧୭ ଜଣିଆ କମିଟି ଗଢ଼ିଲେ ଭକ୍ତ

ଭୁବନେଶ୍ୱର,୧୪।୨(ସମିସ): ଆସନ୍ତା ୧୮ ତାରିଖରେ ରାଜ୍ୟ କଂଗ୍ରେସର ଏକ ପଦଯାତ୍ରା ଭୁବନେଶ୍ୱର ବିମାନବନ୍ଦରରୁ ଆରମ୍ଭ ହୋଇ ପୁରୀ ଯାଏଁ ଯିବ। ନବନିର୍ବାଚିତ ପିସିସି ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରି ପୁରୀ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ସଂକଳ୍ପ ପଦଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପଦଯାତ୍ରାକୁ ସୁପରିଚାଳନା କରିବା ପାଇଁ ସେ ୧୭ଜଣିଆ ଏକ ସମନ୍ୱୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ରହିଥିବା ବେଳେ ପୂର୍ବତନ ବିଧାୟକ ମହମ୍ମଦ ମୁକିମ୍, ବିଧାୟକ ରମେଶ ଜେନା, ଦାଶରଥୀ ଗମାଙ୍ଗୋ, ସି.ଏସ୍ ରାଜନ୍ ଏକ୍କା, କାଡ୍ରାକା ଆପଲାସ୍ୱାମୀ, ଅଶୋକ କୁମାର ଦାସ, ସେବା ଦଳ ପୂର୍ବତନ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ସଭ୍ୟ ରହିଛନ୍ତି।

ଅନୁରୂପ ଭାବେ ଉକ୍ତ କମିଟିରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ, ଓଡ଼ିଶା ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ, କଂଗ୍ରେସ ନେତା ବିଶ୍ୱଭୂଷଣ ଦାଶ, ମନୋଜ ଜେନା, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ନେତା ୟାସିର ନୱାଜ ଓ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ପ୍ରମୁଖ ସଦସ୍ୟ ରହିଛନ୍ତି।

# ଷ୍ଟେସନ୍‌ରୁ ୩ ବର୍ଷର ଶିଶୁକୁ ଅପହରଣ; ଜଣେ ଗିରଫ

ବ୍ରହ୍ମପୁର,୧୪।୨(ସମିସ): ବ୍ରହ୍ମପୁର ରେଳ ଷ୍ଟେସନ୍‌ର ୨ ନମ୍ବର ପ୍ଲାଟଫର୍ମରୁ ୩ବର୍ଷର ଶିଶୁକୁ ଅପହରଣ କରିବା ଅଭିଯୋଗରେ ଜିଆରପି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ଗୁଡସ୍ ସେଡ୍ ରୋଡର ଲିଙ୍ଗରାଜ ମିଶ୍ର(୪୨)। ଖଲ୍ଲିକୋଟ ଅଞ୍ଚଳର ଜଣେ ମହିଳା ନିଜ ୩ବର୍ଷର ଶିଶୁକୁ ଧରି ଗତକାଲି ରାତିରେ ବ୍ରହ୍ମପୁର ଷ୍ଟେସନ୍‌ର ପ୍ଲାଟଫର୍ମରେ ଶୋଇଥିଲେ। ହେଲେ ୪ ଘଣ୍ଟା ପରେ ଶିଶୁଟି ତାଙ୍କ ପାଖରେ ନଥିବା ମହିଳାଜଣଙ୍କ ଜାଣିବାକୁ ପାଇଥିଲେ। ଏ ସଂପର୍କରେ ସେ ଜିଆରପିକୁ ଖବର ଦେଇଥିଲେ। ଏପଟେ ବିଳମ୍ବିତ ରାତିରେ ଗୁଡସ୍‌ସେଡ୍ ରୋଡ୍ ନିକଟରେ ଥିବା ଏକ ମନ୍ଦିର ପାଖରେ ଜଣେ ଶିଶୁ କାନ୍ଦୁଥିବାରୁ ଲୋକମାନେ ତା' ନିକଟକୁ ଯାଇ ଦେଖିବା ବେଳେ ଅଭିଯୁକ୍ତ ଲିଙ୍ଗରାଜ ଏହି ଶିଶୁଟିକୁ ଧରିଥିବା ଜଣାପଡ଼ିଥିଲା। ସ୍ଥାନୀୟ ଲୋକେ ଲିଙ୍ଗରାଜକୁ ମାଡ଼ ମାରିବା ସହ ଜିଆରପିକୁ ଖବର ଦେଇଥିଲେ।



## ସମ୍ପତ୍ତି ବିବାଦରୁ ବଡ଼ଭାଇକୁ ଆକ୍ରମଣ; ୨ ଭାଇ ଗିରଫ

ଭଞ୍ଜନଗର,୧୪।୨(ସମିସ): ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ। ଆଉ ଏହି କାରଣକୁ ନେଇ ସାନ ଦୁଇ ଭାଇଙ୍କ ଆକ୍ରମଣରେ ବଡଭାଇ ଲହୁ ଲୁହାଣ। ଶେଷରେ ଭାଉଜଙ୍କ ଏତଲା ଆଧାରରେ ୨ ଦିଅରକୁ ଗିରଫ କରି କୋର୍ଟ ଚାଲାଣ କରିଛି ତାରା ସିଂ ପୁଲିସ। ଗିରଫ ଦୁଇଭାଇ ହେଲେ ଅଶାନ୍ତ ବେହେରା ଓ ସନ୍ତୋଷ ବେହେରା। ତାରାସିଂ ଥାନା ଅଧିକାରୀ ରେବତୀ ଶବରଙ୍କ ସୂଚନା ପ୍ରକାରେ ଏହି ଥାନା ଅନ୍ତର୍ଗତ ଗାଲେରୀ ଫାଣ୍ଡି ଇଲାକାର ବଦାଙ୍ଗୀ ଗ୍ରାମର ବିଶ୍ୱନାଥ ବେହେରା ଏବଂ ତାଙ୍କର ଦୁଇ ଭାଇ ଅଶାନ୍ତ ଓ ସନ୍ତୋଷଙ୍କ ମଧ୍ୟରେ ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଲାଗିରହିଥିବା ବେଳେ ଗତ ୧୨ ତାରିଖ ବିଳମ୍ବିତ ରାତିରେ ବିଶ୍ୱନାଥଙ୍କ ୨ ସାନ ଭାଇ ଅତର୍କିତ ବଡଭାଇ ଉପରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ବିଶ୍ୱନାଥଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଉ ସେ ସାମାନ୍ୟ ସୁସ୍ଥ ହେବା ପରେ ବିଶ୍ୱନାଥଙ୍କ ପତ୍ନୀ ମାଳତୀ ବେହେରା ଶୁକ୍ରବାର ତାରା ସିଂ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ।

## ଘରୁ ୧୦ ଭରି ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ଟଙ୍କା ଚୋରି

ବ୍ରହ୍ମପୁର ୧୪/୨(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ପଲ୍ଲୀଗୁମୁଳା ଗ୍ରାମର ଆର. ବୈରାଗୀ ରେଡିଙ୍କ ଘରୁ ଟଙ୍କା ଓ ସୁନା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ବୈରାଗୀଙ୍କ ପରିବାର ଲୋକେ ରାତିରେ ଖାଇ ଶୋଇଥିବା ବେଳେ ଶୁକ୍ରବାର ସକାଳୁ ଉଠି ଦେଖିବା ବେଳକୁ ବାରିପଟ ଗ୍ରିଲ ଏବଂ କବାଟ ଖୋଲା ରହିଥିଲା। ଘରୁ ୧୦ ଭରି ସୁନା ଗହଣା, ରୁପା ପାଉଚି, ମୁଦି, ନଗଦ ଟଙ୍କା ୧ଲକ୍ଷ ୫୦ ହଜାର ଟଙ୍କା ଆଦି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

● ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟ ପାଇଖାନାରେ ନାବାଳିକାର ପ୍ରସବ

## ଅଭିଯୁକ୍ତ ଯୁବକ ଗିରଫ

ଦାରିଙ୍ଗବାଡି,୧୪।୨(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନାବାଳିକା ଶିଶୁକୁ ଜନ୍ମ ଦେବା ଘଟଣାରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଦାରିଙ୍ଗବାଡ଼ି ଥାନା ଦେନେକବାଡି ପଞ୍ଚାୟତ ଶିରିପାକାଲି ଗ୍ରାମର ଦୁଃଶାସନ ପ୍ରଧାନ (୨୧) ବୋଲି ଥାନା ଅଧିକାରୀ କନକ କୁମାର ମାଝୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ନାବାଳିକା ଗର୍ଭବତୀ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରସବ କରିବା ପାଇଁ ଆସିଥିବା ବେଳେ ଡାକ୍ତରଙ୍କୁ ପରାମର୍ଶ ନ କରି ଅନ୍ତଃବିଭାଗରେ ଥିବା ଶୌଚାଳୟରେ ଏକ ଶିଶୁକୁ ପ୍ରସବ ଦେଇ ପ୍ୟାନ ଭିତରେ ପୂରେଇବାକୁ ଚେଷ୍ଟା କରିଥିଲେ। ହେଲେ ପ୍ୟାନ ଭିତରେ ଶିଶୁର ମୁଣ୍ଡ ଅଟକି ଯାଇଥିବା ଯୋଗୁଁ ନାବାଳିକା ଜଣକ ଡାକ୍ତରଖାନା କର୍ମଚାରୀଙ୍କୁ ଉକ୍ତ ଘଟଣା ବିଷୟରେ କହିଥିଲେ। ଏହା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାରିଙ୍ଗବାଡି ଅଗ୍ନିଶମ ବିଭାଗକୁ ଫୋନରେ ଜଣାଇଥିଲେ। ଅଗ୍ନିଶମ ବିଭାଗ ପ୍ୟାନରେ ଫଶି ରହିଥିବା ଶିଶୁକୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଶିଶୁର ମୃତ୍ୟୁ ହୋଇଯାଇଥିଲା।

## ବିଦ୍ୟୁତ୍ ନ ଥିଲେ ବ୍ୟାଙ୍କ୍ କାରବାର ଅଚଳ

ଗୋଷାଣି,୧୪।୨(ସମିସ): ଗଜପତି ଜିଲ୍ଲାରେ ଘୋଷିତ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ଶୁକ୍ରବାର ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ପାଇଁ ଘୋଷଣା ହୋଇଥିଲା। ସନ୍ଧ୍ୟା ୬ଟାରେ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ଦିନ ତମାମ ବିଦ୍ୟୁତ୍ କାଟ୍ ଯୋଗୁଁ ନାନାଦି ସମସ୍ୟା ଦେଖା ଦେଇଥିବା ବେଳେ ଗୋଷାଣି ବ୍ଲକ ସଦରମହକୁମାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ କାରବାର ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଏହି ବ୍ୟାଙ୍କରେ ଜେନେରେଟର୍ ବ୍ୟବସ୍ଥା ନ ଥିବା ଯୋଗୁଁ ଏପରି କାରବାର ବନ୍ଦ ଥିବା ଜଣାପଡିଛି। ଏଥିନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ଜଣେ ମହିଳା ଝିଅର ବାହାଘର ପାଇଁ ଟଙ୍କା ଉଠାଣ ପାଇଁ ଆସିଥିଲେ। କାରବାର ହେଉ ନ ଥିବା ଦେଖି ନିରାଶ ହୋଇ ଫେରିଥିଲେ। ଜେନେରେଟର୍ ବ୍ୟବସ୍ଥା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି ବୋଲି ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ସ୍ୱଷ୍ଟିକରଣ ଦେଇଛନ୍ତି।

## ମଦ ଜବତ; ଫେରାର ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୪।୨(ସମିସ): ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମର ଅଶୋକ ସାହୁଙ୍କୁ ଶୁକ୍ରବାର କେ.ନୂଆଗାଁ ଥାନା ନୂଆପଡ଼ା ପୁଲିସ ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଥାନା ମାମଲା ନଂ.୬୧/୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟାରେ କେ.ନୂଆଗାଁ ଥାନା ଏଏସଆଇ ସିଏଚ୍. ତାରକେଶ୍ୱର ରାଓ ସଦଳବଳେ ଗୌଡ଼ ଗାଁ, ନୂଆପଡ଼ା, ଦାଉଣୀ, ଗଡଗୋବିନ୍ଦପୁର ପ୍ରଭୃତି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ବିଜୟ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ବେଆଇନ ଭାବେ ରନ୍ଧା ଦେଶୀମଦ ବିକ୍ରି ହେଉଥିବା ଖବର ପାଇ ଅତର୍କିତ ଚଢ଼ଉ କରିଥିଲେ। ଅଶୋକ ଏବଂ ତାଙ୍କ ସହଯୋଗୀ ତ୍ରିଲୋଚନ ସାହୁ ବେଆଇନ ଭାବେ ଗାଁରେ ମଦ ବିକ୍ରି କରୁଥିବା ବେଳେ ପୁଲିସ ଗାଡି ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେଠାରୁ ପୋଲିସ ଏଏସଆଇ ୩ଟି ପ୍ଲାଷ୍ଟିକ ଜାରକିନରେ ଥିବା ୩୦ ଲିଟର ଅପମିଶ୍ରିତ ଦେଶୀମଦ ଜବତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ଅଭିଯୁକ୍ତ ଦ୍ୱୟଙ୍କ ନାଁରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସଆଇ ଜଗବନ୍ଧୁ ବାର୍ଲା ଶୁକ୍ରବାର ସକାଳେ ମଦ ଜବତ ମାମଲାରେ ଫେରାର ଥିବା ଅଭିଯୁକ୍ତ ଅଶୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଆରମ୍ଭରୁ ଆମ୍ବୁଲାନ୍ସ ଓ ଏକ୍ସ-ରେ ମେସିନ୍ ଅଚଳ

କବିସୂର୍ଯ୍ୟନଗର,୧୪।୨(ସମିସ)




### ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଅଚଳାବସ୍ଥା: ପାଳିରେ ଚାଲିଛି ରୋଗୀସେବା

କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ଗାଁ ଲୋକ ନିର୍ଭରଶୀଳ। କିନ୍ତୁ ପରିତାପର ବିଷୟ ଦୀର୍ଘ ୩୦ ବର୍ଷ ହେଲା ଏଠି ରୋଗୀସେବା ଲୋକେ ପାଇ ପାରୁନାହାନ୍ତି। କେବଳ ଛତୁ ଫୁଟିଲା ଭଳି ମେଡ଼ିସିନ ଷ୍ଟୋର ଖୋଲିଛି। ବାହାର ଫାର୍ମାସିଷ୍ଟ ସାର୍ଟିଫିକେଟ ନାଁରେ ଏଠି ଦୋକାନ ଚାଲିଛି। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଦୋକାନୀ ଔଷଧ ଦୋକାନୀଙ୍କ ଔଷଧ ଉପରେ ଜ୍ଞାନ ନାହିଁ। କିନ୍ତୁ ଡାକ୍ତର ଭଳି ରୋଗୀଙ୍କୁ ସେମାନେ ପରୀକ୍ଷା, ନିରୀକ୍ଷା କରିବା ସହ ଔଷଧ, ଇଞ୍ଜେକ୍ସନ ଦେଉଛନ୍ତି। ଦେଖିବାକୁ ଗଲେ ଔଷଧ ଦୋକାନୀ ତାଙ୍କର ଡାକ୍ତର ଓ ସେମାନେ ହିଁ ଏକମାତ୍ର ଭରସା। ସ୍ୱାସ୍ଥ୍ୟକେନ୍ଦ୍ର ରୂପାନ୍ତିକରଣ ହେବା ସହ ଭିତ୍ତିଭୂମିର ବିକାଶ କିଛିଟା ସମ୍ଭବ ହୋଇଛି। ଏଠି ସାତ ଜଣ ଡାକ୍ତର ଓ ଦୁଇ ସ୍ପେଶାଲିଷ୍ଟ ନିଯୁକ୍ତି ପାଇଛନ୍ତି ସତ। କିନ୍ତୁ ସକାଳେ ଦୁଇଘଣ୍ଟା ୧୦ରୁ ୧୨ଟା ଓ ଉପରବେଳା ୪ରୁ ୬ ଟା ଡାକ୍ତର ପାଳି କରି ଆସନ୍ତି। ଦୁଇ ସ୍ପେଶାଲିଷ୍ଟ ଜଏନ ପରଠୁ ଆସୁନାହାନ୍ତି ଜଣେ ସିନିଅର ରେସିଡେନ୍ସ କାରଣରୁ ଅନ୍ୟଜଣେ ମୂଳରୁ ଆସୁନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଆଠଗଡ଼, ବୁଢ଼ାମ୍ବ, ଏ. ବରିଡା ଓ କବିସୂର୍ଯ୍ୟନଗର ଅର୍ବାନ ପିଏଚସି ଚାଲିଛି ନାମକୁ ମାତ୍ର। ଗତବର୍ଷ ତତ୍କାଳୀନ ଆସିକା ବିଧାୟିକା ଏ. ବରିଡା ପିଏଚସି ଉଦଘାଟନ କଲେ ସତ, କିନ୍ତୁ ଉଦଘାଟନ ପରଠୁ ଭଡାଘରେ ଚାଲିଛି ରୋଗୀସେବା। କ୍ୱାର୍ଟର ଅଭାବରୁ ଷ୍ଟାଫ କ୍ୱାଟରରେ ରହୁଛନ୍ତି ଡାକ୍ତର। ଅବସର ନେଇଥିବା ଫାର୍ମାସିଷ୍ଟ କ୍ୱାର୍ଟରରେ ହିଁ ରହି ଜରୁରୀକାଳୀନ ସେବା ଯୋଗାଇ ଦେଉଛନ୍ତି। ଦୁଇ ଫାର୍ମାସିଷ୍ଟ ଜାଗାରେ ଜଣେ, ୬ ଜଣ ନର୍ସ ଜାଗାରେ ତିନି, ଡିଡିସି ଦୁଇ ଜାଗାରେ ଜଣେ, ଆଟେଣ୍ଡାଣ୍ଟ ତିନି ଜାଗାରେ ଦୁଇ କାର୍ଯ୍ୟରତ। ଦୁଇ ବର୍ଷରୁ ଅଧିକ ହେଲାଣି ଏକ୍ସରେ ମେସିନ ଓ ଆମ୍ବୁଲାନ୍ସ ଅଚଳ। ସେହିପରି ରେଡ଼ିଓଗ୍ରାଫି କର୍ମଚାରୀ ବସି ବସି ଦରମା ନେଉଛନ୍ତି। ପ୍ରସୁତି ବିଭାଗ ଓ ଓଟି କାମ କରୁନି। ତେଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି






ବ୍ରହ୍ମପୁର,୧୪।୨(ସମିସ): ଓଡିଶା ବାଟାଲିଅନ ଏନସିସି ଆର୍ମି ସଂଯୋଜନାରେ ଏନସିସି ଆର୍ମି ଏବଂ ନାଭାଲ ଏନସିସି- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏବଂ ସାତ୍ତ୍ୱିକ ସୋଲ୍ ଫାଉଣ୍ଡେସନର ସହଯୋଗରେ ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ଏକ ସହିଦ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ କ୍ୟାପଟେନ ଯତୀନ ବିଷୋୟୀ, ସୁବେଦାର ମେଜର କାଳୁରାମ, ସୁବେଦାର ଦେବେନ୍ଦ୍ର ଥାପା, ହାବିଲଦାର ଅମରଜିତ୍ ସିଂ, ସାତ୍ତ୍ୱିକ ସୋଲ ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ଭାରତ ଗୌରବ ଦାଶ ଉପସ୍ଥିତ ଥିଲେ। ସେହିଭଳି ମୀନାକ୍ଷୀନଗର ସ୍ଥିତ ଜାଭିୟର୍ସ ସ୍କୁଲ ତରଫରୁ ରାମଲିଙ୍ଗେଶ୍ୱର ପାର୍କ ସମ୍ମୁଖ୍ୟ ରାସ୍ତାରେ ଛାତ୍ରଛାତ୍ରୀଙ୍କଙ୍କ ଦ୍ୱାରା ପ୍ଲାଗ କାର୍ଡ ମାଧ୍ୟମରେ ସଚେତନତା ପୂର୍ବକ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅଧକ୍ଷ କାହ୍ନୁ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାଇଡ ଶିକ୍ଷୟତ୍ରୀ ରଶ୍ମିତା ଦଳାଇଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଅନୁରୂପ ଭାବେ ଏମକେସିଜି ମେଡ଼ିକାଲ କଲେଜ ଛକଠାରେ ଟିମ କ୍ଲିନ ସିଟି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଟିମ୍‌ର ସଦସ୍ୟମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

## ହତ୍ୟା ଉଦ୍ୟମ ମାମଲାରେ ଦମ୍ପତି ଗିରଫ

ଦିଗପହଣ୍ଡି,୧୪।୨(ସମିସ): ଦିଗପହଣ୍ଡି ଥାନା ନରେନ୍ଦ୍ରପୁର ଗ୍ରାମର ଏକ ହତ୍ୟା ଉଦ୍ୟମ ମାମଲାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଦିଗପହଣ୍ଡି ଥାନା ମାମଲା ନଂ. ୬୭/୨୫ ପ୍ରକାରେ ଅଭିଯୁକ୍ତ ସ୍ୱାମୀ କୁରେଶୁ ନାଇକ ଓ ସ୍ତ୍ରୀ ରୀତା ନାଇକଙ୍କ ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନରେନ୍ଦ୍ରପୁର ଗ୍ରାମର ବଙ୍ଗାଳି ନାଇକ ଓ ଅଭିଯୁକ୍ତ କୁରେଶୁ ନାଇକ ଦୁଇ ଭାଇ ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ସମ୍ପତ୍ତି ଗତ ବିବାଦକୁ ନେଇ ଶତୃତା ଲାଗି ରହିଥିଲା। ଗତ ୩ ତାରିଖ ସକାଳେ ବାପାଙ୍କ ଶୁଦ୍ଧିକ୍ରିୟା ଖର୍ଚ୍ଚକୁ ନେଇ ଦୁଇ ଭାଇଙ୍କ ପରିବାର ମଧ୍ୟରେ କଥା କଟାକଟି ହୋଇ ଉଗ୍ରରୂପ ନେଇଥିଲା। କୁରେଶୁଙ୍କ ସ୍ତ୍ରୀ ରୀତା ଏକ ଠେଙ୍ଗାରେ ବଙ୍ଗାଳିଙ୍କୁ ଆକ୍ରମଣ କରିଥିବାବେଳେ କୁରେଶୁ ଏକ କାତିରେ ବଙ୍ଗାଳିଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ବଙ୍ଗାଳି ତଳେ ପଡିଯିବା ପରେ ଦୁଇ ଅଭିଯୁକ୍ତ ସେଠାରୁ ଚାଲି ଯାଇଥିଲେ। ଲୋକେ ଆହତ ବଙ୍ଗାଳିଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଗୁରୁବାର ବଙ୍ଗାଳିଙ୍କ ଏତଲା ଭିତ୍ତିରେ ପୋଲିସ ମକଦ୍ଦମା ରୁଜୁ କରି ଅଭିଯୁକ୍ତ ସ୍ୱାମୀ, ସ୍ତ୍ରୀଙ୍କୁ ତଦନ୍ତକାରୀ ଅଧିକାରୀ ଏସଆଇ ଜ୍ୟୋତି ରଞ୍ଜନ ବେହେରା କୋର୍ଟଚାଲାଣ କରିଥିବା ଜଣାପଡିଛି।

# ପୋଲକାଶୁଣି ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ସୋରଡ଼ା,୧୪।୨(ସମିସ): ସୋରଡା ବ୍ଲକ ବଡଗଡ଼ ଗ୍ରାମରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ପୋଲକାଶୁଣିଙ୍କ ଯାତ୍ରା ପାଇଁ ଶୁଭଖୁଣ୍ଟ ସ୍ଥାପନ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ମା'ଙ୍କ ମନ୍ଦିରରୁ ଆଜ୍ଞା ମାଳ ପାଇ ଯାତ୍ରା ପାଇଁ ପ୍ରାକ୍ ପ୍ରସ୍ତୁତି ସହ ଶୁଭଖୁଣ୍ଟି ସ୍ଥାପନ ଯଥା ରୀତିନୀତି ପୂର୍ବକ କରାଯାଇଛି। ସନ୍ଧ୍ୟାରେ ବହୁତ ଧୁମଧାମରେ ଆଜ୍ଞା ମାଳ ବିଜେ ଧଣ୍ଡା ବାଉଁଶକୁ ବଡଗଡ଼ ବଡଦାଣ୍ଡ ସହିତ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇଛି। ଆସନ୍ତା ମାର୍ଚ୍ଚ ୧୮ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ବିରାଜ କରାଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବ। ଗ୍ରାମ୍ୟ କମିଟିର ବରିଷ୍ଠ ସଦସ୍ୟ ରାଧାମୋହନ ସ୍ୱାଇଁ, ଜୟରାମ ମହାନ୍ତି, ହରିହର ରଥ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।



## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

କୋଦଳା,୧୪।୨(ସମିସ): ଶୁକ୍ରବାର ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଶ୍ରୀ ଭଗବାନ ପୂଜାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଥାନାର କାର୍ଯ୍ୟରତ ଅଧିକାରୀ ଅନିଲ କୁମାର ପରିଡାଙ୍କ ଭୁବନେଶ୍ୱର କମିଶନରେଟ ମୁଖ୍ୟାଳୟକୁ ବଦଳି ହୋଇଛି। ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଥାନା ଅଧିକାରୀ ଶ୍ରୀ ପୂଜାରୀଙ୍କୁ ଥାନା ପରିସରରେ ଶ୍ରୀ ପରିଡା ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ। ଆଗକୁ ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ସେ ବିହିତ ପଦକ୍ଷେପ ନେବା ସହିତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ବିଶେଷ ଦୃଷ୍ଟି ଦେବେ ବୋଲି କହିଛନ୍ତି ଶ୍ରୀ ପୂଜାରୀ। ପୂର୍ବରୁ ସେ ଫୁଲବାଣୀ ଜିଲ୍ଲାରେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଛନ୍ତି।



## ରଶ୍ମିରଞ୍ଜନୀଙ୍କୁ ନ୍ୟାୟ ଦାବିରେ ମହମବତି ଶୋଭାଯାତ୍ରା

ପାରଳାଖେମୁଣ୍ଡି,୧୪।୨(ସମିସ): ପାରଳାଖେମୁଣ୍ଡିର ସାମ୍ବାଦିକ କୁଞ୍ଜବିହାରୀ ବଡକୁମରଙ୍କ ଝିଅ ରଶ୍ମିରଞ୍ଜନୀଙ୍କୁ ଯୌତୁକଜନିତ ହତ୍ୟା ଘଟଣାର ସଠିକ୍ ତଦନ୍ତ କରାଯିବା ଏବଂ ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡବିଧାନ ଦେବା ଦାବିରେ ଶୁକ୍ରବାର ସନ୍ଧ୍ୟାରେ ଏକ ମହମବତି ଶୋଭାଯାତ୍ରା ହୋଇଥିଲା। ମୃତ ରଶ୍ମିଙ୍କୁ ନ୍ୟାୟ ଦେବାକୁ ହେଲେ ଅଭିଯୁକ୍ତଙ୍କୁ କୋଠରରୁ କଠୋର ଦଣ୍ଡବିଧାନ ଦେବା ସହ ଯୌତୁକଜନିତ ହିଂସା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନାରୀଙ୍କ ସୁରକ୍ଷା ଦେବା ଆଦି ସ୍ଲୋଗାନ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ରଶ୍ମିରଞ୍ଜନୀ ଚନ୍ଦ୍ରପୁରର କନଷ୍ଟେବଲ ଭାବେ କାର୍ଯ୍ୟରତ ଦେବାଶିଷ ମାଝୀଙ୍କୁ ୭ମାସ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ଦେବାଶିଷଙ୍କ ସମେତ ତାଙ୍କ ପରିବାରବର୍ଗ ଅଧିକ ଯୌତୁକ ଦାବି କରି ଆସୁଥିଲେ। ଗୁଣୁପୁରରେ ଏକ ଭଡାଘରେ ରଶ୍ମିରଞ୍ଜନୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଗତ ୯ ତାରିଖ ଦିନ ରଶ୍ମିରଞ୍ଜନୀଙ୍କୁ ତାଙ୍କ ସ୍ୱାମୀ, ଶାଶୁ ଓ ଶଶୁର, ତିନି ନଣନ୍ଦ ଓ ଦୁଇ ମାଉସୀ ଶାଶୁଙ୍କୁ ମିଶାଇ ମୋଟ ୮ ଜଣଙ୍କ ବିରୁଦ୍ଧରେ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ସ୍ୱାମୀ ଦେବାଶିଷ, ଶାଶୁ ଚନ୍ଦ୍ରମା ଓ ଶଶୁର ଶରତଙ୍କୁ ଗିରଫ କରିଥିଲା।

## ସରକାରୀ କାର୍ଯ୍ୟକ୍ରମ ପାଇଁ ବନ୍ଦ ହେଲା ସ୍କୁଲ ପାଠପଢ଼ା

କବିସୂର୍ଯ୍ୟନଗର,୧୪।୨(ସମିସ): ୧୧ ଫେବୃଆରୀ ମଙ୍ଗଳବାର ଦିନ ଥିଲା ସରକାରୀ କାର୍ଯ୍ୟ ଦିବସ। ହେଲେ କବିସୂର୍ଯ୍ୟନଗର ସହରରେ ଥିବା ମର୍ଦ୍ଦରାଜ ହାଇସ୍କୁଲରେ ଭିନ୍ନକ୍ଷମ ଶିବିର କରିବା ପାଇଁ କବିସୂର୍ଯ୍ୟନଗର ବିଡ଼ିଓ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖିଲେ। ବିଡ଼ିଓଙ୍କ ଚିଠିକୁ ନେଇ ସେଦିନ ବିଦ୍ୟାଳୟକୁ ବନ୍ଦ କରିଦେଲେ ପ୍ରଧାନଶିକ୍ଷକ। ଯେଉଁ ଚିଠିରେ ବିଦ୍ୟାଳୟ ବନ୍ଦ ପାଇଁ କିଛି ଲେଖା ହୋଇ ନ ଥିବା ଜଣାଯାଇଛି। ଏଠି ପ୍ରଶ୍ନ ଉଠୁଛି କିଏ ଦେଲା ଆଦେଶ ବିଦ୍ୟାଳୟ ବନ୍ଦ ପାଇଁ..? ବିଡ଼ିଓ ଚିଠିରେ ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ କି? ବିଦ୍ୟାଳୟ ବନ୍ଦ କରିବା କ୍ଷମତା ବିଡିଓଙ୍କ ରହିଛିକି? ଶିକ୍ଷା ଅଧିକାର ଆଇନ କହୁଛି କି କାର୍ଯ୍ୟ ଦିବସରେ ବିଦ୍ୟାଳୟ ବନ୍ଦ କରି ସରକାରୀ କାର୍ଯ୍ୟକ୍ରମ କରିବାକୁ? ଏଭଳି ନାନା ପ୍ରଶ୍ନ ଲୋକଙ୍କ ମନରେ ଉଠୁଥିବା ବେଳେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖୋଦ ଶିକ୍ଷା ଅଧିକାରୀ ଉପସ୍ଥିତ ଥାଇ କାହିଁକି ପ୍ରଧାନ ଶିକ୍ଷକଙ୍କୁ ପଦେ ପଚାରିଲେନି ତାହାକୁ ନେଇ ପ୍ରଶ୍ନ। ସେହିପରି ବିଡ଼ିଓ କାର୍ଯ୍ୟକ୍ରମ କରୁଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ବିଧାୟକ। ଏପରିକି କୁହାଯାଉଛି ସବୁ ଜାଣି ନୀରବଦ୍ରଷ୍ଟା ସାଜିଲେ ସମସ୍ତେ।

ସରକାରୀ ନିୟମ କହୁଛି ବିଦ୍ୟାଳୟରୁ ପିଲା କେବେ ଭୋକରେ ଯିବେନି। ଜାତୀୟ ଦିବସ ପାଳନ ଦିନ ବି ପିଲା ବିଦ୍ୟାଳୟରେ ଖାଇବେ। କିନ୍ତୁ ସେ ଦିନର ଖାଦ୍ୟ ଏବେ କୁଆଡେ ଯିବ? ଅନ୍ୟ ପକ୍ଷରେ କୁହାଯାଉଛି ଯେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିୟନ୍ତ୍ରଣରେ ରହିଛି ହାଇସ୍କୁଲ। କିନ୍ତୁ ତାଙ୍କ ବିନା ଆଦେଶରେ ବିଦ୍ୟାଳୟ ବନ୍ଦ ହୋଇପାରିବ ନାହିଁ ନିୟମ ରହିଛି। କାହା ଚାପରେ ଚେପା ହେଲେ ପ୍ରଧାନ ଶିକ୍ଷକ.. କିଏ ଦେଲା ଆଦେଶ ପିଲାଙ୍କୁ ଖାଦ୍ୟ ବନ୍ଦ ପାଇଁ ତାହାର ତଦନ୍ତ ଦାବି ହୋଇଛି।

### ପାଳିରେ ପାଳି...'ଠେଙ୍ଗା ପାଳି'

# ଉଜୁଡ଼ା ଜଙ୍ଗଲ ସଜାଡ଼ି ଦେଲେ ଗାଁ ଲୋକେ

ଭଞ୍ଜନଗର,୧୪।୨(ସମିସ)

ଦିନଥିଲା, ଘଞ୍ଚ ଜଙ୍ଗଲ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। କେବଳ ଦାନ୍ତକାଠି ଜଙ୍ଗଲ ଭାବେ ଦେଖାଯାଉଥିଲା। ପରବର୍ତ୍ତୀ ସମୟରେ ବନବିଭାଗ ସହଯୋଗରେ ବନ ସଂରକ୍ଷଣ ସମିତି ଗଠନ କରି, ଉଜୁଡା ଜଙ୍ଗଲକୁ ସଜାଡ଼ିବା ଆରମ୍ଭ କଲେ ଗ୍ରାମବାସୀ। ଦୀର୍ଘବର୍ଷ ପରେ ଏବେ ତାହା ପୁଣି ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି। ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି ଗାଁ ଲୋକେ। ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବାକୁ ସମସ୍ତେ ପ୍ରୟାସ କରୁଛନ୍ତି। ସେଥିପାଇଁ ଗାଁ ଲୋକେ ପାଳି କରି ଜଙ୍ଗଲ ଜଗୁଛନ୍ତି। ହାତରେ ଠେଙ୍ଗା ଧରି ପ୍ରହରା ଦେଉଛନ୍ତି। ସେଥିପାଇଁ ତାଙ୍କର ଏହି ଦାୟିତ୍ୱକୁ ନାମକରଣ କରିଛନ୍ତି, "ଠେଙ୍ଗା ପାଳି'। ଯାହାକୁ ନେଇ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଚର୍ଚ୍ଚାରେ ରହିଛନ୍ତି ଗାଁ ଲୋକେ। ଏ ହେଉଛି ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ କଣ୍ଟେଇପଲ୍ଲୀ ଗାଁ ଲୋକଙ୍କ ନିଆରା ଉଦ୍ୟମ। ଗତ ପ୍ରାୟ ୨୦ବର୍ଷ ହେଲା ସାମୂହିକ ଭାବେ, ଏଭଳି କାର୍ଯ୍ୟକରି ଆସୁଛନ୍ତି ଏହି ଗାଁ ଲୋକେ। ତାହା ପୁଣି ବିନା ପାରିଶ୍ରମିକରେ। ଏବେ ସମସ୍ତଙ୍କ ଗୋଟିଏ ଚିନ୍ତା, ଗାଁ ଜଙ୍ଗଲ କିଭଳି ସୁରକ୍ଷିତ ରହିବ। ଜଙ୍ଗଲରେ କିଭଳି ନିଆଁ ନ ଲାଗିବ। ଭଞ୍ଜନଗର – ବ୍ରହ୍ମପୁର ରାସ୍ତାର କଣ୍ଟେଇପଲ୍ଲୀକୁ ଲାଗି ରହିଥିବା ଘଞ୍ଚ ଜଙ୍ଗଲଟି। ପ୍ରଥମେ କାଠ-ମାଫିଆଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ପରେ ପରେ ୧୯୯୦ ମସିହା ପରଠାରୁ, ବନବିଭାଗ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଚାରାରୋପଣ କରାଗଲା। ବନ ସୁରକ୍ଷା ସମିତିର ସଭାପତି ଶରତ ସ୍ୱାଇଁଙ୍କ ନେତୃତ୍ୱରେ କଣ୍ଟେଇପଲ୍ଲୀ ଗାଁ ଲୋକେ ଜଙ୍ଗଲର ସୁରକ୍ଷା ଦାୟିତ୍ୱ, ନିଜ ହାତକୁ ନେଇଛନ୍ତି। ବିଶେଷ କରି ଖରାଦିନେ ଜଙ୍ଗଲରେ ନିଆଁ ଲାଗିବାର ଯଥେଷ୍ଟ ଆଶଙ୍କା ରହିଥାଏ। ତେଣୁ ଗାଁ ଲୋକେ ପ୍ରତିଦିନ ପାଳିକରି, ଜଙ୍ଗଲ ଜଗି ଆସୁଛନ୍ତି। କଣ୍ଟେଇପଲ୍ଲୀ ଗ୍ରାମବାସୀଙ୍କ ଏଭଳି ପ୍ରୟାସକୁ ନେଇ, ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରଶଂସା କରୁଛନ୍ତି। ସେହିଭଳି ସଂପୃକ୍ତ ଗ୍ରାମବାସୀଙ୍କ ଏଭଳି ଉତ୍ସର୍ଗୀକୃତ ମନୋଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି ବୋଲି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।



### ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର

# ୪୧ ପରିବାରକୁ ମିଳିଛି ୧୦୦ ଦିନ କାମ

ରଙ୍ଗେଇଲୁଣ୍ଡା,୧୪।୨(ସମିସ): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚୟ କର୍ମ ନିଯୁକ୍ତି ଯୋଜନା(ମନରେଗା) ବ୍ଲକସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ବ୍ଲକର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏପିଓ ଗୋପାଳ ପଣ୍ଡା ୨୦୨୪-୨୫ ଆର୍ଥିକ ବର୍ଷର ବିବରଣୀ ପାଠ କରିବା ସହ ସଭା ପରିଚାଳନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଉନ୍ନୟନ ଅଧିକାରୀ ମଧୁମିତା, ଜିଲ୍ଲା ପରିଷଦ ଉପସଭାପତି ଏସ.ରାଜେଶ୍ୱରୀ ଦୋରା, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲଣା ଯୋଗ ଦେଇଥିଲେ। ୪ ଲକ୍ଷ ୬୦ ହାଜର ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୧ ଲକ୍ଷ ୨୪ ଶହ ଏକ ଦିବସ ପୂରଣ ହୋଇଛି । ଚାରି କୋଟି ୯୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଉନ୍ନୟନ କାର୍ଯ୍ୟ ହୋଇଛି। ୧୬ ହାଜର ୩ ଶହ ୯୨ ପରିବାର ଥିବାବେଳେ ୧୪ ହାଜର ୨ ଶହ ୭୪ ଜଣ ଶ୍ରମ କାର୍ଯ୍ୟ କରାଯାଇଛି। ୪୧ ପରିବାର ୧୦୦ ଦିନ ଶ୍ରମ କାର୍ଯ୍ୟ କରିଛନ୍ତି। ୯୩୮ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ବକ୍ସିପଲ୍ଲୀ ପଞ୍ଚାୟତରେ ଉଦ୍ୟାନ ବିଭାଗରୁ ଆସିଥିବା ସବୁଜ ଜାଲିକୁ ବିକ୍ରି କରିଦିଆଯାଇଛି ଓ ଗତ ୨୦୨୩ ମସିହାରେ ଗୋଟିଏ ଦିନରେ ୨ ଶହ ୩ ଶହ ଜବ କାର୍ଡ ଜିଆରଏସ କାଟି ଦେଇଥିବା ନେଇ ସମିତିସଭ୍ୟା ଜୟସେନ ସାହୁ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତରେ ହେଉଥିବା ପ୍ରକଳ୍ପ କାର୍ଯ୍ୟରେ ସ୍ୱଚ୍ଛତା ରହୁ ଏବଂ ନିମିତ ପ୍ରକଳ୍ପ ତୁରନ୍ତ ଶେଷ କରିବା ପାଇଁ ସମିତି ସଭ୍ୟା କେ.ପ୍ରବୀଣ କୁମାର କହିଥିଲେ। ପଂଚାୟତରେ ଯାହା ବି ସମସ୍ୟା ରହିଛି ସମାଧାନ କରାଯିବା ଓ ଉନ୍ନୟନ କାର୍ଯ୍ୟ କରାଯିବା ବୋଲି ବିଡ଼ିଓ ରାୟ କହିଥିଲେ। ଅନେକ ସରପଞ୍ଚ ଓ ସମିତି ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଉଦ୍ୟାନ, ବ୍ଲକର କନିଷ୍ଠ ଯନ୍ତ୍ରୀ, ମୃତ୍ତିକା ସଂରକ୍ଷଣ, ପିଇଓ, ଜିଆରଏସ, ସରପଞ୍ଚ, ସମିତିସଭ୍ୟା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



# ସମ୍ପାଦକୀୟ



କୌଣସି ସମ୍ଭାବ୍ୟ ବିପଦ ପୂର୍ବରୁ ପ୍ରସ୍ତୁତିରେ ବିଫଳତାର ଅର୍ଥ ତୁମେ ନିଜ ବିଫଳତା ଲାଗି ପ୍ରସ୍ତୁତି କରୁଛ ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଟ୍ରମ୍ପଙ୍କ ଗାଜା କୂଟନୀତି

ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବା ପରେ ଡୋନାଲ୍ଡ ଟ୍ରମ୍ପ ନିଜକୁ ବିଶ୍ୱର ସର୍ବଶକ୍ତିମାନ ନେତା ରୂପେ ଉପସ୍ଥାପିତ କରିବା ପାଇଁ ଏକାଧିକ ଅବାସ୍ତବ ଘୋଷଣା କରିଛନ୍ତି । ସେଥିମଧ୍ୟରୁ ଗାଜାରେ ନିଜର ମାଲିକାନା ଜାହିର କରି ସେଠାରେ 'ବିଚ୍ ରିସର୍ଟ' ସ୍ଥାପନ କରି ତାହାକୁ କୋଟିପତିଙ୍କ ସ୍ୱର୍ଗରେ ପରିଣତ କରିବେ । ସେ ନିଜେ ଓ ତାଙ୍କ ଜାମାତା ରିୟଲ ଇଷ୍ଟେଟ୍ ବେପାରୀ ହୋଇଥିବାରୁ ତାଙ୍କର ଏହି ଘୋଷଣା ପଛରେ ସତ୍ୟତା ଅଛି ବୋଲି ଅନେକ ବିଶ୍ୱାସ କଲେ । ଏହାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ସେଠାରେ ଅବସ୍ଥାନ କରୁଥିବା ୨୦ ଲକ୍ଷ ପାଲେଷ୍ଟାଇନ୍‌ଙ୍କୁ ପଡ଼ୋଶୀ ଜୋର୍ଡାନ ଓ ମିଶରରେ ଅବସ୍ଥାପିତ କରାଯିବ । ଟ୍ରମ୍ପ ଭୁଲିଯାଇଥିଲେ ଯେ ଦୀର୍ଘ ୧୪ ମାସ କାଳ ଇସ୍ରାଏଲ ଆକ୍ରମଣର ମୁକାବିଲା କରି ଯେଉଁ ହମାସ ଗାଜାରେ ନିଜର ସ୍ଥିତି ଏବେ ମଧ୍ୟ ଜାହିର କରୁଛି, ସେମାନଙ୍କୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରି ସେଠାରୁ ପାଲେଷ୍ଟାଇନ୍‌ଙ୍କୁ ହଟାଇବା ଏତେ ସହଜ ନୁହେଁ । ଏକଥା ବୁଝିବାକୁ ତାଙ୍କୁ ବେଶୀ ସମୟ ଲାଗିନି । ଗାଜା ଯୋଜନାକୁ ନେଇ ବିଶ୍ୱବ୍ୟାପୀ ପ୍ରକାଶ ପାଇଥିବା ପ୍ରତିକ୍ରିୟା ତାଙ୍କ ଶୁଳ୍କ ବୃଦ୍ଧି ପ୍ରୟାସକୁ ଶେଷରେ ଭଣ୍ଡୁର କରିଦେବା କିଛି ବିଚିତ୍ର ନୁହେଁ । ତେଣୁ ଗୁରୁବାର ଦେଇଥିବା ଏକ ପ୍ରତିକ୍ରିୟାରେ ଗାଜା ଗଣହତ୍ୟାକୁ ସେ ସ୍ୱୀକାର କରିଛନ୍ତି । ତିନିପିଢ଼ିର ସଭ୍ୟତାକୁ ସେଠାରେ ଧ୍ୱଂସ କରାଯାଇଛି । ସେଠାରେ ପୁନର୍ବାସନ ଓ ପୁନର୍ନିର୍ମାଣର ବ୍ୟୟବହୁଳ ଯୋଜନା ନା ଇସ୍ରାଏଲ୍ ନା ଆମେରିକା କେହି ହାତକୁ ନେବା ପାଇଁ ପ୍ରସ୍ତୁତ ନାହାନ୍ତି । ଟ୍ରମ୍ପଙ୍କ ଗାଜା ଦଖଲ ଚାପରେ ପଶ୍ଚିମ ଏସିଆରେ ବିତ୍ତଶାଳୀ ରାଷ୍ଟ୍ର ଏହି ଦାୟିତ୍ୱ ହାତକୁ ନେଇ କାର୍ଯ୍ୟାରମ୍ଭର ପଥ ପରିଷ୍କାର ହୋଇଛି ।

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଆଲୋଚନା ପ୍ରେକ୍ଷାପଟରେ ଶନିବାର ସୁଦ୍ଧା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ସକାଶେ ହମାସ ଉପରେ ଚାପ ପଡ଼ିଥିଲା । ଏପରିକି ସମ୍ଭାବୀ ଆକ୍ରମଣ ସକାଶେ ଇସ୍ରାଏଲ ପକ୍ଷରୁ ଧମକ ମଧ୍ୟ ଦିଆଯାଇଥିଲା । ଅଥଚ ନିଜ ପ୍ରତିରକ୍ଷା ବାହିନୀ ମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ ପରିସ୍ଥିତି ଯାହା ହେଉନା କାହିଁକି ଯୁଦ୍ଧ ବିରତି ଭଙ୍ଗ କରି ସାମରିକ କାର୍ଯ୍ୟାନୁଷ୍ଠାନ ସକାଶେ ସେମାନେ ପ୍ରସ୍ତୁତ ନାହାନ୍ତି । ଅନ୍ୟପକ୍ଷରେ ହମାସ ସନ୍ଧିର ସର୍ତ୍ତ ଅତୁଟ ରଖିଲେ ସେମାନେ କେବଳ ତିନି ଜଣଙ୍କୁ ମୁକ୍ତ କରିବାର ସୂଚନା ଦେଇଛନ୍ତି । ଏଥିମଧ୍ୟରେ ବିଭିନ୍ନ ରାଷ୍ଟ୍ରରୁ ରନ୍ଧନ ଗ୍ୟାସ, ଜାଳେଣି ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଆସିଥିବା ୧୦୮ଟି ଟ୍ରକକୁ ଇସ୍ରାଏଲ ଅଟକ ନ ରଖି ଗାଜା ଯିବା ପାଇଁ ଅନୁମତି ଦେଇଛି । ଏହି ଘଟଣାକ୍ରମକୁ ଅନୁଶୀଳନ କଲେ ମନେ ହୁଏ ଆଉ ଯୁଦ୍ଧ ନୁହେଁ, ଶାନ୍ତି ପ୍ରତିଷ୍ଠା ମାଧ୍ୟମରେ ପୁନଃନିର୍ମାଣ ସକାଶେ ସୁଯୋଗ ସୃଷ୍ଟି କରିବାକୁ ଉଭୟ ପକ୍ଷ ମାନସିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ଘଟଣା ପ୍ରବାହର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା ଜୋର୍ଡାନ ଓ ମିଶର ସମେତ ଅନ୍ୟ ପଡ଼ୋଶୀ ରାଷ୍ଟ୍ର ଆମେରିକା ଚାପରେ ପାଲେଷ୍ଟିନୀୟଙ୍କୁ ସ୍ଥାୟୀ ଥଇଥାନ କରିବାକୁ ପ୍ରସ୍ତୁତ ନାହାନ୍ତି । ସେମାନେ ଯେଉଁଠି ରହିବେ ସେଠାରେ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ଦାବିରେ ବିଦ୍ରୋହ ଓ ଆନ୍ଦୋଳନ ଜାରି ରଖିବେ । ଏଭଳି ଏକ ପରିସ୍ଥିତିକୁ ସମ୍ମୁଖୀନ ହେବା ଅପେକ୍ଷା ମିଳିତ ଭାବେ ସେମାନେ ଗାଜାରେ ପୁନର୍ବାସନ ଓ ପୁନଃନିର୍ମାଣ କାର୍ଯ୍ୟ ହାତକୁ ନେବା ପାଇଁ ଯୋଜନା ଆରମ୍ଭ କରିଦେଇଛନ୍ତି । ଟ୍ରମ୍ପଙ୍କ ଗାଜା ଯୋଜନା ପଛରେ ଏଭଳି ଏକ ଉଦ୍ଦେଶ୍ୟ ଥିଲାଭଳି ମନେହୁଏ ।

ଆରବ ଲିଗ୍ ନେତୃତ୍ୱରେ ସାଉଦୀ ଆରବ, ଆରବ ଏମିରେଟ୍, ୟେମେନ, ଲେବାନନ, ଜୋର୍ଡାନ, କାତାର ଓ ମିଶର ପାଲେଷ୍ଟାଇନ ପ୍ରସଙ୍ଗରେ ଆମେରିକାର ଚାପ ନିକଟରେ ମୁଣ୍ଡ ନଇଁବାକୁ ପ୍ରସ୍ତୁତ ନଥିବା ବେଳେ ଟ୍ରମ୍ପ ମଧ୍ୟ ଇସ୍ରାଏଲ ସ୍ୱାର୍ଥ ରକ୍ଷା ପାଇଁ ସେମାନଙ୍କୁ ଅସନ୍ତୁଷ୍ଟ କରିବା ଚାହାନ୍ତିନି । ତେବେ ଏବେ ମଧ୍ୟ ଇରାନ୍ ଆମେରିକା ସକାଶେ ଚିନ୍ତାର କାରଣ ହୋଇ ରହିଛି । ସେଠାକାର କ୍ଷମତା କେନ୍ଦ୍ରରେ ପରିବର୍ତ୍ତନ ସକାଶେ ଆମେରିକା ବିଦ୍ରୋହୀଙ୍କୁ ସବୁପ୍ରକାର ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସିଛି । ସେମାନଙ୍କ ବିରୋଧରେ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଇରାନ୍‌ରେ ବିଦ୍ରୋହ ଓ ବିଦ୍ୱେଷ ବଳବତ୍ତର ରହିଛ । ଏକଥା ସତ ଯେ ରୁଷର ଅନ୍ୟତମ ସହଯୋଗୀ ରାଷ୍ଟ୍ର ଇରାନ । ନିଜର ସାମରିକ ଶକ୍ତି ବୃଦ୍ଧି ପାଇଁ ପୁଟିନଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ମଧ୍ୟପ୍ରାଚ୍ୟରେ ଇରାନ ହେଉଛି ଆମେରିକା ଓ ରୁଷର ଶକ୍ତି ପରୀକ୍ଷା କେନ୍ଦ୍ର । ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପଙ୍କ ସୁସମ୍ପର୍କ ସତ୍ତ୍ୱେ ଦୁଇରାଷ୍ଟ୍ର ମଧ୍ୟରେ ପରସ୍ପର ବିରୋଧୀ କୂଟନୈତିକ ଗୋଟିଚାଳନା ଜାରିରହିଛି ଓ ଆଗକୁ ରହିବ ମଧ୍ୟ । ପୁଟିନଙ୍କ ସହ ସାକ୍ଷାତ ଆଲୋଚନା ବେଳେ ଟ୍ରମ୍ପ ଆମେରିକା ପ୍ରସ୍ତୁତ କରୁଥିବା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ବିଷୟରେ ସୂଚନା ଦେଇଛନ୍ତି । ଏହାର ପୃଷ୍ଠଭାଗରେ ରହିଛି ଇରାନ ବିରୋଧରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ । ହେଜବୋଲ୍ଲା ମୁଖିଆଙ୍କ ହତ୍ୟା ଘଟଣାରେ କ୍ଷୁବ୍ଧ ହୋଇ ଇରାନ କରିଥିବା କ୍ଷେପଣାସ୍ତ୍ର ମାଡ଼ର ସଠିକ ଉତ୍ତର ଦେବା ପାଇଁ ଏବେ ମଧ୍ୟ ଅପେକ୍ଷା କରିଛି ଇସ୍ରାଏଲ୍ । ପୁଟିନଙ୍କୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ରର ଇଙ୍ଗିତରେ ଇରାନ ଉପରେ ସମ୍ଭାବ୍ୟ ଆକ୍ରମଣର ସୂଚନା ଦେଇଛନ୍ତି ଟ୍ରମ୍ପ ।

ଆମକୁ ଏଠାରେ ସ୍ୱୀକାର କରିବାକୁ ପଡ଼ିବ ଯେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧରେ ୪୫ ହଜାରରୁ ଊର୍ଦ୍ଧ୍ୱ ଆବାଳବୃଦ୍ଧବନିତା ନିହତ ହୋଇଛନ୍ତି । ଏଭଳି ଏକ ଅମାନବୀୟ ନରସଂହାର ବିରୋଧରେ ବିଶ୍ୱଜନମତ ସୃଷ୍ଟି ହୋଇଥିଲେ ମଧ୍ୟ ଯୁଦ୍ଧ ଜାରି ରହିଥିଲା । ଏଥିସକାଶେ କେବଳ ଇସ୍ରାଏଲ୍ ନୁହେଁ, ଆମେରିକା ମଧ୍ୟ ସମ ପରିମାଣରେ ଦାୟୀ । ଆମେରିକା ଅନ୍ୟତମ ପକ୍ଷ ହୋଇଯାଇଥିବାରୁ ଏହି ଯୁଦ୍ଧର ବିରାମ ବା ବିରତି କେବେ ଘଟିବ ସେନେଇ ଅନିଶ୍ଚିତତା ଲାଗି ରହିଥିଲା । ଟ୍ରମ୍ପଙ୍କ ଅହଂକାର ଓ ଅନ୍ୟମାନଙ୍କ ପ୍ରତି ପ୍ରଦର୍ଶନ କରୁଥିବା ଅନମନୀୟ ମନୋଭାବ ସତ୍ତ୍ୱେ ସ୍ୱୀକାର କରିବାକୁ ପଡ଼ିବ ଯେ ରାଷ୍ଟ୍ରପତି ରୂପେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କୂଟନୈତିକ ଚାପ ପ୍ରୟୋଗ କରି ୧୪ ମାସ ଧରି ଚାଲିଥିବା ଯୁଦ୍ଧରେ ବିରାମ ଆଣିଛନ୍ତି । ସର୍ତ୍ତ ସମ୍ମିଳିତ ଯୁଦ୍ଧକୁ ଉଭୟପକ୍ଷ ଗ୍ରହଣ କରିଛନ୍ତି । ପରିବର୍ତ୍ତିତ ଘଟଣାକ୍ରମ ଏବେ ଯେଉଁ ଦିଗକୁ ଗତି କରୁଛି, ସେଥିରେ ମନେ ହେଉଛି ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନ ହେଲେ ମଧ୍ୟ ପୁଣିଥରେ ଯୁଦ୍ଧ ଘନଘଟା ମୁଣ୍ଡ ଟେକିବାର ସମ୍ଭାବନା ଊଣା । ଏଠାରେ କହିବାକୁ ପଡୁଛି ଯେ ଗାଜା ଇସ୍ରାଏଲର ନିଜସ୍ୱ ଅଞ୍ଚଳ ନୁହେଁ ଯେ ତାହାକୁ ନେତାନ୍ୟାହୁ ଉପହାର ସୂତ୍ରରେ ଟ୍ରମ୍ପଙ୍କୁ ଦେଇପାରିବେ । ଟ୍ରମ୍ପ ଏଭଳି ଏକ ଦୋଛକିରେ ରହିଛନ୍ତି, ଯେଉଁଠାରୁ ସେ ଆକ୍ରମଣାତ୍ମକ ଆଭିମୁଖ୍ୟକୁ ସାକାର କରିପାରିବେ ନାହିଁ କି ଗାଜା-ଅଭିଯାନରୁ ଓହରି ପାରିବେ ନାହିଁ । ଏହି ପୃଷ୍ଠଭୂମିରେ ମିଳିତ ଜାତିସଂଘ ଅନୁମୋଦିତ ଇସ୍ରାଏଲ ଓ ପାଲେଷ୍ଟାଇନର ସ୍ୱତନ୍ତ୍ର ସ୍ଥିତିକୁ ବଳବତ୍ତର ରଖିବା ହିଁ ଉଚିତ ମଣିଛନ୍ତି । ବୋଧହୁଏ ଏହା ହିଁ ଟ୍ରମ୍ପଙ୍କ ବିକଳ୍ପବିହୀନ ଗାଜା କୂଟନୀତି ●

## ଗୁଗୁଲ୍-ସାକ୍ଷରଙ୍କ ଆତ୍ମନିଦାନ

ଡକ୍ଟର ଅବଶ ପରିଡ଼ା

ଆପଣ ଅସୁସ୍ଥ ହେବା ସମୟରେ ନିଜର ଲକ୍ଷଣଗୁଡ଼ିକୁ ବାରମ୍ବାର ଗୁଗୁଲ୍‌ରେ ସନ୍ଧାନ କରୁଛନ୍ତି କି? ସାମାନ୍ୟ ଲକ୍ଷଣ କ'ଣ ସତରେ ଇଣ୍ଟରନେଟ ସୂଚାଉଥିବା ଗମ୍ଭୀର ବେମାରୀ ହୋଇପାରେ କି? ଲକ୍ଷଣ ବିଷୟରେ ଇଣ୍ଟରନେଟ୍ ଦେଇଥିବା ସୂଚନା ଆପଣଙ୍କ ମାନସିକ ଚିନ୍ତା ବୃଦ୍ଧି କରୁଛି କି? ଯଦି ଏହାର ଉତ୍ତର ଅସ୍ତିବାଚକ ହୁଏ ତେବେ ବିଶାଳ ଜନସଂଖ୍ୟାରେ ଏ ପ୍ରକାର ଆଚରଣ ଆପଣ ଏକା କରୁନାହାନ୍ତି । ପିଉ ରିସର୍ଚ୍ଚ ସେଣ୍ଟରର ଏକ ରିପୋର୍ଟ ଅନୁଯାୟୀ, ୭୨% ଇଣ୍ଟରନେଟ୍ ଉପଭୋକ୍ତା କୌଣସି ନା କୌଣସି ପ୍ରକାରର ସ୍ୱାସ୍ଥ୍ୟ ସୂଚନା ପାଇଁ ଗୁଗୁଲ ବା ଅନ୍ୟ ସର୍ଚ୍ଚ ଇଞ୍ଜିନର ସାହାଯ୍ୟ ନେଉଛନ୍ତି ।

ବହୁ ପରିମାଣର ଡାକ୍ତରୀ ସୂଚନା ଉପଲବ୍ଧ ଥିବାରୁ ଇଣ୍ଟରନେଟରେ ଆତ୍ମନିଦାନ ଏକ ସାଧାରଣ ଅଭ୍ୟାସ । କିନ୍ତୁ ଏହା ପ୍ରକୃତରେ ଆମକୁ ସାହାଯ୍ୟ କରୁଛି ନା ଆମ ପାଇଁ ଅନାବଶ୍ୟକ ଚିନ୍ତା ସୃଷ୍ଟି କରୁଛି, ତାହା ଏବେ ବିତର୍କର ବିଷୟ । ମୋଟ ଉପରେ କହିବାକୁ ଗଲେ ଇଣ୍ଟରନେଟରେ ସ୍ୱାସ୍ଥ୍ୟ ସମସ୍ୟାର ସୂଚନା ଗ୍ରହଣ କରିବା ଏବେ ଆଉ ବ୍ୟକ୍ତିଗତ ପ୍ରସଙ୍ଗ ନୁହେଁ । ବରଂ ଏକ ଚିକିତ୍ସା-ସାମାଜିକ ସମସ୍ୟା ପାଲଟିଯାଇଛି ।

୧୯୯୭ ମସିହାରେ ବିଶିଷ୍ଟ ନାରୀବାଦୀ ଓ ସମାଜଶାସ୍ତ୍ରୀ ଏଲେନ ସୋଅଲ୍ଟର ନିଜ ପୁସ୍ତକରେ ଲେଖିଥିଲେ 'ଇଣ୍ଟରନେଟ ଆମ ମଧ୍ୟରେ ରୋଗ ସମ୍ବନ୍ଧୀୟ ଚିନ୍ତାଧାରା ବିସ୍ତାର କରୁଥିବା ଏକ ନୂଆ ଉପକରଣ ।' ତିନି ଦଶନ୍ଧି ତଳେ ସୋଅଲ୍ଟରଙ୍କ ମତାମତ ଏତେ ଗୁରୁତ୍ୱପୂର୍ଣ୍ଣ ମନେ ହେଉନଥିଲା । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଅନେକ ରୋଗୀ କେବଳ ଲକ୍ଷଣକୁ ନେଇ ଇଣ୍ଟରନେଟ ପର୍ଯ୍ୟବସିତ ସ୍ୱାସ୍ଥ୍ୟ ସୂଚନା ଉପରେ ଅତ୍ୟଧିକ ଗବେଷଣା କିମ୍ବା ସନ୍ଧାନ କରୁଛନ୍ତି । ପରିଶେଷରେ ଏହା ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଚିନ୍ତା ଓ ଅବସାଦର କାରଣ ପାଲଟିଯାଉଛି । ଏହି ଆଚରଣର ନୈଦାନିକ ନାମ ହେଉଛି 'ସାଇବରକଣ୍ଡ୍ରିଆ' । 'ଡାକ୍ତର-ରୋଗୀଙ୍କ ସମ୍ପର୍କରେ କ୍ରମବର୍ଦ୍ଧିଷ୍ଣୁ ଅବିଶ୍ୱାସ' ଏବଂ 'ଚିନ୍ତା, ଅବସାଦ ଓ ଉତ୍କଣ୍ଠା ଭଳି ମାନସିକ ରୋଗ' ପାଇଁ ଏହି ବ୍ୟବହାର ଦାୟୀ ବୋଲି ସମାଜଶାସ୍ତ୍ରୀମାନେ ମତ ପୋଷଣ କରୁଛନ୍ତି ।

ସାଇବରକଣ୍ଡ୍ରିଆ ହେଉଛି ଏକ ସମସ୍ୟାପୂର୍ଣ୍ଣ ଇଣ୍ଟରନେଟ୍ ବ୍ୟବହାର । ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଅଛି । ଏକ ଗବେଷଣାଭିତ୍ତିକ ପତ୍ରିକାରେ ଉଲ୍ଲେଖ ଅଛି, ଲକ୍ଷଣକୁ ଇଣ୍ଟରନେଟ୍‌ରେ ବାରମ୍ବାର ସର୍ଚ୍ଚ ବା ସନ୍ଧାନ କରିବା ସମୟରେ ବ୍ୟକ୍ତିର ହୃଦସ୍ପନ୍ଦନ ବଢ଼ିଥାଏ । ଉତ୍କଣ୍ଠା ସହ ସମୟ ସମୟରେ ଝାଳ ବି ବୁହେ । ଚିନ୍ତା ସହ ଅବସାଦର ଏକ ଚକ୍ର ଆରମ୍ଭ ହୋଇଯାଏ । ମାନସିକ ସ୍ତରରେ ବ୍ୟସ୍ତ ଲାଗିବା ସହ ରାତିରେ ନିଦ ଆସେନାହିଁ । ଅନେକ କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ପ୍ରତି ବିଶ୍ୱାସ ମଧ୍ୟ କମ୍ ହୋଇଯାଏ । କିଛିଦିନ ତଳେ କର୍ଣ୍ଣାଟକର ଜଣେ ସରକାରୀ ସ୍କୁଲ ଶିକ୍ଷକ ନିଜ ଗଳା ସମସ୍ୟାକୁ କର୍କଟ ରୋଗ ସନ୍ଦେହ କରି ପ୍ରାୟ ଏକ ବର୍ଷ ଧରି ପ୍ରତିଦିନ ୯ ଘଣ୍ଟାରୁ ଅଧିକ ସମୟ ଇଣ୍ଟରନେଟ୍‌ରେ କାଟୁଥିଲେ । ଏଠି ଜାଣି ରଖିବାକୁ ହେବ ଯେ ୨୬ ଜଣ କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞଙ୍କଠାରୁ ସମ୍ପୂର୍ଣ୍ଣ ସୁସ୍ଥତାର ଡାକ୍ତରୀ ରିପୋର୍ଟ ପାଇବା ସତ୍ତ୍ୱେ ଶିକ୍ଷକଙ୍କ ଏଭଳି ଆଚରଣ ଆଧୁନିକ ଇଣ୍ଟରନେଟ ପ୍ରେରିତ ବ୍ୟବହାରର ଏକ ପ୍ରତିବିମ୍ବ ଥିଲା ।

କେବଳ କର୍ଣ୍ଣାଟକର ସେ ଶିକ୍ଷକ ନୁହନ୍ତି, ବରଂ ସାମ୍ପ୍ରତିକ ସ୍ଥିତିରେ ଅନେକ ଆଧୁନିକ ଓ ପାଠୁଆ ରୋଗୀମାନେ ଇଣ୍ଟରନେଟ୍‌ରୁ ମିଳୁଥିବା ସୂଚନା ସହିତ ଡାକ୍ତରଙ୍କ ପରାମର୍ଶ ନେବାକୁ ଅଧିକ ପସନ୍ଦ କରୁଛନ୍ତି । ସାଇବରକଣ୍ଡ୍ରିଆର ପରବର୍ତ୍ତୀ ଅବସ୍ଥା ହେଉଛି 'ଇଡିଏଟ'(ଇଣ୍ଟରନେଟ୍ ଡିରାଇଭଡ୍ ଇନଫରମେସନ ଅବଷ୍ଟ୍ରକଟିଙ୍ଗ ଟ୍ରିଟମେଣ୍ଟ) । ଏହି ପରିସ୍ଥିତିରେ ରୋଗୀ କେବଳ ଇଣ୍ଟରନେଟ ଦ୍ୱାରା ଗ୍ରହଣ କରୁଥିବା ସୂଚନାକୁ ବିଶ୍ୱାସ କରେ ଏବଂ ଅନ୍ୟ ଚିକିତ୍ସାକୁ ଅବିଶ୍ୱାସ ଓ ଅଗ୍ରହଣୀୟ କରିଦିଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ 'ସୂଚନାର ମହାମାରୀ' ଭାବେ ପରିଭାଷିତ କରୁଛି ଏବଂ ଏହାଦ୍ୱାରା ଅନେକ ଲୋକ ଜାଣିଶୁଣି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବାର ଆଶଙ୍କା ଅଛି ବୋଲି ଉଦ୍‌ବେଗ ମଧ୍ୟ ପ୍ରକାଶ କରିଛି । ଏକ ତଥ୍ୟ ଅନୁଯାୟୀ ୩୨% ଭାରତୀୟ ରୋଗୀ ଇଣ୍ଟରନେଟ୍‌ରୁ ପରସ୍ପର-ବିରୋଧୀ ବା ଉପଲବ୍ଧ ସୂଚନା ପଢ଼ିବା ପରେ ହିଁ ସେମାନଙ୍କ ଡାକ୍ତରଙ୍କ ସହ ଅସହମତି ପ୍ରକାଶ କରୁଛନ୍ତି । କଲିକତାରେ ଡାକ୍ତର - ରୋଗୀ ସମ୍ପର୍କକୁ ନେଇ ହୋଇଥିବା ଏକ ସର୍ବେକ୍ଷଣରେ ଡାକ୍ତରମାନେ ଅଭିଯୋଗ କରିଥିଲେ ଯେ 'ଗୁଗୁଲ ସାକ୍ଷର' ରୋଗୀମାନେ ଏବେ ଡାକ୍ତରୀ ଶବ୍ଦର ବହୁଳ ବ୍ୟବହାର କରୁଛନ୍ତି । ଉଦାହରଣ ସ୍ୱରୂପ, ଛାତି ବ୍ୟଥା ସମସ୍ୟାରେ ପୀଡ଼ିତ ରୋଗୀ ପରାମର୍ଶ ସମୟରେ 'ଗ୍ୟାଷ୍ଟ୍ରିକ୍', 'ଏସିଡିଟି' ଓ 'ଡିସ୍ପେସିଆ' ଭଳି ଶବ୍ଦ ବ୍ୟବହାର କରୁଛନ୍ତି । ତେଣୁ ଡାକ୍ତରୀ ଶବ୍ଦର ବହୁଳ ବ୍ୟବହାର ଚିକିତ୍ସା ପ୍ରକ୍ରିୟା ଓ ପରାମର୍ଶ ପାଇଁ ଏକ ଦ୍ୱନ୍ଦ୍ୱ ସାଜିଛି ବୋଲି ଅନେକ ଡାକ୍ତର ମନ୍ତବ୍ୟ ରଖୁଛନ୍ତି । ଦିଲ୍ଲୀର ଏକ ଡାକ୍ତର ମହଲର ମତାନୁଯାୟୀ ରୋଗୀମାନେ ଇଣ୍ଟରନେଟରୁ ଏତେ ସୂଚନା ନେଇ ଆସୁଛନ୍ତି ଯେ ସେମାନଙ୍କୁ ଶାନ୍ତ କରିବା ପାଇଁ ଅନେକ ପରୀକ୍ଷା କରିବାକୁ ଡାକ୍ତରମାନେ ବାଧ୍ୟ ହେଉଛନ୍ତି ।

ଏଠି ଜାଣି ରଖିବାକୁ ହେବ ଯେ ସମସ୍ୟା ଇଣ୍ଟରନେଟ୍ ନୁହେଁ, ବରଂ ଏହାକୁ କିପରି ବ୍ୟବହାର କରାଯାଉଛି ତାହା ହିଁ ଚିନ୍ତାର ବିଷୟ । ତେଣୁ ରୋଗର 'ଆତ୍ମନିଦାନ' ଜାଲରୁ ବର୍ତ୍ତିବା ପାଇଁ ଇଣ୍ଟରନେଟ୍‌ରେ ଅନୁସନ୍ଧାନକୁ ସୀମିତ କରିବା ସହ ପେସାଦାର ଡାକ୍ତରଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ବିଶାରଦମାନେ ଯୁକ୍ତି ବାଢ଼ନ୍ତି । କୋଡ଼ିଏ ବର୍ଷ ତଳେ ମାଇକ୍ରୋସଫ୍ଟର ଗବେଷକଙ୍କ ଦ୍ୱାରା ସାଇବରକଣ୍ଡ୍ରିଆ ଉପରେ ପ୍ରଥମ ବିସ୍ତୃତ ଅଧ୍ୟୟନ ହୋଇଥିଲା । ଗବେଷଣାର ସାରାଂଶ ଥିଲା ଯେ ଇଣ୍ଟରନେଟ୍‌ରେ ସ୍ୱାସ୍ଥ୍ୟ ସୂଚନା ସନ୍ଧାନ ମଧ୍ୟ ବ୍ୟକ୍ତି ପାଇଁ ଅନାବଶ୍ୟକ ଚିନ୍ତା ହୋଇପାରେ । ଅଧ୍ୟୟନରେ ଥିବା ଏକ ଉଦାହରଣରୁ ଜଣାପଡ଼ିଛି ଯେ ଗୁଗୁଲ ଭଳି ସର୍ଚ୍ଚ ଇଞ୍ଜିନରେ ମୁଣ୍ଡବିନ୍ଧା ଭଳି ସାଧାରଣ ଲକ୍ଷଣର ସନ୍ଧାନ ଅନେକ ସମୟରେ ବ୍ରେନ୍ ଟ୍ୟୁମର ଭଳି ଗମ୍ଭୀର ରୋଗ ସହିତ ସଂଯୋଗ ହୋଇଥାଏ । ସେହିପରି ଗବେଷକମାନେ ସର୍ଚ୍ଚ ଇଞ୍ଜିନ୍‌ର ଡାଟାକୁ ମଧ୍ୟ ଅଧ୍ୟୟନ କରି ଜାଣିବାକୁ ପାଇଥିଲେ ଯେ ଲୋକମାନେ ପ୍ରାୟତଃ ଦିନ, ସପ୍ତାହ କିମ୍ବା ମାସ ମାସ ଧରି ଏହି ଚିନ୍ତାଜନକ ଅନୁସନ୍ଧାନକୁ ଜାରି ରଖନ୍ତି । ଏହି ଅଭ୍ୟାସ ଦୈନନ୍ଦିନ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିବା ସହ ଅନାବଶ୍ୟକ ମାନସିକ ଚାପ ମଧ୍ୟ ସୃଷ୍ଟି କରୁଛି ବୋଲି ରିପୋର୍ଟରେ ଉଲ୍ଲେଖ ଅଛି । ସେହିପରି ୨୦୨୩ରେ ଚୀନ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରେ ସାଇବରକଣ୍ଡ୍ରିଆ, ଅନଲାଇନ ସ୍ୱାସ୍ଥ୍ୟ ସାକ୍ଷରତା, ଇଣ୍ଟରନେଟ୍ ବ୍ୟବହାର, ନିଦ୍ରାର ଗୁଣବତ୍ତା ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଅଛି ବୋଲି ପ୍ରମାଣ ମିଳିଥିଲା ।

ଅନଲାଇନରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପାଇବା ସତ୍ତ୍ୱେ ଅନେକ ରୋଗୀ ନିର୍ଦ୍ଦିଷ୍ଟ ଚିକିତ୍ସାରେ ଡାକ୍ତରଙ୍କ ଯୁକ୍ତି ବୁଝିବାକୁ ଅସମର୍ଥ । ତେଣୁ ସେମାନଙ୍କର ଚିକିତ୍ସା ପ୍ରୋଟୋକଲ୍ ନେଇ ସନ୍ଦେହ ଉପୁଜିବା ସ୍ୱାଭାବିକ । ସେହିପରି ରୋଗର ଲକ୍ଷଣ ଓ ରୋଗ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ସଠିକ୍ ଭାବରେ ବର୍ଣ୍ଣନା କରିବାରେ ମଧ୍ୟ ରୋଗୀମାନେ କେତେକ କ୍ଷେତ୍ରରେ ବିଫଳ ହୁଅନ୍ତି । 'ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ମେଡିସିନ୍'ରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୪୦% ରୁ ଅଧିକ ରୋଗୀ ପରାମର୍ଶ ସମୟରେ ଗୁରୁତ୍ୱପୂର୍ଣ୍ଣ ବିବରଣୀ, ଯେପରିକି ପୂର୍ବରୁ ଥିବା ଲକ୍ଷଣ କିମ୍ବା ଆତ୍ମ-ଔଷଧ ଚିକିତ୍ସା କିମ୍ବା ନିଜ ଖରାପ ଅଭ୍ୟାସଗୁଡ଼ିକୁ ଗୋପନ ରଖନ୍ତି । ସ୍ୱୟଂ ଚିକିତ୍ସା ଓ ଔଷଧ ଦୋକାନରୁ ରୋଗର ଲକ୍ଷଣ କହି ଔଷଧ ଆଣିବାରେ ଭାରତୀୟଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ । ବିନା ଡାକ୍ତରୀ ପରାମର୍ଶରେ ଖାଉଥିବା ଔଷଧର ମୁଖ୍ୟ ଶ୍ରେଣୀ ହେଉଛି ପେନକିଲର, ଆଣ୍ଟାସିଡ୍ ଓ ଆଣ୍ଟିବାୟୋଟିକ । ଏବେ ବିନା ଡାକ୍ତରଙ୍କ ପରାମର୍ଶରେ ଯକୃତ ପାଇଁ ମଧ୍ୟ ଔଷଧ ମିଳିଲାଣି । ଏହି ସବୁ ଆତ୍ମନିଦାନ ପ୍ରକ୍ରିୟା ଓ ଆତ୍ମ ଔଷଧ ଚିକିତ୍ସା ଉଭୟ ରୋଗୀ ଓ ଡାକ୍ତରଙ୍କ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ ।

ସାଇବରକଣ୍ଡ୍ରିଆ ଉପରେ ଗବେଷଣା ସୀମିତ । ଅନଲାଇନ ଗେମିଙ୍ଗ୍ ଭଳି ଏହା ମଧ୍ୟ ଏକ ବିଚଳିତ ବ୍ୟବହାର । ଏହାର ଦୁଇଟି ସମ୍ଭାବ୍ୟ ସମାଧାନ ହୋଇପାରେ । ପ୍ରଥମଟି ହେଉଛି ବ୍ୟକ୍ତିଗତ ସ୍ତର, ଯେଉଁଠି ରୋଗୀର ଆତ୍ମବିଶ୍ୱାସ, ଜୀବନଶୈଳୀ ଓ ଡାକ୍ତରଙ୍କ ସହ ଉଚିତ ପରାମର୍ଶ ଅନ୍ତର୍ଭୁକ୍ତ । ଦ୍ୱିତୀୟ ସମାଧାନ ହେଉଛି ଆନୁଷ୍ଠାନିକ, ଯାହା ଡାକ୍ତର ଓ ସ୍ୱାସ୍ଥ୍ୟ ସୂଚନା ସମ୍ବନ୍ଧୀୟ ୱେବସାଇଟର କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ପର୍ଯ୍ୟବସିତ । ପରିଶେଷରେ ଅନଲାଇନ୍ ସ୍ୱାସ୍ଥ୍ୟ ସୂଚନା ଆମର ସାଧାରଣ ସଚେତନତା ପାଇଁ ସହାୟକ, କିନ୍ତୁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶର ନିର୍ଦ୍ଦିଷ୍ଟତା ଓ ସ୍ପଷ୍ଟତାର ଏହା ବିକଳ୍ପ ନୁହେଁ । ତେଣୁ ରୋଗର ଲକ୍ଷଣକୁ ଇଣ୍ଟରନେଟରେ ସନ୍ଧାନ କରି ନିଜେ କିଛି ନିଷ୍ପତ୍ତି ନିଅନ୍ତୁ ନାହିଁ ବରଂ ଉଚିତ ଚିକିତ୍ସା କରନ୍ତୁ ଓ ସୁସ୍ଥ ରୁହନ୍ତୁ । ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଶାଶୂର ପାଳିଏକୁ ବୋହୂର ପାଳିଏ

ଡ. ନିରଞ୍ଜନ ସାହୁ

ଓଡ଼ିଶାର ପୁରପଲ୍ଲୀରେ ବହୁଦିନରୁ ଏପରି କଥାଟିଏ ପ୍ରଚଳିତ । ଶାଶୂ ଓ ବୋହୂ ବାହାରେ ପରସ୍ପରକୁ ପ୍ରଶଂସାରେ ପୋତି ପକାନ୍ତି; କିନ୍ତୁ ଯେତେବେଳେ ନିଶ୍ଚିତ ହୁଅନ୍ତି ଯେ ତାଙ୍କ କଥା ତୃତୀୟ ପକ୍ଷଙ୍କ କାନରେ ପଶୁ ନାହିଁ ସେତେବେଳେ ହୃଦୟକୁ ଖୋଲି ଦିଅନ୍ତି ।

ମାଆଟିଏ ତା'ର ଜୀବନର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ ପୁଅର ଭଲ ପାଇଁ । ପୁଅର ମଙ୍ଗଳ ମନାସ କରି କେତେ ଓଷା ବ୍ରତ ପାଳେ, ଓପାସ ରହେ । ତା'ର ପାଠପଢ଼ା ପାଇଁ ଦରକାର ହେଲେ ନିଜ ପିନ୍ଧା ଅଳଙ୍କାର ବିକିଦିଏ । ଆଉ ସେଇ ପୁଅର ବାହାଘର ପାଲଟେ ମାଆର ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଯେତେବେଳେ ପୁଅଟି ମାଆ କୋଳରେ ବସେ, ମାଆ ହାତରୁ କିଛି ଖାଏ ଆଉ ତା'ପରେ ବିବାହ ଶୋଭାଯାତ୍ରାରେ ବାହାରେ, ତାହା ମାଆଟି ପାଇଁ ଏକ ମାର୍ମିକ ମୁହୂର୍ତ୍ତ । ତା'ପରେ ପୁଅର ଅଳିଅର୍ଦ୍ଦଳି ଆଉ ମାଆ ସହିତ ରହେନାହିଁ । ତା'ର ସମସ୍ତ ଦାୟିତ୍ୱ ନେବା ପାଇଁ ଆସି ଯାଇଥାଏ ନୂଆ ଚରିତ୍ରଟିଏ - ତା'ର ପତ୍ନୀ । ଆଉ ଗୋଟିଏ ମାର୍ମିକ ଘଟଣା ହେଲା ନୂଆ ବୋହୂଟିଏ ଘରକୁ ଆସିବା ପରେ ତା'ର କାନିରେ ନିଜର ଚାବି ଲେଞ୍ଛାଟି ବାନ୍ଧିଦିଏ ଶାଶୂ । ଦାୟିତ୍ୱ ହସ୍ତାନ୍ତରର ତାହା ଏକ ସାଂକେତିକ କାହାଣୀ । ଏତେଦିନ ଯାଏଁ ଯିଏ ଥିଲେ ଘର ମୁଖ୍ୟ ସ୍ଥପତି, ସିଏ କ୍ରମେ ଅନ୍ତର୍ହିତ ହୋଇ ପରିବର୍ତ୍ତିତ ହୋଇଯାଆନ୍ତି ଏକ ସହଚରିତ୍ର ଭାବରେ - ଏହା ହେଉଛି ଗୋଟିଏ ପୁଅ ବାହାଘର ପରର ଦୃଶ୍ୟ ।

ପୁରାତନ କାଳରେ ଶାଶୂମାନଙ୍କ ପ୍ରତିପତ୍ତି ଥିଲା ଅମାପ । ସେମାନେ ପରିବାରର ସମସ୍ତ ଦାୟିତ୍ୱ ତୁଲାଉଥା'ନ୍ତି - ବୋହୂଟିଏ ପରିବାର ଭାର ବୋହିବା ପାଇଁ ଯୋଗ୍ୟ ହେବା ଯାଏଁ । ସେତେବେଳେ ଶାଶୂ-ଶ୍ୱଶୁରଙ୍କ ପାଦୁକ ପାଣି ନ ପାଇବା ପର୍ଯ୍ୟନ୍ତ ବୋହୂର ଜଳଯୋଗ ମଧ୍ୟ ଥିଲା ଅସମ୍ଭବ ଓ ଅସମୀଚୀନ ବ୍ୟାପାର । ଆର୍ଥିକ କ୍ଷମତା ଶାଶୂ-ଶ୍ୱଶୁରଙ୍କ ହାତରେ ଥିବାରୁ ନବବଧୂଟିଏ ତାଙ୍କର ବଶତା ସ୍ୱୀକାର କରିବା ଥିଲା ଏକ ଅବଶ୍ୟମ୍ଭାବୀ ପରିଣତି । କ୍ରମେ କୃଷିଭିତ୍ତିକ ସଭ୍ୟତାର ପରିବର୍ତ୍ତନ ହେଲା ଆଧୁନିକ ଶିକ୍ଷାର ବିକାଶରେ । ପୁରାତନ ଜାତିଭିତ୍ତିକ କୌଳିକ ବ୍ୟବସ୍ଥା ସମନ୍ୱିତ ପରିବାରର ମଧ୍ୟ ପରିବର୍ତ୍ତନ ହେଲା । ନାରୀ ଶିକ୍ଷାର ଅଭ୍ୟୁଦୟ ସହିତ ନାରୀ ସ୍ୱାଧୀନତା, ନିଯୋଜନରେ ନାରୀମାନଙ୍କର ପ୍ରାଥମିକତା ପରି ଅନେକ ବିଷୟ ସାମାଜିକ ବ୍ୟବସ୍ଥା ସହିତ ଆପେ ଆପେ ଯୋଡ଼ି ହୋଇଗଲା । ପିତାମାତାଙ୍କ ଦ୍ୱାରା ନିର୍ବାଚିତ କନ୍ୟା ବଧୂ ଭାବରେ ଗୃହ ପ୍ରବେଶ କରିବାର ପରମ୍ପରା ମଧ୍ୟ କେତେକାଂଶରେ ବ୍ୟାହତ ହେଲା । ଯେତେବେଳେ ବୋହୂ ନିଜେ ଶିକ୍ଷିତା ରୋଜଗାରକ୍ଷମ ଏବଂ ପତି ତାଙ୍କର ଆଦେଶ କାର୍ଯ୍ୟକାରୀ କରିବାକୁ ସତତ ପ୍ରସ୍ତୁତ, ସେତେବେଳେ ବା ଶାଶୂଙ୍କର ପୁରାତନ କାରନାମା ଚଳନ୍ତା କେମିତି? ଏହିକ୍ରମରେ ଏବେ ଚାଲିଛି ବୋହୂଙ୍କର ପାଳି । କେତେକ ପରିବାରରେ ବୋହୂ ନିର୍ଦ୍ଦେଶିକା ଏବଂ ଶାଶୂ ଜଣେ ପରିଚାରିକା ।

ଶାଶୂଙ୍କର ବୟସ ବଢ଼ିଗଲେ ସିଏତ ବୋହୂଙ୍କର ଦୟାର ପାତ୍ର । ନିଜର ସ୍ୱାସ୍ଥ୍ୟ ସେବା ପାଇଁ ବୋହୂ ହିଁ ଏକମାତ୍ର ମାଧ୍ୟମ । ନହେଲେ କେତେବେଳେ ଅନାଥାଶ୍ରମକୁ ସ୍ଥାନାନ୍ତରିତ ହେବେ କହିହେବ ନାହିଁ । ଯଦି ସ୍ୱାମୀ ଆଗରୁ ଚାଲିଯାଇଥା'ନ୍ତି ତା'ହେଲେ ଶାଶୂଙ୍କ ଅବସ୍ଥା ନ କହିବା ଭଲ ।

ତା'ହେଲେ କ'ଣ ପୂର୍ବକାଳରେ ଶାଶୂଙ୍କର ଯୁଗ ଥିଲା ବେଳେ ଏବେ ବୋହୂମାନଙ୍କର ଯୁଗର ଅୟମାରମ୍ଭ ହୋଇଛି? ଶାଶୂଟିଏ ଭୁଲିଯାଉଛି ଯେ ସେ ଦିନେ ବୋହୂ ଥିଲା ଏବଂ ବୋହୂଟି ବି ଭୁଲିଯାଉଛି ସେ ବି ଦିନେ ଶାଶୂ ପାଲଟିବ । ଉଭୟପକ୍ଷ ନିଜର ବର୍ତ୍ତମାନ ଭିତରେ ସୀମିତ । ବର୍ତ୍ତମାନ ହିଁ ଦିନେ ଅତୀତ ପାଲଟିବ ଏବଂ ବର୍ତ୍ତମାନ ଭିତରୁ ଦିନେ ଭବିଷ୍ୟତ ଜନ୍ମନେବ, ତାହା କେହି ଭାବିବାକୁ ପ୍ରସ୍ତୁତ ନୁହନ୍ତି । ଝିଅ, ବୋହୂ ଓ ଶାଶୂ ଗୋଟିଏ ଚରିତ୍ରର ତିନୋଟି ଅବସ୍ଥା । କିନ୍ତୁ ଏକଥା ଜଣେ ଭୁଲିଯାଉଛି । ଯେତେବେଳେ ସେ ଯେଉଁ ଚରିତ୍ରରେ ଅବତୀର୍ଣ୍ଣ ହେଉଛି ସେତେବେଳେ ଅନ୍ୟମାନେ ତା'କୁ ଗୌଣ ଦିଶୁଛନ୍ତି । ଏକ ଆତ୍ମସର୍ବସ୍ୱ ଦୃଷ୍ଟିକୋଣରୁ ସେ ନ ବାହାରିପାରି ନିଜର ଚରିତ୍ରର ବିକାଶ କରିପାରୁନାହିଁ । ଅନ୍ୟକୁ ସମ୍ମାନ ନ ଦେଲେ ଆମର ଚରିତ୍ରର ପ୍ରକୃତ ଗୁରୁତ୍ୱ ବଢ଼ିବ ନାହିଁ ଏକଥା ଆମେ କମ୍ ବୁଝୁଛୁ ।

ଶାଶୂ-ବୋହୂ ବିବାଦରେ ସବୁଠୁ କ୍ଷତିଗ୍ରସ୍ତ ହୁଏ ପୁଅଟି । ଯିଏ ଦିନେ ପୁଅ ଥିଲା ଏବେ ସ୍ୱାମୀର ଭୂମିକା ନିଭାଉଛି । ଯଦି ସିଏ ଉଦାର ଓ ମାତୃଭକ୍ତ ହୋଇଥାଏ, ତା'ହେଲେ ସେ ନିଜେ ନିମନ୍ତ୍ରଣ କରେ ନିଜର ଅଶାନ୍ତିକୁ । ଅଶାନ୍ତି ବି ବଢ଼ି ବଢ଼ି ଆଇନଗତ ଯୁଦ୍ଧରେ ପରିଣତ ହୁଏ । କେତେ ପରିବାର ଭାଙ୍ଗିଯାଏ; କେତେ ମାଆ-ପୁଅଙ୍କର ବନ୍ଧନ ଛିନ୍ନ ହୁଏ । କେଉଁଠି ପୁଣି କ୍ରମାଗତ ଆଇନଗତ ଲଢ଼େଇ ପରିବାରର ସବୁ ଆନନ୍ଦକୁ ଉଜାଡ଼ିଦିଏ । ସେଇ ପୁଅଟି ବେଶି କଷ୍ଟ ପାଏ, ଯିଏ କି ଉଭୟଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରେ । ଇଂରାଜୀରେ କଥାଟିଏ ଅଛି ଯାହାକି ହିଟଲର କହୁଥିଲେ- 'ହି ହୁ ଇଜ୍ ନଟ୍ ୱିଥ ଅସ୍ ଇଜ୍ ଏଗେନଷ୍ଟ ଅସ୍(ଯିଏ ଆମ ସହିତ ନାହିଁ ସେ ଆମ ବିରୋଧୀ) ।' ସେଇ କ୍ରମରେ ପୁଅଟି ନିଜକୁ ଆବିଷ୍କାର କରେ ଉଭୟ ମାଆ ଓ ପତ୍ନୀଙ୍କର ପ୍ରତିପକ୍ଷ ଭାବରେ ।

ଆଜିକାଲି ଝିଅଟିଏ ବାହାଘର ପୂର୍ବରୁ ଖୋଜୁଛି ଘରେ ଆଉ କିଏ କିଏ ଅଛନ୍ତି? ଯଦି ଶାଶୂ ଆଉ ନଣନ୍ଦ ନାହାନ୍ତି ସେ ଭାବୁଛି ସେ ନିରୁପଦ୍ରୁତ । ବଡ଼ ଭୟଙ୍କର ମାନସିକ ସ୍ଥିତି ଇଏ । ଯେଉଁ ମାଆଟି ବୋହୂଟିକୁ ବରଣ କରେ, ସିଏ ଭାବେ ଏଇଟି ତା'ର ବୋହୂ ନୁହେଁ, ସିଏ ବି ତା'ର ଝିଅଟିଏ । ଦିନେ ତା'କୁ ସବୁ ଦାୟିତ୍ୱ ନେଇ ସିଏ ନିଶ୍ଚିନ୍ତ ହୋଇଯିବ । ତା'ର ପ୍ରାଣପ୍ରିୟ ପୁଅର ଯିଏ ସବୁ ଯତ୍ନ ନେବ, ଯିଏ ପରିବାରକୁ ନୂତନ ପିଢ଼ି ଆଣିଦେବ, ତା'ସହିତ ଶତ୍ରୁତା ହେବ କାହିଁକି? ଏହା କ'ଣ ତା' ହେଲେ ଗୋଟାଏ ପିଢ଼ିଗତ ଚିନ୍ତନ ଦୂରତା(ଜେନେରେସନ ଗ୍ୟାପ୍) ନା ପିଢ଼ି ଭିତର ମାନସିକ ଶୂନ୍ୟତା? ଜୀବନରେ ଅନ୍ୟକୁ ବନ୍ଧୁ ଭାବରେ ଦେଖିଲେ ଜୀବନ ହୁଏ ଆନନ୍ଦମୟ । ସେଇଠି ହିଁ ରହିଛି ସ୍ୱର୍ଗ । ଆଉ ଯେଉଁଠି ଶତ୍ରୁ ଭୟ ତାହା ହେଉଛି ନର୍କ । ଶତ୍ରୁ ବୋଲି ମନେମନେ ବିବେଚନା କରି ଜଣେ ନିଜ ପାଇଁ ନର୍କକୁ ନିମନ୍ତ୍ରଣ କରୁନାହିଁ ତ? ଏଇ ମାନସିକତାରୁ ଶାଶୂ ଓ ବୋହୂ ମୁକ୍ତ ହେବେ କେବେ? ●

ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧
(ପୂର୍ବତନ ପ୍ରଶାସନିକ ଅଧିକାରୀ)

## ବନ୍ଦର-ମାଳିନୀ କଳିଙ୍ଗ

**ସାତଦରିଆପାରେ**

ସତ୍ୟଜ୍ୟୋତି

ନଦୀମାଳିନୀ ଓ ଉପତ୍ୟକା ଧାରିଣୀ ଆମ ଉତ୍କଳ ଭୂମି ବା ପୁରାତନ କଳିଙ୍ଗ ଯେ ଦିନେ ବନ୍ଦର ସମୃଦ୍ଧ ଥିଲା ଏହା ଆଜି ଏକ କଳ୍ପନାପ୍ରସୂତ ଉପନ୍ୟାସର କାହାଣୀ ପରି ମନେ ହେଉଛି । କଳିଙ୍ଗ ଉପକୂଳରେ ବନ୍ଦର ସମ୍ପର୍କରେ ଗ୍ରୀକ୍ ସାହିତ୍ୟ, ଇଜିପ୍ଟ ପରିବ୍ରାଜକ ଟଲେମୀଙ୍କ ଭୂଗୋଳ, ଚୀନ ପରିବ୍ରାଜକମାନଙ୍କ ଭ୍ରମଣ କାହାଣୀ, ଆରବ ଓ ପାରସ୍ୟ ଭୂଗୋଳ ପୁସ୍ତକ, ବ୍ରିଟିଶ, ଡଚ୍ ଓ ଫରାସୀ ଶାସକମାନଙ୍କ ନୌବାଣିଜ୍ୟ ରେକର୍ଡ, ନାବିକମାନଙ୍କର ଜଳଯାତ୍ରାର ଲଗବୁକ୍ ଆଦିରୁ ଅନେକ ସୂଚନା ମିଳିଛି । ପ୍ରସିଦ୍ଧ ଐତିହାସିକ, ପରିବ୍ରାଜକ ତଥା ଭୂଗୋଳବିତ୍ ଟଲେମୀ, ପର୍ତ୍ତୁଗାଲ ପରିବ୍ରାଜକ ଟୋମେ ପିରୋଜଙ୍କ ପୁସ୍ତକ ଏବଂ ଡବ୍ଲୁ ଏଚ୍ ସ୍କୋଫ୍‌ଙ୍କ ଲିଖିତ 'ଦି ପେରିପ୍ଲସ୍ ଅଫ୍ ଦି ଏରିଥ୍ରିୟାନ ସି' ପୁସ୍ତକରେ କଳିଙ୍ଗ ଉପକୂଳରେ ଶତାଧିକ ବନ୍ଦର ବିଷୟରେ ଉଲ୍ଲେଖ ରହିଛି । ଆଉ କେତେକ ବନ୍ଦର ସମ୍ପର୍କରେ ବହୁ ଗବେଷକ, ନାବିକ, ପରିବ୍ରାଜକ, ଐତିହାସିକ ଉଲ୍ଲେଖ କରିଥିଲେ ମଧ୍ୟ ସେସବୁ ଏବେ ବିଲୁପ୍ତପ୍ରାୟ ଓ ଅନାଲୋଚିତ । ସାମଗ୍ରିକ ଓ ତଥ୍ୟବଦ୍ଧ ଭାବେ କଳିଙ୍ଗର ଦେଢ଼ଶହରୁ ଊର୍ଦ୍ଧ୍ୱ ବନ୍ଦର ରହିଥିବା ଜଣାଯାଏ । ଲକ୍ଷ୍ୟ କରିବାର କଥା ଆଜି ନଦୀ ଓ ଉପକୂଳ ଆମ ପାଇଁ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ବାହକ ଭାବେ ନିନ୍ଦିତ ହେଉଛି । କିନ୍ତୁ ଏହି ପ୍ରକୃତିଦତ୍ତ ବିଭବକୁ ଦିନେ କଳିଙ୍ଗ ସାଧବ ପୁଞ୍ଜି କରି କଳିଙ୍ଗ ମାଟିକୁ ସମୃଦ୍ଧ କରିଥିଲା । ପ୍ରାକୃତିକ ସମ୍ପଦର ପରିଚାଳନା ପରିକଳ୍ପନାରେ ବିଭ୍ରାଟର ପରାଭବରେ ସମ୍ପଦାସମୃଦ୍ଧ କଳିଙ୍ଗ ଯେ ଆଜିର ଦରିଦ୍ର ରାଜ୍ୟର ଅପଖ୍ୟାତି ବହନ କରୁଥିବା 'ଓଡ଼ିଶା'କୁ ରୂପାନ୍ତରିତ ହୋଇପାରେ ଏହା ଅନୁଶୀଳନସାପେକ୍ଷ ।

ରୋମାନ୍ ପଣ୍ଡିତ ପ୍ଲିନି ଯେଉଁ ଦୁର୍ଗକୁ ଗଙ୍ଗାଠାରୁ ୫୭୪ବ୍ରିଟିଶ୍ ମାଇଲ ଦୂରତାରେ ଥିଲା ବୋଲି ଲେଖିଛନ୍ତି, ତାହାକୁ ପରବର୍ତ୍ତୀ କାଳରେ ଗବେଷକମାନେ 'ଦନ୍ତପୁର' ରୂପେ ଚିହ୍ନଟ କରିଛନ୍ତି । ଜୈନ ଧର୍ମଗ୍ରନ୍ଥ 'ଉତ୍ତରାଧ୍ୟାୟନ' ସୂତ୍ରରେ ଗଞ୍ଜାମ ଜିଲ୍ଲା ଜରଡ଼ାଥାନାର ଅଧୀନ ପିହୁଣ୍ଡିକୁ 'ପିହୁଣ୍ଡା ବନ୍ଦର' ନାମରେ ନାମିତ କରାଯାଇଛି । ଗଞ୍ଜାମର ଜରଡ଼ା ଥାନା ଅଧୀନ ବାହୁଦା ନଦୀ କୂଳରେ ଥିବା 'ରାଜପୁର' ଏକଦା କଳିଙ୍ଗର ରାଜଧାନୀ ଓ ବନ୍ଦର ନଗରୀ ରୂପେ ଖ୍ୟାତ ଥିଲା । ଖ୍ରୀଷ୍ଟପୂର୍ବ ୩୦୦ରେ ମେଘାସ୍ଥିନିସ୍‌ଙ୍କ ଭାରତ ଭ୍ରମଣ କାଳରେ ବନ୍ଦର ନଗରୀ 'ପାର୍ଥାଳି' ବା 'ପ୍ରସ୍ତାରୀ' କଳିଙ୍ଗର ରାଜଧାନୀ ଥିବା ସେ ଉଲ୍ଲେଖ କରିଛନ୍ତି । ଗଞ୍ଜାମ ଜିଲ୍ଲାର ଚିଲିକା ଉପକୂଳରେ ପଥରା ନିକଟରେ 'ଛତ୍ରଗଡ଼' ବନ୍ଦର ଥିବା ହୁଏନ୍ ସାଂଙ୍କ ଭ୍ରମଣ କାହାଣୀରୁ ଜଣାଯାଏ ।

କେତେକ ଗବେଷକ 'ତାମ୍ରଲିପ୍ତ'କୁ ଭାରତର ସର୍ବପ୍ରାଚୀନ ବନ୍ଦର ମାନ୍ୟତା ଦେଇଛନ୍ତି । ହୁଏନ୍‌ସାଂଙ୍କ ଭ୍ରମଣ କାହାଣୀରେ ମଧ୍ୟ 'ତାମ୍ରଲିପ୍ତ' କଳିଙ୍ଗର ଏକ ସମୃଦ୍ଧିଶାଳୀ ବନ୍ଦର ରୂପେ ଉଲ୍ଲେଖ ରହିଛି । ଜୈନ ଧର୍ମର ପ୍ରସିଦ୍ଧ ତୀର୍ଥଙ୍କର ମହାବୀର ଶ୍ରୀବସ୍ତିରୁ ପୂର୍ବଭାରତ ଯାତ୍ରାକାଳରେ 'ହାଠଶୀଶ' ବନ୍ଦର ଦେଇ ତୋଷାଳି ଯାଇଥିବା ଜଣାଯାଏ । ଟଲେମୀଙ୍କ ଭ୍ରମଣ କାହାଣୀରେ ଚିଲିକାର ପୂର୍ବ ଉପକୂଳରେ ଚିଲିକା ବ୍ଲକ ହାଟବରଡିହ ଗ୍ରାମପଞ୍ଚାୟତର 'ଗଇନଡ଼ା' ଏବଂ ଛତ୍ରଗଡ଼ ନିକଟରେ 'ବଡ଼କୂଳ', 'ଅଶୁଖାରୀ ପାଟଣା', 'ଗଣପତି ପାଟଣା', 'ସୁବୁଦ୍ଧିପାଟଣା', 'ଇଞ୍ଜନପୁର', 'ହରିପୁର', 'ନିମିନା', 'ବାଲିଆ', 'ଆମରୋଳୀ' ବା 'ଅମରାବଳୀ', 'ଇଚ୍ଛାପୁର', 'ହରିପୁର', ନିମିକ୍ଷେତା ଗ୍ରାମ ପଞ୍ଚାୟତର 'ଇଞ୍ଜନପୁର', ସିଙ୍ଗେଶ୍ୱର ଗ୍ରାମ ପଞ୍ଚାୟତର 'ଖଣ୍ଟୁଆଳକୋଟ', 'କାଳୁପଡ଼ାଘାଟ', 'ଥୋରଣ' ବା 'ସୋରଣ' ଆଦି ପୁରାତନ ବନ୍ଦର ରୂପେ ଉଲ୍ଲେଖ ରହିଛି । ଖୋର୍ଦ୍ଧାଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ 'କାଶୀପୁର', 'କୁହୁଡ଼ି', 'ଓରଡ଼', 'ପାରିଓରଡ଼', 'ହଳଦିଆ ପାଟଣା', 'ବାଣପୁର', 'ବାଲୁଗାଁ-ବାଲିଗ୍ରାମ', 'ଇଚ୍ଛାବତୀ', ଆଦି ମଧ୍ୟ କ୍ଷୁଦ୍ରବନ୍ଦର ରୂପେ କାର୍ଯ୍ୟକ୍ଷମ ଥିବା ଜଣାଯାଏ ।

ଚିଲିକା ହ୍ରଦ ଅରଖକୁଦା ସମୁଦ୍ର ମୁହାଁଣ ନିକଟରେ ଚିଲିକାର ବାହାରନାଳିର ଉତ୍ତର ଦିଗରେ ଥିବା 'ମାଣିକପାଟଣା'ରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଧଳାରଙ୍ଗର ଚୀନାପାତ୍ର, ଇରାନ, ଇରାକ୍ ଓ ବ୍ରହ୍ମଦେଶରେ ସେ କାଳରେ ବ୍ୟବହୃତ ହେଉଥିବା ପ୍ରାଚୀନ ପାତ୍ର ଉଦ୍ଧାର କରିଛନ୍ତି । ଏଠାରୁ ଦେଶବିଦେଶକୁ ଚାଉଳ, ଲୁଣ, ସୂତାବସ୍ତ୍ର ଆଦି ରପ୍ତାନୀ କରାଯାଉଥିବା ଅନୁମାନ କରାଯାଏ । ଝଡ଼, ବାତ୍ୟା ସମୟରେ ବଙ୍ଗୋପସାଗରକୁ ଜାହାଜ ଆସି ଚିଲିକା ମୁହାଁଣ ଦେଇ 'ମାଣିକପାଟଣା' ବନ୍ଦରଠାରେ ଆଶ୍ରୟ ନେଉଥିବା ବହୁ ଗବେଷକ ପ୍ରମାଣସିଦ୍ଧ ତଥ୍ୟ ଉଲ୍ଲେଖ କରିଛନ୍ତି ।(କ୍ରମଶଃ...) ●

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

● ବଦଳି ପରେ ଆସୁନାହାନ୍ତି ନୂଆ ଡିଇଓ

# ସ୍କୁଲ୍‌କୁ ବିଳମ୍ବରେ ଯାଉଛନ୍ତି ଶିକ୍ଷକ

ହୁମ୍ମା/ଗଞ୍ଜାମ, ୧୪।୨(ସମିସ): ବ୍ଲକର ଅଧିକାଂଶ ଶିକ୍ଷକ ବିଳମ୍ବରେ ଯାଉଥିବା ଦେଖିବାକୁ ମିଳିଛି। ସମାୟାନୁବର୍ତ୍ତିତା ହେଉ ନ ଥିବା ନେଇ ଅଭିଯୋଗ ହୋଇଛି। ସକାଳ ୧୧ ଘଣ୍ଟା ସମୟରେ ସ୍କୁଲ ଯାଉଥିବା ବେଳେ ଅନ୍ୟ କେତେକ ଶିକ୍ଷକ ଦିବା ୧୨ ଘଣ୍ଟା ସମୟରେ ସ୍କୁଲକୁ ଯାଉଥିଛନ୍ତି। ଗଞ୍ଜାମ ବ୍ଲକର ପ୍ରାଥମିକ ସ୍କୁଲର ଶିକ୍ଷକ ବିଳମ୍ବରେ ଯିବା ସହ ଅଧିକାଂଶ ସମୟ ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି। ଗଞ୍ଜାମ ବ୍ଲକ ବିଇଓ ଓ ଏବିଇଓଙ୍କୁ ହାତ ମୁଠାରେ ରଖି ଏଭଳି କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ତାଗିଦ କେହି କରୁନାହାଁନ୍ତି। ଗଞ୍ଜାମ ଜିଲ୍ଲା ଡିଇଓ ବଦଳି ଯିବା ପରେ ସେହି ପଦ ଖାଲି ପଡ଼ି ରହିଛି। ଏଡ଼ିଇଓ ଓ ଗଞ୍ଜାମ ବ୍ଲକ ବିଇଓ ପଦ ମଧ୍ୟ ଖାଲି ପଡ଼ି ରହିଛି। ଫଳରେ କିଛି ପ୍ରଧାନ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉତ୍ତମ ପାଠ ପଢ଼ାଉ ନ ଥିବା ବେଳେ ସ୍କୁଲ ଛାଡ଼ି ଘରକୁ ପଳେଇ ଯାଉଛନ୍ତି। ବିଇଓ ପ୍ରସନ୍ନ କୁମାର ବେହେରା ଦାୟିତ୍ୱ ଗ୍ରହଣ କରିବାର ଅଛି। କିନ୍ତୁ ନୂତନ ବିଇଓ ପ୍ରସନ୍ନ ବେହେରା ଗଞ୍ଜାମ ବ୍ଲକର ଦାୟିତ୍ୱ ଭାର ଗ୍ରହଣ କରିବାକୁ ଚାହୁଁ ନ ଥିବା ନେଇ ଚର୍ଚ୍ଚା ହେଉଛି। ଶିକ୍ଷକମାନେ ନିର୍ବାଚନ ମାଧ୍ୟମରେ ସଂଘର ନେତା ଭାବେ ଚୟନ କରୁଛନ୍ତି। ଗଞ୍ଜାମ ବ୍ଲକର ବିଭିନ୍ନ ଚା'ଖଟିରେ ରାଜନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ନେତା ହେବା ପରେ ସେମାନେ

● ମନଇଚ୍ଛା ଅନୁପସ୍ଥିତ ରହୁଥିବା ଅଭିଯୋଗ

ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ନେତାଙ୍କ ସହ କେତେକ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ନ ପଢ଼ାଇ ସରକାରୀ ଅର୍ଥକୁ ଲୁଟ କରୁଥିବା ନେଇ ଆଲୋଚନା ହୋଇଛି। ଗଞ୍ଜାମ ବ୍ଲକର କୁନିକୁନି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବର୍ତ୍ତମାନ ଅନ୍ଧାକାର ହେବାକୁ ବସିଛି। ଗଞ୍ଜାମ ଜିଲ୍ଲାପାଳ ବିଳମ୍ବରେ ଆସୁଥିବା ଶିକ୍ଷକ, ମନଇଛା ଅନୁପସ୍ଥିତ ରହୁଥିବା ଶିକ୍ଷକ, ଶିକ୍ଷକ ନେତାଙ୍କୁ ପାଠ ପଢ଼ାଉଛନ୍ତି କି ନାହିଁ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି।

ଜଳବିଭାଜିକା ବିଭାଗରେ ଦୁର୍ନୀତି ଅଭିଯୋଗ

# ଭୂମିହୀନଙ୍କ ଜମିରେ ଖୋଳାଯାଇଛି ପୋଖରୀ!

ଜଗନ୍ନାଥପ୍ରସାଦ, ୧୪।୨(ସମିସ)




ପୂର୍ବରୁ ଜଗନ୍ନାଥପ୍ରସାଦ ବ୍ଲକରେ କାର୍ଯ୍ୟରତ ଜଳବିଭାଜିକା ପ୍ରକଳ୍ପ ଅଧିକାରୀ ଶାନ୍ତନୁ ମହାପାତ୍ର ପଦୋନ୍ନତି ପାଇ କୋରାପୁଟ ମାଲକାନଗିରି ଅଞ୍ଚଳକୁ ଯିବା ପରେ ଏଇ କୁବେର ଅଧିକରୀଙ୍କୁ ଜାଲରେ ପକାଇଛି ଭିଜିଲାନ୍ସ ବିଭାଗ। ତାଙ୍କର ଗିରଫଦାରିକୁ ନେଇ ସାର ରାଜ୍ୟରେ ଚର୍ଚ୍ଚ ହେଉଥିବା ବେଳେ ଗଞ୍ଜାମରୁ ଲମ୍ବିଥିବା ଦୁର୍ନୀତିର ଚେରକୁ ନେଇ ଏବେ ଉଠିଛି ପ୍ରଶ୍ନବାଚୀ। ବିଶେଷକରି ଜଗନ୍ନାଥପ୍ରସାଦ ଅଞ୍ଚଳରେ ପୁଣି ଏକ ଦୁର୍ନୀତି ପଦାକୁ ଆସିଛି। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ପଞ୍ଚାୟତରେ ପୋଖରୀ କାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଖବର ଗତ ଫେବୃଆରୀ ୮ ତାରିଖରେ 'ସକାଳ' ଖବର କାଗଜରେ ପ୍ରକାଶନ ହୋଇଥିବା ବେଳେ ପୁଣି ଏକ ପୋଖରୀ କାର୍ଯ୍ୟ ବାଟବଣା ହୋଇଥିବା ନଜରକୁ ଆସିଛି। ଉକ୍ତ ପୋଖରୀ ଖନନକାର୍ଯ୍ୟ ଜଳ ବିଭାଜିକା କାର୍ଯ୍ୟାଳୟ ତରଫରୁ କରାଯାଇଥିବା ବେଳେ ସେହି ପୋଖରୀରେ ନଡ଼ିଆ ଗଛ ରୋପଣ ସହିତ ତାହାର ରକ୍ଷଣାବେକ୍ଷଣ ପାଇଁ ଗତ କିଛିମାସ ଧରି ୩୦ହଜାର ଟଙ୍କା ଉଠାଣ ହୋଇଥିବା କାର୍ଯ୍ୟସୂଚୀ ଅନଲାଇନରେ ଦର୍ଶାଯାଇଛି। ଏହି ପୋଖରୀଟି ଚଢିଆପଲ୍ଲୀ ପଞ୍ଚାୟତ କୁମୁଟି ଗ୍ରାମର ବିଷ୍ଣୁ ସେଠୀଙ୍କ ନାମରେ ଖୋଳାଯାଇ ୨୦୨୨/୨୩ ଆର୍ଥିକ ବର୍ଷ ଅନୁଯାଇ ୧୬୩୪୩୬ଟଙ୍କାର ବିଲ କରାଯାଇଥିବା ବେଳେ ଏହାର କାର୍ଯ୍ୟସୂଚୀ କୋଡ ୨୪୧୨୦୦୨/ସଲ/୧୦୯୧୭୧୪୯ ରହିଛି। ତେବେ ସେହି ପୋଖରୀରେ ୨୫ଗୋଟି ନଡ଼ିଆ ଗଛ ରୋପଣ ଓ ତାହାର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ମଞ୍ଜୁର ହୋଇଥିବାରୁ ପୋଖରୀ ପରିଦର୍ଶନ ପାଇଁ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ବିଷ୍ଣୁ ସେଠୀଙ୍କ ନାମରେ ଖନନ ହୋଇଥିବା ପୋଖରୀଟି ଉକ୍ତ ସ୍ଥାନରେ ନ ଥିବା ଅଧିକାରୀମାନେ ଦେଖିଥିଲେ। ତେବେ ବିଭାଗ ପକ୍ଷରୁ ୩୦ହଜାର ଟଙ୍କାକୁ ବିଷ୍ଣୁ ସେଠୀଙ୍କ ବ୍ୟାଙ୍କଖାତାକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଉକ୍ତ ପୋଖରୀଟି ଗ୍ରାମର ଗ୍ରାହକ ସେବାକେନ୍ଦ୍ର ବାବୁଲା ଗୌଡ଼ଙ୍କ ଜମିରେ ଖୋଳା ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ମେସିନ ଦ୍ୱାରା ଖୋଳା ଯାଇଥିବା ନେଇ ଅଭିଯୋଗ ରହିଥିବା ବେଳେ ଦର୍ଶାଯାଇଥିବା ସମସ୍ତ ଶ୍ରମିକ ନିକଟତମ ଗ୍ରାମର ବୋଲି ସୂଚନା ରହିଛି। ଶ୍ରମିକ ବିଲ ଚାରିକଣିଆ ଗ୍ରାମର ନଟବର ସାହୁ, କାମ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ବିଶ୍ୱନାଥ ପ୍ରଧାନ, ତ୍ରିନାଥ ପ୍ରଦାନ, ବିପିନ ପ୍ରଧାନ, ସୂର୍ଯ୍ୟ ମାଝି, ପ୍ରଫୁଲ୍ଲ ରାଉତ, ମାଳତୀ ରାଉତ, କମଳା ରାଉତ ଭଳି ଅନେକ ଶ୍ରମିକଙ୍କ ନାମରେ ଚଢ଼ିଆପଲ୍ଲୀ ଜନସେବା କେନ୍ଦ୍ର ବାବୁଲାଙ୍କ ଠାରୁ ଟଙ୍କା ଉଠାଯାଉଛି। ପୋଖରୀ ଖୋଳାରେ ଅନିୟମିତତା ପଛରେ କେତେକ ଜନସେବା କେନ୍ଦ୍ର ମାଲିକ ଓ ଠିକାଦାରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏହାର ଆମୂଳ ଚୂଳ ତଦନ୍ତ କଲେ ବହୁ ଅନିୟମିତତା ପଦାକୁ ଆସିପାରିବ ବୋଲି ସ୍ଥାନୀୟ ଚଷୀକୁଳ ଦାବି କରିଛି। ଲେପା, ରାଣୀଭୂମୀ, ଏକଘରିଆପଲ୍ଲୀ ପରେ ବର୍ତ୍ତମାନ ଚଢ଼ିଆପଲ୍ଲୀ ପଞ୍ଚାୟତ ଯାତ୍ରା କୁମୁଟି ଗ୍ରାମରେ ତିଆରି ହୋଇଥିବା ପୋଖରୀ ଦୁର୍ନୀତି ମୃତ୍ତିକା ସଂରକ୍ଷଣ ବିଭାଗକୁ ହରଡ଼ଘଣାରେ ପକାଇଛି। ଜଗନ୍ନାଥପ୍ରସାଦ ଜଳ ବିଭାଜିକା ବିଭାଗ ନାଁରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି।

**ନଡ଼ିଆ ଚାରା ରୋପଣ ଓ ରକ୍ଷଣାବେକ୍ଷଣ ପାଇଁ ୩୦ ହଜାର ଟଙ୍କା**

# ଦଶମ ବୋର୍ଡ ପରୀକ୍ଷା ଦେବେ ବୁଗୁଡ଼ାର ୧୭୪୩ ଛାତ୍ରଛାତ୍ରୀ

ବୁଗୁଡ଼ା, ୧୪।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଚଳିତ ବର୍ଷ ଫେବୃୟାରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବଫ ଏ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୧୦କେନ୍ଦ୍ରରେ ୧୭୪୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟସୂତ୍ରରୁ ପ୍ରକାଶ ପାଇଛି। ପରୀକ୍ଷା କେନ୍ଦ ମଧ୍ୟରୁ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ସର୍ବାଧିକ ୨୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ୨୦୦ ଜଣ, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୦ ଜଣ, ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୫ ଜଣ, ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୧୮୪ ଜଣ, ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୮୧, ପଙ୍କଳବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୭୭, ପୋଚାଲୁଣ୍ଡି ଗ୍ରାମସ୍ଥ ମା କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୫୮ ଜଣ, ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୩୭ ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ଜଣାପଡ଼ିଛି। ଏ ସମସ୍ତ କେନ୍ଦ୍ର ମଧ୍ୟରୁ କେବଳ ପିପୁଲ୍ସ ହାଇସ୍କୁଲ ଏବଂ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ମାତ୍ର ଜଣେ ଲେଖାଏଁ ଏକ୍ସରେଗୁଲାର ପରୀକ୍ଷାର୍ଥୀ ରହିଥିବା ଜଣାଯାଇଛି।

# ସମୁଦ୍ରର ପାଣି ମଧୁର କରିବା ନେଇ ବୁଝାମଣା

ଛତ୍ରପୁର, ୧୪।୨(ସମିସ): ସମୁଦ୍ରର ଲୁଣି ପାଣିକୁ ଟ୍ରିଟମେଣ୍ଟ କରି ଲୋକମାନଙ୍କ ଘରକୁ ମିଠା ପାଣି ଯୋଗାଇବା ପାଇଁ ଏକ ପ୍ରକଳ୍ପ ନିମନ୍ତେ ଶୁକ୍ରବାର ଗଞ୍ଜାମ ଜିଲ୍ଲା ପ୍ରଶାସନ ସହ ଆଇଆରଇଏଲ୍‌ର ବୁଝାମଣ ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଉପସ୍ଥିତରେ ବ୍ରହ୍ମପୁର ଡିଭିଜନ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ବିକାଶ ପତିଙ୍କ ସହ ଆଇଆରଇଏଲ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସମସ୍ତ ଗ୍ରାମ ଓ କଣମଣା ପଞ୍ଚାୟତର ମାଟିଖାଲ ଗ୍ରାମକୁ ପାଣି ଯୋଗାଇ ଦିଆଯିବ। ଆଇଆରଇଏଲ୍ ପ୍ଲାଣ୍ଟ ପରିସର ମଧ୍ୟରେ ଏହି ଟ୍ରିଟମେଣ୍ଟ ପ୍ରକଳ୍ପ ହେବ।



ଏହାର କାମ ଗୋଟିଏ ବର୍ଷ ମଧ୍ୟରେ ସରିବ। ଏହି ପ୍ରକଳ୍ପ ଦ୍ୱାରା ୪.୫ ନିୟୁତ ଲିଟର ପାଣି ଦୈନିକ ଟ୍ରିଟମେଣ୍ଟ ହେବ ୩ ନିୟୁତ ଲିଟର ପାଣି ଆଇଆରଇଏଲ ବ୍ୟବହାର କରିବାକୁ ଥିବାବେଳେ ସେଥିରୁ ୧. ୫ ନିୟୁତ ଲିଟର ପାଣି ଆର୍ଯ୍ୟପଲି ପଞ୍ଚାୟତ ଏବଂ ମାଟିଖାଲ ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଣ ହେବ। ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସରିବ ଏବଂ ପ୍ରୋଜେକ୍ଟ ଆରମ୍ଭ ହେବ ବୋଲି ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପତି ସୂଚନା ଦେଇଛନ୍ତି।

# ବେଠିଆବୋରଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା, ୧୪।୨(ସମିସ): ବୁଗୁଡ଼ା ବ୍ଲକ ଖୋଳଖାଲି ପଞ୍ଚାୟତ ଅନ୍ତର୍ଗତ ବେଠିଆବୋରଦା ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଏସ୍‌ଏମସି ସଭାପତି ସୁଲୋଚନା ସ୍ୱାଇଁ, ସିଆରସିସି ଦିଲୀପ କୁମାର ବେହେରା, ତାଳସାକର ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ ଓ ସତ୍ୟ ନାରାୟଣ ବେହେରା, ନାଏବ ସରପଞ୍ଚ ପ୍ରମୋଦ କୁମାର ପଣ୍ଡା, ଉମାକାନ୍ତ ପାତ୍ର, କାର୍ତ୍ତିକ ସାହାଣୀ, ଶିକ୍ଷକ ସୁରେନ୍ଦ୍ର ନାଥ ଜେନା ଓ ପ୍ରଶାନ୍ତ କୁମାର ରଥ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସୀତାରାମ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷକ ନିଳାଦ୍ରୀ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

● ୧୬ରୁ ମା' ରାମଚଣ୍ଡୀ ମହୋତ୍ସବ

# ମୁଖ୍ୟ ଆକର୍ଷଣ ଓଡ଼ିଆ ଫିଲ୍ମ ତାରକା

ରମ୍ଭା, ୧୪।୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ନୀଳାଦ୍ରିପୁରସ୍ଥିତ ଋଷିକୂଲ୍ୟା ତଟ ଦେଶରେ ଅବସ୍ଥିତ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ମା' ରାମଚଣ୍ଡି ମହୋତ୍ସବ ୧୬ ତାରିଖଠାରୁ ଆରମ୍ଭ ହେବ। ଏହି ଅବସରରେ ମହାକୁମ୍ଭରୁ ଆସିଥବା ସାଧୁ, ସନ୍ଥ ମାନଙ୍କୁ ନେଇ ବିଶାଳ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଲୋକକଳା ସହ ନାମିଦାମୀ କଣ୍ଠ ଶିଳ୍ପୀ ବର୍ଣ୍ଣାଳି ହୋତା, ସଙ୍ଗୀତା ପାଢ଼ୀ, ସ୍ମୃତି ମହାପାତ୍ର, ସୁଜ୍ଞାନୀ ମହାପାତ୍ର, ପ୍ରଜ୍ଞା ହୋତା, ଗଣେଶ ପଟ୍ଟନାୟକ, ଡ଼କ୍ଟର ଚନ୍ଦନ ଗନ୍ତାୟତ, ଓ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଅଭିନେତା ଅନୁଭବମହାନ୍ତି, ଆକାଶଦାସ ନାୟକ, ଅଭିନେତ୍ରୀ ଭୂମିକା ଦାସ, ଶୀତଳ ପାତ୍ର ଓ ଅର୍ନ୍ତଜାତୀୟ ଉଦଘୋଷାକ ଜ୍ଞାନାନନ୍ଦ ସାଗର ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# କ୍ଲଷ୍ଟର୍‌ସ୍ତରୀୟ ଅଭିମୁଖୀକରଣ ବୈଠକ

ରମ୍ଭା, ୧୪।୨(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ, ଖଲ୍ଲିକୋଟ ପକ୍ଷରୁ ନବମ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବେଗୁନିଆପଡ଼ା ବ୍ଲକରେ କାର୍ଯ୍ୟରତ ସିଆରସିସି ଅଜିତ୍ କୁମାର ମିଶ୍ର ଦୀପ ମନ୍ତ୍ର, ଶ୍ଲୋକ ଗାନ କରିଥିଲେ। ଡକ୍ଟର ସନ୍ତୋଷ କୁମାର ପରିଡ଼ା ବୈଠକରେ ଯୋଗଦାନ କରି ଗଂଜାମ ଜିଲ୍ଲାରେ ଶୈକ୍ଷିକ ପରିବର୍ତ୍ତନ କ୍ଷେତ୍ରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭୂମିକା, ୨୦୨୪-୨୫ ଶିକ୍ଷା ବର୍ଷର ସମୀକ୍ଷା, ଭୌତିକ, ଶୈକ୍ଷିକ ଦିଗକୁ କିଭଳି ରେକର୍ଡ ଭୁକ୍ତ କରିହେବ, ଏଫ୍‌ଏଲ୍‌ଏନ୍‌ର ଅଗ୍ରଗତି, ଏ. ଆଇ. ପି. ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ବୈଠକର ଆୟୋଜନ, ଏମ୍‌ସିଏମ୍‌ର ପ୍ରୟୋଜନତା, ପ୍ରତ୍ୟାଶିତ ଫଳାଫଳ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷକ ମୁକ୍ତିକାନ୍ତ ବେହେରା, ସୁକୁଲେଇ ଟୁଡୁ, ଜିତେନ୍ଦ୍ର କୁମାର ପଣ୍ଡା, ପ୍ରଶିକ୍ଷିକା ପ୍ରଜ୍ଞା ପରମିତା, ବବିତା ସିଂ ନାୟକ, ନିବେଦିତା ପାଢ଼ୀ, ଲିପି ଶ୍ରୀ ଦେବୀ, ସରୋଜିନୀ ମିଶ୍ର, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼, ଭାବିଲିତା ନାୟକ, ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠାନର ବରିଷ୍ଠ ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




କବିସୂର୍ଯ୍ୟନଗର, ୧୪।୨(ସମିସ): ସ୍ଥାନୀୟ ଏନଏସି କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ସାଗରୀକା ଷଢଙ୍ଗୀ ଥିଲେ। ସିଡିପିଓ ବୀଣାପାଣି ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଅଧିକାରୀ ଆବିଦା ପରବୀନ, ସମ୍ମାନିତ ଅତିଥି ପୁଲିସ ଏସଆଇ ବିଜୟ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ତଥା ଏନଏସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ନାୟକ, ଶିଶୁ ସୁରକ୍ଷା ସାଧନା କର୍ମୀ ଅମୀୟ କୁମାର ତ୍ରିପାଠୀ, ଆଇନଜୀବୀ ଜମିର ଅଲ୍ଲୀ ଖାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜମିର ଅଲ୍ଲୀଖା ଏବଂ ଆବିଦା ପରବୀନ ବିଭିନ୍ନ ଆଇନ କାନୁନ, ଘରୋଇ ହିଂସା ବିଷୟରେ ବୁଝାଇଥିଲେ। ମଞ୍ଚ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷକ ଦିବାକର ଶତପଥୀ। କାର୍ଯ୍ୟକ୍ରମରେ ଶିଶୁ ବିକାଶର ସମସ୍ତ ସଦସ୍ୟ, ଏମବିକେ, ସିଆରପି, ଅଙ୍ଗନବାଡି, ଆଶା, ଏଏନଏମ, ସୁପରଭାଇଜର ସମସ୍ତ ସଦସ୍ୟ ଓ କିଶୋରୀ ବାଳିକା, କଲେଜ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲ୍ ଛାତ୍ରଙ୍କ ଶିଳ୍ପ ଉତ୍ପାଦନ ଓ ବିକ୍ରି ସଂକ୍ରାନ୍ତ ଜ୍ଞାନ ଆହରଣ

ଛତ୍ରପୁର, ୧୪।୨(ସମିସ): ପିଲାଙ୍କ ପାଠପଢ଼ା ସହିତ ବୈଷୟିକ ଜ୍ଞାନ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ସେବା ବିଷୟରେ ଜ୍ଞାନ ଆହୋରଣ କରିବା ନିତାନ୍ତ ଆବଶ୍ୟକ। ବିଶେଷ କରି ଶିଳ୍ପରେ ମାଲ ଉତ୍ପାଦନ ଓ ବିକ୍ରୟ କରିବାର ପ୍ରକ୍ରିୟା ଆଦି ବିଷୟରେ ଜ୍ଞାନ ଆହୋରଣ କରିବା ଲକ୍ଷ୍ୟ ନେଇ ଛତ୍ରପୁର ଓ ଗୋପାଳପୁରର କେନ୍ଦ୍ରୀୟ ବିଦ୍ୟାଳୟର ବିଦ୍ୟାର୍ଥୀ ଛତ୍ରପୁର ବ୍ଲକ କାଳିଆବାଲି ସ୍ଥିତ ଭୁଜା ପାଇପ ଏଣ୍ଡ ଫିଟିଙ୍ଗ ଏ ୟୁନିଟ ଅଫ ନାୟକ ମେନୁଫେକଚରିଙ୍ଗ ପ୍ରାଇଭେଟ ଲିମିଟେଡ୍‌କୁ ପରିଦର୍ଶନ କରି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିଥିଲେ। ଏହି ଅବସର ରେ ୟୁନିଟର ପ୍ରତିଷ୍ଠାତା ମାନିନୀ ନାୟକ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ବିଷୟରେ ସମ୍ୟକ ସୂଚନା ଦେବା ସହ ଆଇଏସଓ ମାର୍କା ବିଷୟରେ ବୁଝାଇଥିଲେ।




# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଧରାକୋଟ, ୧୪।୨(ସମିସ): ଧରାକୋଟ ନିକଟସ୍ଥ ମାଣିକପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନୀଳାଦ୍ରି ପଟ୍ଟନାୟକ(୬୮)ଙ୍କ ଭୁବନେଶ୍ୱର ଏଏମସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ପ୍ରତିମା ପଟ୍ଟନାୟକ, ପୁଅ ଦୟାନିଧି, ସାନଭାଇ ସୁବାସ ଓ ପରିବାରର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।



# ଧରାକୋଟରେ ବ୍ଲକ୍‌ସ୍ତରୀୟ ନିପୁଣ ମେଳା



ଧରାକୋଟ, ୧୪।୨(ସମିସ): ଧରାକୋଟ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଓଏଭି ଅଧକ୍ଷ ରଜନୀକାନ୍ତ ସାହୁ, ଅନ୍ୟତମ ଅତିଥି ଭାବେ ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବରେ ଡା. ଶଙ୍କର ନାରାୟଣ ବେହେରା, ଡ଼ାଏଟ ଖଲିକୋଟର ବରିଷ୍ଠ ପ୍ରଶାସକ ବିଷ୍ଣୁ ନାରାୟଣ ଜେନା, ଏବିଇଓ ତଥା ବି.ଆର.ସି.ସି ସୌରୀ ଶଙ୍କର ବେହେରା, ଏବିଇଓ ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ମିଳିତ ଶିକ୍ଷକ ସଂଘ ସଭାପତି ସୁକ୍ରୁ ବେହେରା, ଏନପିଏସ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ଼ ଓ ଏସଏମସି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ। ସିଆରସିସି ଗୌରୀ ଶଙ୍କର ଶତପଥୀ ଓ ଶିକ୍ଷକ ସୁରେଶ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଯୋଗୀ ଭାଇଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ କୃତିତ୍ୱ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ଖଲ୍ଲିକୋଟ, ୧୪।୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ତାଳପଡ଼ା - ଆମ୍ବଝରର ନୂଆପଲ୍ଲୀ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ତାଳପଡ଼ା ଗ୍ରାମର ନୃସିଂହ ଭୂୟାଁ ଓ ସୁଶାନ୍ତ ସାହୁ। ନୃସିଂହ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ସୁଶାନ୍ତ ଖଲ୍ଲିକୋଟରୁ ତାଳପଡ଼ା ଅଭିମୁଖେ ଯାଉଥିଲେ। ଆମ୍ବଝରର ନୂଆପଲ୍ଲୀ ରାସ୍ତାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୁଶାନ୍ତଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ

# ବସୁନ୍ଧରା ହିତାଧିକାରୀଙ୍କୁ ତୁରନ୍ତ ପଟ୍ଟା ଦେବା ପାଇଁ ନିର୍ଦ୍ଦେଶ

ଛତ୍ରପୁର, ୧୪।୨(ସମିସ)



ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୭୪୩ ଜଣ ଭୂମିହୀନ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୩୫ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି ଏବଂ ଅବଶିଷ୍ଟ ହିତାଧିକାରୀଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା ନିମନ୍ତେ କୁହାଯାଇଛି। ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳ ହେଉ ଯିଏ ବି ସରକାରୀ ଜମି ଜବଲଦଖଲ କରି କୋଠା ନିର୍ମାଣ କରିଛନ୍ତି ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରଙ୍କୁ କୁହାଯାଇଛି। ଆବେଦନ ଆସିଥିବା ଗ୍ରାମକଣ୍ଟକ କେସ ଗୁଡିକ ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେ-ବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ, ସରକାରୀ ସ୍କୁଲ, କଲେଜ ଓ ଡିଗ୍ରୀ କଲେଜ ଏବଂ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବା, ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟକୁ ପୂରଣ କରିବା ଓ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ କୁହାଯାଇଛି। ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ ତଥା ଏନଫୋସମେଣ୍ଟ ଟିମ ଗଠନ କରି ଚଢ଼ଉକୁ ଜୋରଦାର ଉପରେ ଜୋର ଦିଆଯାଇଛି। ସେହିପରି ସଡକ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ହେଲମେଟ ଚେକିଂ ସହିତ ଅଧିକରୁ ଅଧିକ ଏନଫୋସମେଣ୍ଟ କରିବାକୁ କୁହାଯାଇଥିଲା। ବିଶେଷକରି ଜାତୀୟ ରାଜପଥ, ସହରାଞ୍ଚଳ, ସ୍କୁଲ ବସ ଆଦି ସ୍ଥାନରେ କଡାକଡି ଚେକିଂ ପାଇଁ ଆରଟିଓଙ୍କୁ କୁହାଯାଇଛି। ମାପ ଓ ଓଜନ ବିଭାଗ କୁ ମଧ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳଙ୍କ ସମେତ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଟ୍ରମ୍ପଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଭାରତ ଫେରିଲେ ମୋଦୀ

# ଆମେରିକା ଦେବ ଏଫ୍-୩୫ ଯୁଦ୍ଧ ବିମାନ



ୱାଶିଂଟନ, ୧୪।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସରେ ଦ୍ୱିପାକ୍ଷିକ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ସାରି ଭାରତ ଫେରି ଆସିଛନ୍ତି। ତାଙ୍କର ଏହି ଗସ୍ତ ଐତିହାସିକ ରହିଛି। ଦ୍ୱିପାକ୍ଷିକ ବୈଠକ ପରେ ଉଭୟ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ଅନେକ ବଡ଼ ଘୋଷଣା କରିଥିଲେ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଷ୍ଟିଲ୍‌ଥ ଲଢୁଆ ବିମାନ ଏଫ୍-୩୫ ଭାରତକୁ ଦେବା ପାଇଁ ଟ୍ରମ୍ପ ପ୍ରସ୍ତାବ ଦେଇଛନ୍ତି। ଏହି ଲଢୁଆ ବିମାନକୁ ଲକହିଡ୍ ମାର୍ଟିନ ବିକଶିତ କରିଛି। ୨୦୦୬ରେ ଏହାକୁ ନିର୍ମାଣ କରାଯାଇଥିଲା। ୨୦୧୫ରୁ ଏହା ଆମେରିକା ବାୟୁସେନାର ପ୍ରମୁଖ ଅଙ୍ଗ ପାଲଟିଛି। ଏହା ଆମେରିକାର ସବୁଠୁ ମହଙ୍ଗା ବିମାନ। ଏହି ବିମାନ ପିଛା ଆମେରିକା ପ୍ରାୟ ୭୧୫ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହା ସହିତ ଉଭୟ ନେତା ଆତଙ୍କବାଦ, ରୁଷ-ୟୁକ୍ରେନ ଯୁଦ୍ଧ, ବେଆଇନ ପ୍ରବାସୀ, ମାନବ ଚାଲାଣ, ଟାରିଫ, ଚୀନ୍ ସହ ଭାରତର ସୀମା ବିବାଦ ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ବାଂଲାଦେଶ ପ୍ରସଙ୍ଗ ମୋଦୀ ବୁଝିବେ ବୋଲି ଟ୍ରମ୍ପ କହିଥିଲେ। ତେବେ ଏହା ପଛରେ କୌଣସି 'ଡିପ୍ ଷ୍ଟେଟ୍' ନ ଥିବା ସେ ଉଲ୍ଲେଖ କରିଛନ୍ତି। ସେହିପରି ମୋଦୀ 'ମିଗା (ମେକ୍ ଇଣ୍ଡିଆ ଗ୍ରେଟ ଏଗେନ) + ମାଗା (ମେକ୍ ଆମେରିକା ଗ୍ରେଟ ଏଗେନ) = ମେଗା' ସ୍ଲୋଗାନ ଦେଇଛନ୍ତି। ଭାରତ ଏବଂ ଆମେରିକା ମଧ୍ୟରେ ମେଗା ସହଯୋଗ ସମୃଦ୍ଧିର ପ୍ରତୀକ। ଆର୍ଥିକ ବିକାଶ ଏବଂ ବିଶ୍ୱ ନେତୃତ୍ୱକୁ ଦୁଇ ଦେଶ ଗୁରୁତ୍ୱ ଦେଉଛନ୍ତି ବୋଲି ମୋଦୀ କହିଥିଲେ।

ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସମୟ ଶୁକ୍ରବାର ରାତି ୩ଟାରେ ହ୍ୱାଇଟ୍ ହାଉସ୍‌ରେ ପହଞ୍ଚି ଥିଲେ। ଏଠାରେ ଟ୍ରମ୍ପ ତାଙ୍କୁ ଭବ୍ୟ ସ୍ୱାଗତ କରି ପାଛୋଟି ନେଇଥିଲେ ଏବଂ ଖୁବ୍ ପ୍ରଶଂସା କରିଥିଲେ। ତୁମକୁ ବହୁତ ମନେ ପକାଉଥିଲୁ, ପୁଣି ଥରେ ଦେଖି ଖୁସି ଲାଗିଲା ବୋଲି କହିଥିଲେ। ପ୍ରାୟ ୫ ବର୍ଷ ପରେ ହ୍ୱାଇଟ୍ ହାଉସ୍‌ରେ ପୁଣିଥରେ ମୋଦୀ-ଟ୍ରମ୍ପ ଆଲୋଚନା ହୋଇଛି। ଉଭୟ ନେତା ଅଢ଼େଇ ଘଣ୍ଟା ଏକାଠି ରହିଥିଲେ। ଏଠାରେ ଉଭୟଙ୍କ ମଧ୍ୟରେ ନିବିଡ଼ ବନ୍ଧୁତା ଦେଖିବାକୁ ମିଳିଥିଲା। ମୋଦୀ ବସିବା ପାଇଁ ଟ୍ରମ୍ପ ଚୌକି ଟାଣି ନେଇଥିଲେ। ଏଠାରେ ଦ୍ୱିପାକ୍ଷିକ ବାର୍ତ୍ତା ପରେ ଟ୍ରମ୍ପ ଏବଂ ମୋଦୀ ଗଣମାଧ୍ୟମ ସହ ଆଲୋଚନା କରିଥିଲେ। ଟାରିଫକୁ ନେଇ ଆମେରିକା ରାଷ୍ଟ୍ରପତି ମୋଦୀଙ୍କୁ ପ୍ରଶଂସା କରିଥିଲେ। ତାଙ୍କୁ ଶ୍ରେଷ୍ଠ ମଧ୍ୟସ୍ଥି (ମୂଲଚାଲ କରିବାରେ) ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ଭଲ ବନ୍ଧୁ। ସେ ଭଲ କାମ କରୁଥିବା ଉଲ୍ଲେଖ କରିଥିଲେ। ଭାରତକୁ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ପ୍ରମୁଖ ଦେଶ କହି ପଞ୍ଚମ ପିଢ଼ିର ଯୁଦ୍ଧ ବିମାନ ଏଫ୍-୩୫ ଦେବାକୁ ଘୋଷଣା କରିଥିଲେ। ଭାରତ ସହ ପ୍ରତିରକ୍ଷା ସହଯୋଗକୁ ଅଧିକ ବୃଦ୍ଧି କରିବାକୁ ଜୋର୍ ଦେଇଥିଲେ। ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ମାମଲାର ଦୋଷୀ ତହବୁର ରାଣାକୁ ଭାରତ ପ୍ରତ୍ୟର୍ପଣ କରାଯିବ ବୋଲି କହିଥିଲେ। ଭାରତକୁ ତୈଳ ଏବଂ ଶକ୍ତି ଯୋଗାଣ ପାଇଁ ସହମତି ପ୍ରକାଶ ପାଇଥିବା ଉଲ୍ଲେଖ କରିଥିଲେ। ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁ ଉପରେ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ ବାଇଡେନ ପ୍ରଶାସନ ସହ ଭାରତର ସମ୍ବନ୍ଧ ଭଲ ଥିଲା ବୋଲି ତାଙ୍କୁ ଲାଗୁ ନାହିଁ। ଏଭଳି ଅନେକ କିଛି ଘଟଣା ଘଟିଛି ଯାହା ଠିକ୍ ନ ଥିଲା। ଅପରାଧ ନିୟନ୍ତ୍ରଣ ପାଇଁ ଆମେ ଭାରତ ସହ ମିଶି କାମ କରିବୁ।

ଦ୍ୱିତୀୟ ଥର ରାଷ୍ଟ୍ରପତି ହୋଇଥିବାରୁ ମୋଦୀ ଟ୍ରମ୍ପଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ଦ୍ୱିତୀୟଥର ଏକାଠି କାମ କରିବାକୁ ସୁଯୋଗ ମିଳିଥିବାରୁ ଖୁସି ପ୍ରକଟ କରିଥିଲେ। ସେ ଆଉ ଟ୍ରମ୍ପ ମିଶିବା ଅର୍ଥ 'ଏକ + ଏକ = ୧୧' ବୋଲି କହିଥିଲେ। ଏହା ସହିତ ପରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ବାଣିଜ୍ୟଠାରୁ ନେଇ ଆତଙ୍କବାଦ ପର୍ଯ୍ୟନ୍ତ ପ୍ରମୁଖ ୧୦ ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେଇଥିଲେ। ଟ୍ରମ୍ପଙ୍କ ପରି ସେ ମଧ୍ୟ ରାଷ୍ଟ୍ରୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାମ କରନ୍ତି ବୋଲି କହିଥିଲେ। ଆମେରିକା ଭାଷାରେ ବିକଶିତ ଭାରତର ଅର୍ଥ ହେଉଛି 'ମିଗା'। ଦୁଇ ଦେଶ ଭିତ୍ତିଭୂମି ଏବଂ ଶକ୍ତି କ୍ଷେତ୍ରରେ ନିବେଶ ବୃଦ୍ଧି କରିବେ। ଏଆଇ, ସେମିକଣ୍ଡକ୍ଟର ଏବଂ କ୍ୱାଣ୍ଟମ ଉପରେ ମିଳିତ କାର୍ଯ୍ୟ କରିବେ। ନ୍ୟୁକ୍ଲିୟର ସ୍ମଲ ମଡ୍ୟୁଲାର ରିଆକ୍ଟର ପ୍ରତିଷ୍ଠା ଦିଗରେ ସହଯୋଗ ପାଇଁ ମଧ୍ୟ ଆଲୋଚନା ହୋଇଛି। ଲସ୍ ଏଞ୍ଜେଲସ୍ ଏବଂ ବୋଷ୍ଟନରେ ନୂଆ ବାଣିଜ୍ୟିକ ଦୂତାବାସ ଖୋଲିବାକୁ ମୋଦୀ ଘୋଷଣା କରିଥିଲେ। ସେହିପରି ବେଆଇନ ପ୍ରବାସୀଙ୍କୁ ନେବାକୁ ସହମତି ପ୍ରକାଶ କରିଥିଲେ। ଅନ୍ୟ ଦେଶରେ ବେଆଇନ ଭାବେ ରହିବାର କୌଣସି ଆଇନଗତ ଅଧିକାର ନାହିଁ ବୋଲି କହିଥିଲେ। ତେବେ ବଡ଼ ବଡ଼ ସ୍ୱପ୍ନ ଦେଖାଇ ଏହି ଲୋକଙ୍କ ଆମେରିକା ନେଇ ଯାଉଥିବା ମାନବ ଚାଲାଣକାରୀଙ୍କ ଗୋଷ୍ଠୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଆହ୍ୱାନ ଦେଇଥିଲେ। ରୁଷ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଉଲ୍ଲେଖ କରି ମୋଦୀ କହିଥିଲେ ଯେ ଏଥିରେ ଭାରତ ନିରପେକ୍ଷ ନାହିଁ। ଆମେ ଶାନ୍ତିକୁ ସମର୍ଥନ କରୁଛୁ। ଯୁଦ୍ଧରେ ସମସ୍ୟାର ସମାଧାନ ହୁଏ ନାହିଁ। ଆଲୋଚନା ମାଧ୍ୟମରେ ଏହାର ସୁଫଳ ମିଳିବ। ଏ ଦିଗରେ ରାଷ୍ଟ୍ରପତି ଟ୍ରମ୍ପ ନେଇଥିବା ପଦକ୍ଷେପକୁ ମୋଦୀ ସମର୍ଥନ ଦେଇଛନ୍ତି।

**ବାଂଲାଦେଶ କଥା ବୁଝିବେ ମୋଦୀ: ଟ୍ରମ୍ପ**

**ପ୍ରଧାନମନ୍ତ୍ରୀ ମୋ ଠୁ ଭଲ ମଧ୍ୟସ୍ଥତା କରନ୍ତି**

**ଆତଙ୍କବାଦୀ ତହବୁର ରାଣାର ପ୍ରତ୍ୟର୍ପଣକୁ ମଞ୍ଜୁରି**

**ଆମେରିକାରେ ବେଆଇନ ଭାବେ ରହିବା ଅନୁଚିତ: ମୋଦୀ**

**ମାନବ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ**

## ଆଜି ଆଉ ୧୧୯ ବେଆଇନ ପ୍ରବାସୀଙ୍କୁ ପଠାଇବ ଆମେରିକା



ୱାଶିଂଟନ, ୧୪।୨ (ଏଜେନ୍ସି): ଆମେରିକା ଦ୍ୱିତୀୟ ପର୍ଯ୍ୟାୟରେ ଶନିବାର ଆଉ ୧୧୯ ଭାରତୀୟଙ୍କୁ ସ୍ୱଦେଶ ପଠାଇବ। ଏମାନେ ସମସ୍ତେ ବେଆଇନ ଭାବେ ଆମେରିକାରେ ରହୁଛନ୍ତି। ଏହି ପ୍ରବାସୀଙ୍କୁ ଧରି ଆସୁଥିବା ବିମାନ ଶନିବାର ରାତି ୧୦ଟାରେ ଅମୃତସରରେ ଅବତରଣ କରିବ। ଏମାନଙ୍କ ମଧ୍ୟରେ ପଞ୍ଜାବର ୬୭ ଜଣ ଏବଂ ହରିୟାଣାର ୩୩ ଜଣ ସାମିଲ ଅଛନ୍ତି। ତେବେ ଅବତରଣ ସମୟକୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏହା ପରେ ୧୬ ତାରିଖରେ ଆଉ ଏକ ବିମାନ ଆସିବ।

ଏହା ପୂର୍ବରୁ ଗତ ୫ ତାରିଖରେ ୧୦୪ ଭାରତୀୟଙ୍କୁ ଧରି ଆମେରିକା ସେନା ବିମାନ ସି-୧୭ ଅମୃତସରରେ ପହଞ୍ଚି ଥିଲା। ଏହି ବେଆଇନ ପ୍ରବାସୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ହାତ ଏବଂ ଗୋଡ଼ରେ ଶିକୁଳି ଲାଗିଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଅମୃତସରରେ ବିମାନ ଅବତରଣକୁ ବିରୋଧ କରିଛନ୍ତି। ପଞ୍ଜାବୀଙ୍କୁ ବଦନାମ କରିବା ପାଇଁ ପ୍ରୟାସ କରାଯାଉଥିବା ଅଭିଯୋଗ ଲଗାଇଛନ୍ତି।

କେନ୍ଦ୍ର ଓ ଚାଷୀଙ୍କ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା

## ବୈଠକ ଫଳାଫଳ ଶୂନ୍ୟ



ଚଣ୍ଡିଗଡ଼, ୧୪।୨ (ଏଜେନ୍ସି): କେନ୍ଦ୍ର ସରକାର ଏବଂ ଆନ୍ଦୋଳନରତ ଚାଷୀଙ୍କ ମଧ୍ୟରେ ଶୁକ୍ରବାର ଚଣ୍ଡିଗଡ଼ରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା ହୋଇଛି। ଏହି ବୈଠକରେ ୨୮ ଚାଷୀ ନେତା ସାମିଲ ହୋଇଥିଲେ। ଏଠାରେ ଚାଷୀ ନେତା ଜଗଜୀତ ସିଂହ ଦଲ୍ଲେୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଚିନ୍ତା ପ୍ରକଟ କରିଥିଲେ। କିନ୍ତୁ ୩.୫ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏହି ବୈଠକ ଫଳାଫଳ ଶୂନ୍ୟ ରହିଛି। ଏଥିରେ ସମାଧାନର କୌଣସି ପନ୍ଥା ବାହାରି ପାରିନାହିଁ। ତେବେ ଏହି ବୈଠକ ସକରାତ୍ମକ ଥିଲା ବୋଲି ଦଲ୍ଲେୱାଲ କହିଛନ୍ତି। ୨୨ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହାର ନେତୃତ୍ୱ ନେବେ। ବୈଠକ ପରେ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ ଚାଷୀ ନେତାଙ୍କ ସବୁ ଦାବି ଶୁଣାଯାଇଛି। ଚାଷୀଙ୍କୁ ବଜେଟରେ ନିଆଯାଇଥିବା ନିଷ୍ପତ୍ତି ବିଷୟରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଚାଷୀ ଏମ୍‌ଏସ୍‌ପି ଗ୍ୟାରେଣ୍ଟି ସହିତ ଅନ୍ୟ ଦାବିରେ ୨୦୨୪ ଫେବୃଆରୀ ୧୩ରୁ ହରିୟାଣା-ପଞ୍ଜାବ ସୀମାର ଶମ୍ଭୁ ଓ ଖନୌରି ସୀମାରେ ଆନ୍ଦୋଳନ କରୁଛନ୍ତି। ଚାଷୀ ନେତା ଦଲ୍ଲେୱାଲ ମଧ୍ୟ ଆମରଣ ଅନଶନ ଜାରି ରଖିଛନ୍ତି। ଏହି ବୈଠକ ପାଇଁ ତାଙ୍କୁ ଆମ୍ବୁଲାନ୍ସରେ ଚଣ୍ଡିଗଡ଼ ନିଆ ଯାଇଥିଲା।

ବାଣ ଫୁଟିବାରୁ ଭୟରେ ଦୌଡ଼ିଲେ ଦୁଇ ହାତୀ

## ଦଳାଚକଟାରେ ୩ ମୃତ, ୩୦ ଆହତ



କୋଝିକୋଡ଼, ୧୪।୨ (ଏଜେନ୍ସି): କେରଳ କୋଝିକୋଡର ମନକୁଲାଙ୍ଗାର ମନ୍ଦିରରେ ଗୁରୁବାର ସନ୍ଧ୍ୟାରେ ବଡ଼ ଅଘଟଣ ଘଟିଛି। ବାଣ ଫୁଟିବା ଯୋଗୁଁ ମନ୍ଦିରରେ ଥିବା ୨ ହାତୀ ଉଗ୍ର ହୋଇ ଉଠିଛନ୍ତି। ହାତୀଙ୍କ ଉତ୍ପାତ ଯୋଗୁଁ ଏକ କାନ୍ଥ ଭୁଶୁଡ଼ି ଯାଇଛି। ଏହା ଅନେକ ଲୋକଙ୍କ ଉପରେ ପଡ଼ିଯାଇଛି। ପରେ ମତୁଆଲା ହାତୀଙ୍କୁ ଦେଖି ଦଳାଚକଟା ସ୍ଥିତି ସୃଷ୍ଟି ହୋଇଛି। ଲୋକେ ଭୟରେ ଏଣେତେଣେ ଦୌଡ଼ିଛନ୍ତି। ଏହି ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୦ ଜଣ ଆହତ ହୋଇଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଉତ୍ସବ ପାଇଁ ଦୁଇ ହାତୀଙ୍କୁ ମନ୍ଦିରକୁ ଅଣା ଯାଇଥିଲା। ହାତୀ ବିଶ୍ରାମ ନେଉଥିବାବେଳେ ବାଣ ଫୁଟା ଯାଇଥିଲା। ଏହାର ଭୟଙ୍କର ଶବ୍ଦ ଶୁଣି ହାତୀ ଉଗ୍ର ହୋଇ ଉଠିଥିଲେ। ହାତୀୟ ଭୟରେ ଦୌଡ଼ିବାରେ ଲାଗିଥିଲେ। ପ୍ରଥମେ ଦୁଇ ହାତୀ ପରସ୍ପରକୁ ଧକ୍କା ଦେଇଥିଲେ। ପରେ ଯାଇ ଏକ କୋଠାରେ ମାଡ଼ ହୋଇଥିଲେ। ଏଥିଯୋଗୁଁ ଏହାର କାନ୍ଥ ଭୁଶୁଡ଼ି ଯାଇଥିଲା। ଏହାର ତଳେ ଅନେକ ଲୋକ ପୋତି ହୋଇ ଯାଇଥିଲେ। ଏହା ଦେଖି ଲୋକେ ଭୟରେ ଦୌଡ଼ିବାରୁ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା।

ମୁଖ୍ୟ ନିର୍ବାଚନ କମିଶନର ଚୟନ ପାଇଁ ୧୭ରେ ବୈଠକ

## ଜ୍ଞାନେଶ କୁମାରଙ୍କୁ ମିଳିପାରେ ନୂଆ ଦାୟିତ୍ୱ

ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ କାର୍ଯ୍ୟକାଳ ୧୮ ତାରିଖରେ ଶେଷ ହେଉଛି। ଏହା ପୂର୍ବରୁ ନୂଆ ସିଇସି ଚୟନ ପାଇଁ ୧୭ ତାରିଖରେ ତିନି ଜଣିଆ କମିଟିର ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ବ୍ୟତୀତ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହେବେ। ଏହି କମିଟିର ସୁପାରିସ ପରେ ରାଷ୍ଟ୍ରପତି ସିଇସି ନିଯୁକ୍ତ କରିବେ। ଏ ପର୍ଯ୍ୟନ୍ତ ସବୁଠାରୁ ବରିଷ୍ଠ ନିର୍ବାଚନ କମିଶନର (ଇସି)ଙ୍କୁ ସିଇସି ଭାବେ ପଦୋନ୍ନତି ଦିଆଯାଇଥିବାର ନଜିର ରହିଛି। ଏହି କ୍ରମରେ ରାଜୀବ କୁମାରଙ୍କ ପରେ ଜ୍ଞାନେଶ କୁମାର ସବୁଠୁ ବରିଷ୍ଠ। ତାଙ୍କ କାର୍ଯ୍ୟକାଳ ୨୦୨୯ ଜାନୁଆରୀ ୨୬ରେ ଶେଷ ହେବ। ତେଣୁ ସେ ନୂଆ ସିଇସି ନିଯୁକ୍ତ ହୋଇପାରନ୍ତି ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଜଣେ ନୂଆ ଇସିଙ୍କୁ ମଧ୍ୟ ନିଯୁକ୍ତି କରିବାକୁ ପଡ଼ିବ। ସେହିପରି ସୁଖବୀର ସିଂହ ଦ୍ୱିତୀୟ ଇସି ହେବେ।

ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିସନର ଆଇନ, ୨୦୨୩ ଅନୁଯାୟୀ ସିଇସି ନିଯୁକ୍ତି କରାଯାଉଛି। ସୂଚନାଯୋଗ୍ୟ ଯେ ୨୦୨୨ ମେ'ରେ ରାଜୀବ କୁମାର ସିଇସି ନିଯୁକ୍ତ ହୋଇଥିଲେ। ତାଙ୍କ ନେତୃତ୍ୱରେ ୨୦୨୪ ଲୋକସଭା ନିର୍ବାଚନ ସଫଳତାର ସହ ଶେଷ ହୋଇଥିଲା। ଏହା ବ୍ୟତୀତ ସେ ଜମ୍ମୁ-କଶ୍ମୀର, ମହାରାଷ୍ଟ୍ର, ହରିୟାଣା, ଝାଡ଼ଖଣ୍ଡ ଏବଂ ଦିଲ୍ଲୀରେ ବିଧାନସଭା ନିର୍ବାଚନକୁ ସଫଳତାର ସହ ସମ୍ପାଦନ କରିଛନ୍ତି। ତେବେ ତାଙ୍କ କାର୍ଯ୍ୟକାଳରେ ନିର୍ବାଚନ କମିଶନଙ୍କ ଉପରେ ଅନେକ ଅଭିଯୋଗ ଲଗାଯାଇଛି। ଇସି କ୍ଷମତାସୀନ ଦଳ ସପକ୍ଷରେ ରହୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏହା ସହିତ ଇଭିଏମ ଉପରେ ପ୍ରଶ୍ନ ଉଠାଇ ଥିଲେ। ଏହାକୁ ହ୍ୟାକ୍ କରାଯାଇପାରିବ ବୋଲି ଦାବି କରିଥିଲେ। ତେବେ ରାଜୀବ କୁମାର ସବୁ ଅଭିଯୋଗକୁ ଖଣ୍ଡନ କରି ବିରୋଧୀଙ୍କ ଦାବି ଭିତ୍ତିହୀନ ବୋଲି କହିଥିଲେ। ଇଭିଏମକୁ ହ୍ୟାକ୍ କରାଯାଇପାରିବନି ବୋଲି ଉଲ୍ଲେଖ କରିଥିଲେ।

**୧୮ରେ ଅବସର ନେବେ ସିଇସି ରାଜୀବ କୁମାର**




## ରୁଷ୍ କମ୍ପାନୀ ବିୟରରେ ଗାନ୍ଧୀଙ୍କ ଫଟୋ

ମସ୍କୋ, ୧୪।୨ (ଏଜେନ୍ସି): ରୁଷ୍ ଏକ ବିୟର କମ୍ପାନୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରିଛି। ରିୱର୍ଟ କମ୍ପାନୀ ବିୟର ବୋତଲରେ ମହାତ୍ମାଙ୍କ ଫଟୋ ଲଗାଇଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଜଣେ ଲୋକ କହୁଛନ୍ତି ଯେ ରୁଷ୍‌ରେ ମହାତ୍ମାଙ୍କ ନାମରେ ବିୟର ବିକ୍ରି କରାଯାଉଛି। କିନ୍ତୁ ଭାରତରେ ନୋଟ୍‌ରେ ଗାନ୍ଧୀଙ୍କ ଫଟୋ ରହୁଛି। ଏହାକୁ ତୀବ୍ର ସମାଲୋଚନା କରାଯାଉଛି। ମହାତ୍ମା ଗାନ୍ଧୀ ମଦଠାରୁ ଦୂରେଇ ରହିଥିବାରୁ ତାଙ୍କୁ ଅପମାନିତ କରାଯାଉଥିବା ଅଭିଯୋଗ ହୋଇଛି। କିଛି ଲୋକ ଏହି ମାମଲାରେ ହସ୍ତକ୍ଷେପ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିବେଦନ କରିଛନ୍ତି। ବିୟର କେନ୍‌ରୁ ମହାତ୍ମାଙ୍କ ଫଟୋ ହଟାଇବାକୁ କହିଛନ୍ତି।

## ଜ୍ୟାକଲିନଙ୍କୁ ପ୍ରାଇଭେଟ ଜେଟ୍ ଦେଲା ସୁକେଶ



ମୁମ୍ବାଇ, ୧୪।୨ (ଏଜେନ୍ସି): ଦୁଇ ଶହ କୋଟି ମନି ଲଣ୍ଡରିଂ ମାମଲାରେ ଜେଲ୍ ଦଣ୍ଡ କାଟୁଥିବା ଠକ ସୁକେଶ ଚନ୍ଦ୍ରଶେଖର ନିଜ ପ୍ରେମିକା ତଥା ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କୁ ପ୍ରାଇଭେଟ ଜେଟ୍ ଉପହାର ଦେଇଛି। ସେ ଭାଲେଣ୍ଟାଇନ ଡେ ପାଇଁ ଶୁଭେଚ୍ଛା ମଧ୍ୟ ପଠାଇଛି। ଠକ ସୁକେଶ ଏକ ଚିଠି ମାଧ୍ୟମରେ ଏହା କହିଛି। ଏହି ପ୍ରାଇଭେଟ ଜେଟ୍‌ର ନାମ ଜ୍ୟାକଲିନଙ୍କ ନାମ ଅନୁସାରେ ଜେଏଫ୍ ରଖାଯାଇଛି। ଏହାର ପଞ୍ଜିକରଣ ନମ୍ବର ମଧ୍ୟ ଜ୍ୟାକଲିନଙ୍କ ଜନ୍ମ ମାସ ସଂଖ୍ୟାରେ କରାଯାଇଛି। ଏହି ବିମାନକୁ ନିଜ ଅନୁସାରେ ଡିଜାଇନ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ଠକ ଅନେକ ସମୟରେ ଜ୍ୟାକଲିନଙ୍କୁ ଚିଠି ଲେଖି ଆସୁଛି। ଜ୍ୟାକଲିନ ତା ସହ ପ୍ରେମ ସମ୍ପର୍କରେ ଥିଲେ ବୋଲି ସୁକେଶ ଦାବି କରିଆସୁଛି। ଉଭୟେ ବିବାହ ପାଇଁ ମଧ୍ୟ ରାଜି ହୋଇଥିଲେ। ଯାଞ୍ଚ ଏଜେନ୍ସି ଗୁଡିକ ସୁକେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରେ ଜ୍ୟାକଲିନ ମଧ୍ୟ ରାଡାରକୁ ଆସି ଯାଇଥିଲେ। ସୁକେଶ ଧୋକା ଦେଇଥିବା ଏବଂ ମିଛ କହୁଥିବା ସେ ଅଭିଯୋଗ କରିଥିଲେ।

ଭିଡିଓ ସେୟାର କଲେ ରାଷ୍ଟ୍ରପତି ଜେଲେଁସ୍କି

## ୟୁକ୍ରେନର ଆଣବିକ ଶକ୍ତିକେନ୍ଦ୍ର ଉପରେ ରୁଷ୍ ଆକ୍ରମଣ !

କିଭ, ୧୪।୨ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନି। ଆମେରିକା ରାଷ୍ଟ୍ରପତି ବଦଳିବା ସତ୍ତ୍ୱେ ଦୁଇ ଦେଶ ପରସ୍ପର ଉପରେ ଆକ୍ରମଣ କରିଚାଲିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ବନ୍ଦ କରିବା ପାଇଁ ୟୁକ୍ରେନ ଏବଂ ରୁଷ୍ ରାଷ୍ଟ୍ରପତିଙ୍କ ସହ କଥା ହୋଇଛନ୍ତି। ତେବେ ଏହାର ଦିନକ ପରେ ଗୁରୁବାର ରାତିରେ ୟୁକ୍ରେନର ଚେର୍ଣ୍ଣୋବିଲ୍ ପରମାଣୁ ଶକ୍ତି କେନ୍ଦ୍ର ଉପରେ ରୁଷ୍ ଡ୍ରୋନ୍ ଆକ୍ରମଣ କରିଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ଏହି ଅଭିଯୋଗ ଲଗାଇଛନ୍ତି। ସେ ଏହାର ଭିଡିଓ ମଧ୍ୟ ସେୟାର କରିଛନ୍ତି। ଜେଲେଁସ୍କି କହିଛନ୍ତି ଯେ ବିସ୍ଫୋରକ ଭର୍ତ୍ତି ଏକ ଡ୍ରୋନ ରାତିରେ ଚେର୍ଣ୍ଣୋବିଲ ପ୍ଲାଣ୍ଟର ସିମେଣ୍ଟରେ ପ୍ରସ୍ତୁତ ସୁରକ୍ଷା କବଚ ଉପରେ ଆକ୍ରମଣ କରିଛି। ଏଥିରେ କବଚର କ୍ଷତି ହୋଇଛି। ତେବେ ରୁଷ୍ ପକ୍ଷରୁ ଜେଲେଁସ୍କିଙ୍କ ଦାବିକୁ ଖାରଜ କରିଦିଆଯାଇଛି। କୌଣସି ଆକ୍ରମଣ ହୋଇ ନାହିଁ ବୋଲି କୁହାଯାଇଛି।



ରିପୋର୍ଟ ଅନୁଯାୟୀ ଧ୍ୱଂସ ହୋଇଯାଇଥିବା ୪ ନମ୍ବର ପାୱାର ରିଆକ୍ଟରରେ ଏହି ଆକ୍ରମଣ କରାଯାଇଥିଲା। ଏଥିଯୋଗୁଁ କୋଠାରେ ନିଆଁ ଲାଗିଯାଇଥିଲା। ଏହାକୁ ଲିଭାଇ ଦିଆଯାଇଛି। ୧୯୮୬ରେ ହୋଇଥିବା ଚେର୍ଣ୍ଣୋବିଲ ବ୍ଲାଷ୍ଟ ପରେ ବିକିରଣକୁ ବନ୍ଦ କରିବା ପାଇଁ ସିମେଣ୍ଟରେ ଏକ ସୁରକ୍ଷା କବଚ ନିର୍ମାଣ କରାଯାଇଥିଲା। ଜେଲେଁସ୍କି ଏହି ଘଟଣାକୁ ଆତଙ୍କବାଦୀ ଆକ୍ରମଣ କହିଛନ୍ତି। ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ କରି ରୁଷ୍ ପରମାଣୁ ସ୍ଥଳଗୁଡ଼ିକୁ ଟାର୍ଗେଟ କରି ସମଗ୍ର ବିଶ୍ୱ ବିପଦ ସୃଷ୍ଟି କରୁଛି ବୋଲି ଅଭିଯୋଗ କରିଛନ୍ତି। ଏଭଳି ଆକ୍ରମଣ ବିଶ୍ୱ ସୁରକ୍ଷାକୁ ଦୁର୍ବଳ କରିପାରେ। ତୁରନ୍ତ ଏହାର ଜବାବ ଦିଆଯିବା ଆବଶ୍ୟକ ବୋଲି ଜେଲେଁସ୍କି କହିଛନ୍ତି।

ଅଶାଳୀନ ମନ୍ତବ୍ୟ ମାମଲାରେ ଖୋଜୁଛି ପୁଲିସ

## ରଣବୀର ଆହ୍ଲାବାଦିଆ ଫେରାର; ଘରେ ତାଲା



ମୁମ୍ବାଇ, ୧୪।୨ (ଏଜେନ୍ସି): ହାସ୍ୟ ଅଭିନେତା ସମୟ ରୈନାଙ୍କ ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'କୁ ନେଇ ବିବାଦ ଉଗ୍ର ହେବାରେ ଲାଗିଛି। ଏହି ଶୋ'ରେ ୟୁଟ୍ୟୁବର ରଣବୀର ଆହ୍ଲାବାଦିଆ ଏବଂ ଅନ୍ୟମାନେ ଦେଇଥିବା ଅଭଦ୍ର ମନ୍ତବ୍ୟକୁ ନେଇ ବିଭିନ୍ନ ରାଜ୍ୟରେ ମାମଲା ରୁଜୁ କରାଯାଇଛି। ବୟାନ ରେକର୍ଡ କରିବା ପାଇଁ ପୁଲିସ ତାଙ୍କୁ ଥାନାକୁ ଡାକିଥିଲା। ସମନ ମଧ୍ୟ ଜାରି କରାଯାଇଥିଲା। କିନ୍ତୁ ସେ ଥାନାରେ ହାଜର ହୋଇନାହାନ୍ତି କି ସମନର ଜବାବ ଦେଇନାହାନ୍ତି। ଏବେ ସେ ଫେରାର ଅଛନ୍ତି। ତାଙ୍କ ଫୋନ୍ ନମ୍ବର ଲାଗୁନାହିଁ। ଘରେ ତାଲା ପଡ଼ିଛି। ସେ କେଉଁଆଡେ ଯାଇଛନ୍ତି ତାହା ଜଣାପଡ଼ି ନାହିଁ। ପୁଲିସ ତାଙ୍କୁ ଦୁଇ ଦିନ ହେଲା ଖୋଜୁଛି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟରୁ ମଧ୍ୟ ଆହ୍ଲାବାଦିଆଙ୍କୁ ଝଟ୍‌କା ଲାଗିଛି। ଅନେକ ରାଜ୍ୟରେ ରୁଜୁ ମାମଲାକୁ ଏକାଠି କରି ଶୁଣାଣି କରିବାକୁ ସେ ଆବେଦନ କରିଥିଲେ। ତେବେ ଏହା ଉପରେ ଜରୁରୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଅନ୍ୟ ମାମଲା ପରି ଏହାର ଶୁଣାଣି କରାଯିବ ବୋଲି କହିଛନ୍ତି।

ରିପୋର୍ଟ ଅନୁଯାୟୀ ପୁଲିସ ରଣବୀରଙ୍କୁ ସମନ ଜାରି କରି ଗତ ୧୨ ତାରିଖରେ ଖାର ଥାନାରେ ହାଜର ହେବାକୁ କହିଥିଲା। କିନ୍ତୁ ସେ ନ ଆସିବାରୁ ଗୁରୁବାର ଦ୍ୱିତୀୟ ସମନ ଜାରି କରାଯାଇଛି। ଏହା ପରେ ରଣବୀରଙ୍କ ଭର୍ସୋଭା ସ୍ଥିତ ଘରେ ପୁଲିସ ପହଞ୍ଚି ଥିଲା। ମାତ୍ର ତାଙ୍କ ଘର ବନ୍ଦ ଥିଲା। କେହି ସେଠାରେ ନ ଥିଲେ। ୟୁଟ୍ୟୁବର କୁଆଡେ ଯାଇଛନ୍ତି ତାହା କେହି ଜାଣି ନାହାନ୍ତି। ପ୍ରଥମ ସମନ ଜାରି ପରେ ଅଭଦ୍ର ମନ୍ତବ୍ୟ ଦେଇଥିବା ଏହି ୟୁଟ୍ୟୁବର ପୁଲିସଠାରୁ ଭିଆଇପି ସେବା ମାଗିଥିଲେ। ଘରେ ବୟାନ ରେକର୍ଡ କରିବାକୁ କହିଥିଲେ। ତେବେ ପୁଲିସ ଏପରି କରିବାକୁ ମନା କରିଦେଇଥିଲା। ଥାନାରେ ହାଜର ହେବାକୁ ତାଙ୍କୁ କୁହାଯାଇଥିଲା।

ଅନ୍ୟପକ୍ଷରେ ପୁଲିସ ନିକଟରେ ହାଜର ହେବା ପାଇଁ ସମୟ ରୈନା ମଧ୍ୟ ସମୟ ମାଗିଛନ୍ତି। ସେ ଏବେ ଆମେରିକାରେ ଅଛନ୍ତି। ଶୋ'ଗୁଡିକ ଥିବାରୁ ଏବେ ଭାରତ ଫେରିବେ ନାହିଁ ବୋଲି କହିଛନ୍ତି। କିନ୍ତୁ ପୁଲିସ ତାଙ୍କ ଦାବିକୁ ଖାରଜ କରି ୧୭-୧୮ ତାରିଖରେ ହାଜର ହେବାକୁ କହିଛି। ସେହିପରି ଆସାମ ପୁଲିସ ମଧ୍ୟ ସମୟଙ୍କୁ ସମନ ଜାରି କରିଛି। ଏଥିପାଇଁ ଆସାମ କ୍ରାଇମବ୍ରାଞ୍ଚର ଦୁଇ ଅଧିକାରୀ ସମୟଙ୍କ ଘରେ ପହଞ୍ଚି ଥିଲେ। ଏହା ମଧ୍ୟରେ ଶୋ'ରେ ଅତିଥି ଭାବେ ସାମିଲ ଅପୂର୍ବା ମଖିଜାଙ୍କ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଯୁଆଡେ ଗଲେ ବି ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି।

**ପ୍ରଥମ ସମନରେ ଭିଆଇପି ସେବା ମାଗିଥିଲେ**

**ସୁପ୍ରିମକୋର୍ଟରୁ ମିଳିଲାନି ଆଶ୍ୱସ୍ତି**

## ଖୋ ଖୋ ବିଶ୍ୱକପ୍ ବିଜେତା ପାବନୀଙ୍କୁ ସମ୍ବର୍ଦ୍ଧନା



ଗୋଷାଣି,୧୪।୨(ସମିସ): ଚଳିତ ବର୍ଷ ଭାରତ ବିଶ୍ୱକପ୍ ଖୋ ଖୋ ପ୍ରତିଯୋଗିତାରେ ଚାମ୍ପିଆନ୍ ହୋଇଛି। ଉକ୍ତ ଦଳରେ ଗଜପତି ଜିଲ୍ଲାର ପାବନୀ ଶବର ସାମିଲ ଥିଲେ। ପାବନୀ ଗୁରୁବାର ଗାରାବନ୍ଧରେ ପହଞ୍ଚିବା ପରେ ଶ୍ରୀଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ତିରୁମଲା ରାଓ ପଟ୍ଟନାୟକ ଏବଂ କ୍ରୀଡ଼ା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ବେଳେ ଗାରାବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜି.ବେଣୁ ଓ ଯୁବନେତା ପି.ନାଗେଶ୍ୱର ରାଓଙ୍କ ସମେତ ବ୍ୟବସାୟ ସଂଘ, ଗ୍ରାମବାସୀ ବିପୁଳ ସ୍ୱାଗତ କରିବା ସହ ପାବନୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହାସହ ପାବନୀଙ୍କୁ ଲୋକେ କାନ୍ଧରେ ବସାଇ ନେଇଥିଲେ। ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା।

## ଟିକାବାଲି କଲେଜରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ




ଜି.ଉଦୟଗିରି/ଟିକାବାଲି,୧୪।୨(ସମିସ): ଶିକ୍ଷାନୁଷ୍ଠାନରେ ଛାତ୍ରଙ୍କ ଟବାକୋ ବା ତମାଖୁ ସେବନ ଦିନକୁ ଦି ବଢିବାକୁ ଲାଗିଥିବା ବେଳେ ଦେଖା ଦେଉଛି ଭୟଙ୍କର ସ୍ୱାସ୍ଥ୍ୟ ସମସ୍ୟା। ଛୋଟ ବୟସରୁ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାକୁ ନେଇ ଚିନ୍ତା ବଢିଥିବା ବେଳେ ଯୁବ ପିଢିକୁ ସଚେତନ କରିବାକୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଟିକାବାଲି ଏମସିଏସ ମହାବିଦ୍ୟାଳୟରେ ଜାତୀୟ ତମାକୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତମାଖୁ ବର୍ଜନ କରି ଦେଶକୁ ନିଶା ମୁକ୍ତ କରିବା ସହିତ ସୁସ୍ଥ ଜୀବନ ଯାପନ କରିବା ଦିଗରେ ପରାମର୍ଶ ଦେଇଥିଲେ। ଅତିଥି ଭାବରେ ଯୋଗଦେଇ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ସତ୍ୟ ପଟ୍ଟନାୟକ, ଡା.ଦୀପାଳି ସେଠୀ ଏବଂ ଜନ ସ୍ୱାସ୍ଥ୍ୟ ମଙ୍ଗଳ ଅଧିକାରୀ ରଶ୍ମିତା ପ୍ରଧାନ ତମାଖୁ ସେବନର ଅପକାରିତା, ବିଭିନ୍ନ ଅଣ ସଂକ୍ରାମକ ରୋଗ ର କାରଣ ବୋଲି ସଚେତନ କରିଥିଲେ। ଏହି ଅବସରରେ ତମାଖୁ ମୁକ୍ତ ସମାଜ ଗଠନ ପାଇଁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଦେବା ସହିତ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ଶ୍ରଦ୍ଧା ରାଣୀ ପଟ୍ଟନାୟକ ପ୍ରଥମ, ଲକ୍ଷ୍ମୀନାରାୟଣ ସାହୁ ଦ୍ୱିତୀୟ, ମଧୁସ୍ମିତା ଦିଗାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ଅଧ୍ୟାପକ ନରେନ୍ଦ୍ର କୁମାର ଦିଗାଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲୱାମା ସହିଦଙ୍କ ପୂଣ୍ୟତିଥିରେ ରକ୍ତଦାନ ଶିବିର



ଫୁଲବାଣୀ,୧୪।୨(ସମିସ): ପୁଲୱାମାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣ ରେ ସହିଦ୍ ୪୦ ଜଣ ସିଆରପିଏଫ ଯବାନଙ୍କ ପୁଣ୍ୟତିଥିରେ ଦେଶ ପାଇଁ ଦେଇଥିବା ବଳିଦାନକୁ ସମ୍ମାନ ଜଣାଇ ଟିମ୍ ହ୍ୟୁମାନିଟି କନ୍ଧମାଳ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ପ୍ରଥମେ ଟିମ୍‌ର ଆବାହକ ଭି.ଲୋକନାଥ ରାଜୁଙ୍କ ନେତୃତ୍ୱରେ ଫୁଲବାଣୀ ରକ୍ତ ଭଣ୍ଡାରରେ ଟିମ୍‌ର ସଦସ୍ୟ ଏକତ୍ର ହୋଇଥିଲେ। ସେଠାରେ ପ୍ରଥମେ ସହିଦ୍ ଯବାନଙ୍କ ତୈଳଚିତ୍ର ଥିବା ଏକ ବ୍ୟାନର ଧରି ସହିଦ୍ ଯବାନ ଅମର ରହେ ନାରା ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆୟୋଜିତ ଶିବିରକୁ ମୁଖ୍ୟଅତିଥି ଆଦର୍ଶ ଟାଉନ ଥାନା ଅଧିକାରୀ ସ୍ୱରୁପ କିଶାନ ଉଦଘାଟନ କରିବା ସହିତ ଟିମର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ଉପସ୍ଥିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୁଖ୍ୟଅତିଥିଙ୍କ ସହ ଏସଆଇ ସରୋଜ କୁମାର ସାହୁ, ଡିଏଫଓ ପ୍ରଶାନ୍ତ ପଟେଲ୍, ରେଞ୍ଜର ଶିବାନନ୍ଦ ଲେଙ୍କା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ପାଢ଼ୀ, ଡିପିଏମ୍, ଡିଏମ୍‌ଆରସି, ନର୍ସିଂ ଅଫିସର, ମନୋଜ ପଣ୍ଡା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ୧୧୭ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

● ଆନ୍ତଃରାଜ୍ୟ ଚାଲାଣ ହେଉଥିବା ସୂଚନା



ବାଲିଗୁଡ଼ା,୧୪।୨(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ପରମପଙ୍ଗା ପଞ୍ଚାୟତର କିଲୁପଡା ଇସ୍ରାଏଲ ଗ୍ରାମରୁ ୧୧୭କେଜି ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରିଛି ବାଲିଗୁଡ଼ା ପୁଲିସ। ଏନେଇ ଏକ ପ୍ରେସମିଟ୍ ଜରିଆରେ ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ। ସୂଚନା ଅନୁସାରେ ବାଲିଗୁଡା ଥାନା ଅନ୍ତର୍ଗତ ପରମପଙ୍ଗା ପଞ୍ଚାୟତର କିଲୁପଡା ଇଶ୍ରାଏଲ ଗ୍ରାମରେ ଗଞ୍ଜେଇ ଚାଷ କରି ବାହାର ରାଜ୍ୟକୁ ଚାଲାଣ କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା ବାଲିଗୁଡ଼ା ପୁଲିସ। ଶୁକ୍ରବାର ସକାଳ ୧୦ ବେଳେ ଏସଆଇ ପି.କେ.ଜେନା ଏକ ସ୍ୱତନ୍ତ୍ର ଟିମ ନେଇ ଘଟଣା ସ୍ଥଳରେ ଚଢଉ କରିଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ଗଞ୍ଜେଇ ପ୍ୟାକିଂ କରୁଥିବା ଦେଖିବାକୁ ପାଇଥିଲେ। ପୁଲିସକୁ ଦେଖି ଦୁଇ ଜଣ ଯୁବକ ଜଙ୍ଗଲକୁ ଦୌଡ଼ି ପଳାଇବା ଉଦ୍ୟମ କରୁଥିବା ବେଳେ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା ପୁଲିସ। ଘଟଣା ସ୍ଥଳରୁ ୧୧୭କେଜି ଗଞ୍ଜାଇ ଜବତ କରାଯାଇଥିବା ଜଣାପଡ଼ିଛି। ଗିରଫ ଯୁବକ ଜଣକ କିଲୁପଡା ଗ୍ରାମର ପୂଜାରା ଦିଗାଲ (୨୫)। ପୂଜାରାର ଭାଇ ପାଉଲ ଦିଗାଲ ଫେରାର୍ ହୋଇଯାଇଥିବା ସୂଚନା ଦେଇଛି ବାଲିଗୁଡ଼ା ପୁଲିସ। ଏହି ସବୁ ଗଞ୍ଜେଇ ଛତିଶଗଡ଼ ଓ ପଶ୍ଚିମ ବଙ୍ଗ ଚାଲାଣ ହେଉଥିବା ବହୁ ଦିନରୁ ସୂଚନା ମିଳିଥିବା କହିଛନ୍ତି ଏସଡିପିଓ। ତୁମୁଡ଼ିବନ୍ଧ ପୁଲିସ ସହାୟତାରେ ଚଢଉ ହୋଇଥିବା ବେଳେ ଆଡିସିନାଲ ମାଜିଷ୍ଟ୍ରେଟ ଉପସ୍ଥିତ ଥିବା ସୂଚନା ମିଳିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କା ବୋଲି କୁହାଯାଇଛି। ବାଲିଗୁଡ଼ା ଥାନାରେ ଏସମ୍ପର୍କରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।

### ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

# ଅଣସଙ୍ଗଠିତ ଶ୍ରମିକ ପଞ୍ଜୀକରଣ ପାଇଁ ଆହ୍ୱାନ

ପାରଳାଖେମୁଣ୍ଡି,୧୪।୨(ସମିସ):



ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବ୍ରହ୍ମପୁର ରେଞ୍ଜର ଯୁଗ୍ମ ଶ୍ରମ ଆୟୁକ୍ତ ସୁମିତ୍ରା ମାଝୀ, ଜିଲ୍ଲା ଶ୍ରମ ଆୟୁକ୍ତ ବାବୁ ଚରଣ ପାତ୍ର, ଜିଲ୍ଲା ପରିଷଦର ସହକାରୀ ନିର୍ବାହୀ ଅଧିକାରୀ ଭେଙ୍କଟ ରାଓ ଅଚାରୀ ଓ ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା ଯୋଗ ଦେଇଥିଲ । ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର୍ ତରଫରୁ ଅଣ ସଙ୍ଗଠିତ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଉଛି। ଶ୍ରମିକ ମାନେ ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ଯୋଗ୍ୟତା ରହିଛି। ଏଣୁ ଅଣ ସଙ୍ଗଠିତ ଶ୍ରମିକ ବିନା ମୂଲ୍ୟରେ ପଞ୍ଜୀକରଣ କରିପାରିବେ। କିମ୍ବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି ଅଣ ସଙ୍ଗଠିତ ଶ୍ରମିକଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ ହୋଇଥିବା ଆବଶ୍ୟକ। ଶ୍ରମିକ ପଞ୍ଜୀକରଣ କରିବା ପାଇଁ ନିଜ ଆଧାର କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସ ବୁକ୍ ଓ ନିଜ ପାସ ଫଟୋ ସହିତ ହିତାଧୀକାରୀ ଅନଲାଇନ୍ ମାଧ୍ୟମରେ କିମ୍ବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଠାରେ ଆବେଦନ କରିପାରିବେ ଏବଂ ନିଜେ ଏହି ବିଷୟରେ ଜାଣି ଅନ୍ୟମାନଙ୍କୁ ମଧ ସଚେତନତା କରିବା ପାଇଁ ଅନୁରୋଧ କରିଥିଲେ। ଏହାସହ ଶ୍ରମିକଙ୍କୁ ପଞ୍ଜୀକରଣ ପତ୍ର ଓ ସହାୟତା ରାଶି ପ୍ରଦାନ କରିଥିଲେ। ଜିଲ୍ଲାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନରେ ମୋଟ ୪୪୫ ଜଣଙ୍କୁ ବିବାହ, ପ୍ରସୂତି, ମୃତ୍ୟୁ ଓ ଅନ୍ତିମ ସଂସ୍କାର ଭଳି ବିଭିନ୍ନ ସୁବିଧା ପ୍ରଦାନ କରାଯାଇଛି। ସେଥି ମଧ୍ୟରେ ଡିବିଟି ମୋଡ ମାଧ୍ୟମରେ ହିତାଧୀକାରୀଙ୍କ ଆକାଉଣ୍ଟକୁ ୩ କୋଟି ୩୫ ଲକ୍ଷ ୫୮ ହଜାର ୨୦୦ ଶହ ଟଙ୍କା ସିଧାସଳଖ ପଠାଯାଇଛି। ଯାହା ମୃତ୍ୟୁ କାଳୀନ ସହାୟତା ବାବଦକୁ ୧୪୭ ଜଣଙ୍କୁ ୩ କୋଟି ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୧୪୨ ଜଣଙ୍କୁ ୭ ଲକ୍ଷ ୧୦ ହଜାର ଟଙ୍କା, ବିବାହ କାଳୀନ ସହାୟତା ରାଶି ବାବଦକୁ ୪୧ ଜଣଙ୍କୁ ୨୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ପ୍ରସୂତି କାଳୀନ ସହାୟତା ବାବଦକୁ ୪ ଜଣଙ୍କୁ ୪୦ ହଜାର ଟଙ୍କା ଓ ଶିକ୍ଷା ସହାୟତା ରାଶି ବାବଦରେ ୫୭ ଜଣଙ୍କୁ ୪ ଲକ୍ଷ ୫୮ ହଜାର ୨୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ମଦନ ମୋହନ ଟୁଡ୍ଡୁ, ସୁକାନ୍ତ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ସମେତ ଅନ୍ୟ ଶ୍ରମ ବିଭାଗୀୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ନିର୍ମାଣ ଶ୍ରମିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସହକାରୀ ଶ୍ରମ ଅଧିକାରୀ ଅମିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଅନ୍ୱେଷା' ପୂର୍ବତନ ଅଧୀକ୍ଷକ ରାଜେନ୍ଦ୍ର ସାହୁ ନିଲମ୍ବିତ

ପାରଳାଖେମୁଣ୍ଡି,୧୪।୨(ସମିସ): ଅନ୍ୱେଷା ଛାତ୍ରୀ ନିବାସର ଛାତ୍ରୀଙ୍କୁ ନିର୍ଯାତନା ଘଟଣାରେ କାର୍ଯ୍ୟାନୁନୁଷ୍ଠାନ ଗ୍ରହଣ କରିଛନ୍ତି ଜିଲ୍ଲାପାଳ। ପୂର୍ବତନ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ନିଲମ୍ବନ କରିଛନ୍ତି ଜିଲ୍ଲାପାଳ । ତଦନ୍ତ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ ବିଜୟ କୁମାର ଦାଶ। ହଷ୍ଟେଲ ପରିଚାଳନା ଗତ ତ୍ରୁଟି ସାଙ୍ଗକୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟତା ରହିଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ସୂଚନା ଯୋଗ୍ୟ ଯେ ଛାତ୍ରୀନିବାସ ଅନ୍ତେବାସୀ ଓ ସେଠାକାର କର୍ମଚାରିଙ୍କ ଉପରେ ମାନସିକ, ଶାରୀରିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗକୁ ଭିତ୍ତିକରି ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛି। ତଦନ୍ତରେ ଯେପରି ବାଧା ନ ଉପୁଜିବ ସେଥି ନିମନ୍ତେ ପ୍ରଥମେ ରାଜେନ୍ଦ୍ର ସାହୁଙ୍କୁ ଅନ୍ୱେଷା ଛାତ୍ରୀନିବାସ ଦାୟିତ୍ୱରୁ ହଟାଯାଇ ବଦଳି କରାଯାଇଥିଲା। ପରେ ଜନ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଦୁଇଟି ଟିମ ଗଠନ କରି ପୃଥକ ଭାବେ ବିଭିନ୍ନ ଦିଗକୁ ନେଇ ତାଙ୍କ ବିରୋଧରେ ତଦନ୍ତ କରାଯାଇଥିଲା। ଗୁରୁବାର ତଦନ୍ତ ରିପୋର୍ଟ ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ଆଦେଶ ଜାରି ହୋଇଛି । ପରବର୍ତ୍ତି ସମୟରେ ଅଧିକ ତଦନ୍ତ ହେବ। ତଦନ୍ତ ପରେ ଦୃଷ୍ଟାନ୍ତମୂଳକ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ପ୍ରକାଶ ଯେ, ଅନ୍ୱେଷା ଛାତ୍ରାବାସ ପରିସରରେ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ରାଜେନ୍ଦ୍ର ସାହୁଙ୍କ ଦ୍ୱାରା ନିର୍ଯାତନା ଦିଆଯାଇଥିବା ଅଭିଯୋଗ କରିଥିଲେ ସାମାଜିକକର୍ମୀ ମୋଜେସ ଦଳବେହେରା । ଚଳିତ ମାସ ପହିଲା ଦିନ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ମାମଲାକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ କେତେକ ଅଭିଭାବକ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଧୀକ୍ଷକଙ୍କ ଆଚରଣ ଭୟଭୀତ କରୁଥିବାରୁ ଅନ୍ତେବାସୀ ହଷ୍ଟେଲ ଛାଡି ଦେଇଥିବାର ମଧ୍ୟ ଜଣାପଡ଼ିଛି।

## ଓଡ଼ିଆ ଅସ୍ମିତା ସୌଧର ସ୍ତମ୍ଭ ଥିଲେ କବି ବୃନ୍ଦାବନ ସୁଆର

ପାରଳାଖେମୁଣ୍ଡି,୧୪।୨(ସମିସ): ବିଶିଷ୍ଟ ସମାଜସେବୀ ତଥା ସବୁଜ ଯୁଗର କବି ବୃନ୍ଦାବନ ସୁଆରଙ୍କ ୧୧୧ ତମ ଜୟନ୍ତୀ ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣି ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସାରସ୍ୱତ ଅନୁଷ୍ଠାନ "ସିଦ୍ଧାନ୍ତ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କବି ବୃନ୍ଦାବନ ସୁଆରଙ୍କୁ ପୌରାଣିକ ସାହିତ୍ୟ ଓ ସବୁଜ ସାହିତ୍ୟର ଆଦ୍ୟ ସମନ୍ୱୟକର୍ତ୍ତା ଭାବେ ଉପସ୍ଥାପିତ କରିଥିଲେ। କବିଙ୍କ ଖଣ୍ଡକାବ୍ୟ "ଉତ୍କଳ ଗୌରବ' ଉପରେ ଏକ ଆଲୋଚନା ଚକ୍ର ଏହି ଅବସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ସୌଦାଗର ସିଅ, ଅଧ୍ୟାପିକା ଡ. କଲ୍ୟାଣୀ ମିଶ୍ର ଓ କବି ହରପ୍ରସାଦ ସୁଆର ଅଂଶ ଗ୍ରହଣ କରିଥିଲେ। ସମସ୍ତ ବକ୍ତା କବି ବୃନ୍ଦାବନ ସୁଆରଙ୍କ ଓଡ଼ିଆ ଭାଷା ଓ ବ୍ୟାକରଣଗତ ଜ୍ଞାନର ପ୍ରଶଂସା କରିବା ସହ ତାଙ୍କ ଉତ୍କଳ ଗୌରବ କାବ୍ୟ, ଓଡ଼ିଶା ଇତିହାସ, ଭୂଗୋଳ, ରାଜନୀତି ତଥା ଧର୍ମ ମତର ଏକ ସମନ୍ୱିତ ଗ୍ରନ୍ଥ ବୋଲି ମତ ପ୍ରକାଶ କରିଥିଲେ। ଡ. ଅନ୍ନପୂର୍ଣ୍ଣା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଆହ୍ୱନ କରିଥିଲେ ତ୍ରିପତି ପ୍ରସାଦ ପଣ୍ଡା ଏବଂ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଆକାଶବାଣୀ କଣ୍ଠ ଶିଳ୍ପୀ ବି.କୋମଳାଙ୍ଗୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ।



ଡ. ଅନ୍ନପୂର୍ଣ୍ଣାଦେବୀ ସଭାପତିତ୍ୱ ଭାଷଣରେ କବି ବୃନ୍ଦାବନ ସୁଆରଙ୍କ ସମୟର ସାହିତ୍ୟିକ ପରିବେଶକୁ ଛଳ କୁଟିଳ ରଖି ଓଡ଼ିଆ ଅସ୍ମିତା ସୌଧର ଏକ ସ୍ତମ୍ଭ ବୋଲି ଅଭିହିତ କରିଥିଲେ । ସମସ୍ତ କାର୍ଯ୍ୟକୁ ସଂଯୋଜନା କରିଥିଲେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା। ଧନ୍ୟବାଦ ଅର୍ପଣ କରିଥିଲେ ଅଶୋକ କୁମାର ଦାଶ। ଏହି ଅବସରରେ ବୃନ୍ଦାବନ ସୁଆରଙ୍କ "ଉତ୍କଳ ସମ୍ପଦ ଓ ପତିତପାବନ ଜଣାଣ' ଲୋକାର୍ପଣ କରାଯାଇଥିଲା।

## ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଚାନ୍ଦିପୁଟ ଚାମ୍ପିଅନ୍



ଟିକାବାଲି,୧୪।୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ କଟିମାହା ପଞ୍ଚାୟତ ନିକଟ ଖେଳ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧାଞ୍ଜଳି ବାଘାଯତିନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଗତ ୫ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଏଥିରେ କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲ୍ଲାର ବଛାବଛା୧୨ ଦଳ ଅଂଶଗ୍ରହଣ କରିଥିଲେ। ଦାରିଙ୍ଗବାଡ଼ି ଏବଂ ଚାନ୍ଦିପୁଟର ଆନାକଣ୍ଡା ଟିମ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚରେ ୩ଟି ସେଟରୁ ଚାନ୍ଦିପୁଟ ଟିମ ଦୁଇଟି ସେଟରେ ଜିତି ବିଜୟୀ ଲାଭ କରି ଟ୍ରାଫି ଅକ୍ତିଆର କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ସମ୍ମାନିତ ଅତିଥି ଭାବରେ, ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ରାମବିଶି ଦିଗାଲ, ପୂର୍ବତନ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରୋଦନ ମଳିକ, ଟିକାବାଲି ବ୍ଲକ ଅଧକ୍ଷ ଦିଲୀପ କହଁର, ଯୁଥୱାରୀଅର ବ୍ଲକ ସଭାପତି ରାଜକିଶୋର ପ୍ରଧାନଙ୍କ ସମେତ ବହୁ ସ୍ଥାନୀୟ ବିଜେଡି ଓ ବିଜେପି ନେତା ଉପସ୍ଥିତ ଥିଲେ।

## ରେଳ ଷ୍ଟେସନ୍ ନିକଟରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ପାରଳାଖେମୁଣ୍ଡି,୧୪।୨(ସମିସ): ଗୁରୁବାର ବିଳମ୍ବିତ ରାତିରେ କେ. ସିରିଶା ନାମ୍ନୀ ଜଣେ ମହିଳା ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ରେଳ ଷ୍ଟେସନ ନିକଟରୁ ଏକ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଛନ୍ତି। ଉକ୍ତ ସହୃଦୟା ମହିଳା ଜଣକ ଶୁକ୍ରବାର ସକାଳେ ସେହି ଶିଶୁକୁ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିବା ସହିତ ପରବର୍ତ୍ତୀ ଯତ୍ନ ସୁରକ୍ଷା ନିମନ୍ତେ ଅନୁରୋଧ କରି ସରକାରଙ୍କୁ ହସ୍ତାନ୍ତର କରିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଚାଇଲ୍ଡ ହେଲ୍ପଲାଇନ ଓ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଡାକ୍ତରଙ୍କ ପରାମର୍ଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁକୁ ଆବଶ୍ୟକ ଚିକିତ୍ସା ପ୍ରଦାନ ଜାରି ରଖିଛନ୍ତି। ଶିଶୁ ବର୍ତ୍ତମାନ ସୁସ୍ଥ ଥିବା ବେଳେ, ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଜଣେ ଆୟା ଶିଶୁର ଯତ୍ନ ନେଉଛନ୍ତି। ସୂଚନା ଥାଉ କି, ଶିଶୁ ଚିକିତ୍ସାଳୟରୁ ଡିସ୍‌ଚାର୍ଜ ହେବା ପରେ ଶିଶୁ ମଙ୍ଗଳ ସମିତି ଗଜପତିଙ୍କ ନିର୍ଦ୍ଦେଶ କ୍ରମେ ରାଣୀପେଣ୍ଠ ସ୍ଥିତ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇ ସମସ୍ତ ଯତ୍ନ ସୁରକ୍ଷା ପ୍ରଦାନ କରିବା ସହିତ ସରକାରଙ୍କ ନିୟମ ଅନୁଯାୟୀ ଥାଇଥାନର ବ୍ୟବସ୍ଥା କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଫୁଲବାଣୀ,୧୪।୨(ସମିସ): ସ୍ଥାନୀୟ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ସମ୍ଭାବନା'ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ର. ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଅମୃତ ଋତୁରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ସଂସଦର ଉପସଭାପତି ସହକାରୀ ପ୍ରଫେସର କ୍ଷୀର ସାଗର ରଣା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଦର୍ଶନ ଶାସ୍ତ୍ର ବିଭାଗର ମୁଖ୍ୟ ପ୍ର. ମୁରଲୀ ଧର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରସାୟନ ବିଭାଗର ସହକାରୀ ପ୍ରଫେସର ଡ. ତନ୍ମୟ କୁମାର ମଞ୍ଚ ପରିଚାଳନା କରିଥିବାବେଳେ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ବନଜା ବାସିନୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଙ୍ଗନବାଡ଼ି କର୍ମୀଙ୍କୁ ତାଲିମ

ଖଜୁରୀପଡା,୧୪।୨(ସମିସ): ପ୍ରାକ ବିଦ୍ୟାଳୟ ଶିଶୁମାନଙ୍କର ଶିକ୍ଷାକୁ ସହଜ, ଆକର୍ଷଣୀୟ ଏବଂ ପ୍ରଭାବଶାଳୀ କରିବା ପାଇଁ ଅଙ୍ଗନବାଡ଼ି କର୍ମୀଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ଉପରେ ଏକ କର୍ମଶାଳା ବାଲରକ୍ଷା ଭାରତ ଦ୍ୱାରା ଖଜୁରୀପଡା ସମନ୍ୱିତ ଶିଶୁ ବିକାଶ ସଭାଗୃହରେ ଆୟୋଜିତ ହୋଇଛି। ଆରମ୍ଭରେ ବାଲରକ୍ଷା ଭାରତର ପ୍ରତିନିଧି ସଂଜୟ କୁମାର ରାଉତ ତାଲିମର ଗୁରତ୍ୱ ଉପରେ ଆଲୋକପାତ କରିଥିଲେ। ସହକାରୀ ମ୍ୟାନେଜର ମନୋଜ କୁମାର ମିଶ୍ର ଶିକ୍ଷଣ ସାମଗ୍ରୀ ଦ୍ୱାରା ଶିଶୁମାନଙ୍କ ସୃଜନଶୀଳତା ଏବଂ ସ୍ମୃତିବିକାଶ ଉପରେ ଆଲୋଚନା କରିଥିଲେ। ସିଡିପିଓ କ୍ରିଷ୍ଣା ବେହେରା ହାତକାମ ଆଧାରିତ ଶିକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇ ସ୍ୱୟଂ ପ୍ରସ୍ତୁତ ଟିଏଲଏମ ଶିଶୁମାନଙ୍କ ଶିକ୍ଷାରେ ଦୀର୍ଘକାଳୀନ ଉପକାର ହୋଇପାରିବ ବୋଲି କହିଥିଲେ। ଶିବାନୀ ଏବଂ ନିରୂପମା ସାମଗ୍ରୀ ପ୍ରସ୍ତୁତି ପ୍ରକ୍ରିୟା ଉପରେ ଆଲୋଚନା କରିବା ସହ ତାଲିମ ଦେଇଥିଲେ।

## ସାନତୁଣ୍ଡୀ ଓ ପଦାସାହିରେ ଜଳଛାୟା ଯାତ୍ରା ଅଭିଯାନ




ରାୟଗଡ଼,୧୪।୨(ସମିସ):

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସାନତୁଣ୍ଡୀ ଓ ପଦାସାହି ଗ୍ରାମରେ ଜଳଛାୟା ଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଜୟ କୁମାର ଦାସ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ଭାରପ୍ରାପ୍ତ ବିଡିଓ ସୁକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୌତମୀ ଜାନି ଓ ରାୟଗଡ଼ ଥାନା ଅଧିକାରୀ ରିନାରାଣୀ ସାହୁ ମଞ୍ଚାସୀନ ଥିଲେ। ୱାଟରସେଡ ପକ୍ଷରୁ ବ୍ଲକର ୯ ପଞ୍ଚାୟତରେ ୨୯ ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ମୁଖ୍ୟତଃ ପ୍ରାକୃତିକ ସମ୍ବଳର ପରିଚାଳନା ସହ ଜଳ, ଜମି, ଜନ୍ତୁ ଆଦିକୁ ପରିଚାଳନା କରି ଜୀବିକା ନିର୍ବାହ ମାଧ୍ୟମରେ କି ଭଳି ଉନ୍ନତି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଏହି ପରିପ୍ରେକ୍ଷୀରେ ସାନତୁଣ୍ଡି ଠାରେ ସ୍ପ୍ରିଙ୍ଗ୍ ସେଡର ଜିଲ୍ଲାପାଳ ଉଦଘାଟନ କରିଥିଲେ। ଏହା ଦ୍ୱାରା ୪୦ ଏକର ଚାଷ ଜମିକୁ ପାଣି ଯୋଗାଇ ଦେବ। ଜିଲ୍ଲାପାଳ ଚାରା ରୋପଣ କରିବା ସହ ଜଳ, ଜମି, ଜଙ୍ଗଲର ପରିଚାଳନା ଓ ସୁରକ୍ଷା ନେଇ ଶପଥ ପାଠ କରାଇଥିଲେ। ସେହିପରି ପଦାସାହିରେ ମଧ୍ୟ ଚେକ୍ ଡ୍ୟାମର ଉଦଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୱାଟରସେଡ ୱାରିୟର୍ସ ଓ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଦରିସୁଗା ସେବାଶ୍ରମର ବାର୍ଷିକ ଉତ୍ସବ

ଫିରିଙ୍ଗିଆ,୧୪।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃଢ଼ି ପଞ୍ଚାୟତ ଦରିସୁଗା ଆବାସିକ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଗଞ୍ଜା କହଁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଲାବୃଢ଼ି ସରପଞ୍ଚ ଲୀଳାବତୀ କହଁର ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ବାଲିପଦର ସାଧନ କର୍ମୀ ସଂଯୋଜକ ପ୍ରଦ୍ୟୁମ୍ନ ଦିଗାଲ, ବିଦ୍ୟାଳୟ ସଭାପତି ରାଜେନ୍ଦ୍ର କହଁର, ୱାର୍ଡ ସଭ୍ୟ ବଳରାମ କହଁର, ପଲାବୃଢ଼ି ଅବାସିକ ଶେବାଶ୍ରମର ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ପ୍ରସାଦ ରାଉତ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ାର ସଫଳ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୯୦ • ପାଉଣ୍ଡ ୧୦୯.୮୪
- ୟୁରୋ ୯୧.୦୪ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୯,୦୯୦ (ଭୁବନେଶ୍ୱର)
- ରୁପା : ୧,୦୦,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୯୩୯.୦୦
- ନିଫ୍ଟି ୨୨,୯୨୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଆମେରିକାରେ ପ୍ରଧାନମନ୍ତ୍ରୀଙ୍କ ବୟାନକୁ ନେଇ ଟାର୍ଗେଟ୍

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଆମେରିକା ଗସ୍ତ ସମୟରେ ତାଙ୍କର ଏକ ବୟାନ୍‌କୁ ନେଇ ଏବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ କହିଛନ୍ତି ଯେ, ଆମେରିକାରେ ମଧ୍ୟ ମୋଦୀ ଜି ଆଦାନୀ ଜିଙ୍କ ଦୁର୍ନୀତିକୁ ଘୋଡାଇ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କଟାକ୍ଷ କରି ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, ଦେଶରେ ଆଦାନୀଙ୍କୁ ନେଇ ପ୍ରଶ୍ନ ପଚରାଗଲେ ମୋଦୀ ନିରବ ରୁହନ୍ତି |ବିଦେଶରେ ଯେତେବେଳେ ଏନେଇ ପଚରାଯାଏ, ତାହା ଏକ ବ୍ୟକ୍ତିଗତ ମାମଲା ହୋଇଯାଏ | ଆମେରିକାରେ ମଧ୍ୟ ମୋଦୀ ଜି ଆଦାନୀ ଜିଙ୍କ ଦୁର୍ନୀତିକୁ ଘୋଡାଇ ଦେଇଥିଲେ! ଯେତେବେଳେ ବନ୍ଧୁଙ୍କ ପକେଟ ପୂରଣ କରିବା ମୋଦୀ ଜିଙ୍କ ପାଇଁ ‹ରାଷ୍ଟ୍ର ନିର୍ମାଣ› ହୋଇଥାଏ, ସେତେବେଳେ ଲାଞ୍ଚ ନେବା ଏବଂ ଦେଶର ସମ୍ପତ୍ତି ଲୁଟ କରିବା ‹ବ୍ୟକ୍ତିଗତ ମାମଲା› ହୋଇଯାଏ। ବାସ୍ତବରେ ସାମ୍ବାଦିକ ସମ୍ମିଳନୀରେ ଜଣେ ସାମ୍ବାଦିକ ମୋଦୀଙ୍କୁ ପଚାରିଥିଲେ କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାକ୍ଷାତରେ ବ୍ୟବସାୟୀ ଗୌତମ ଆଦାନୀଙ୍କ ବିରୋଧରେ ମାମଲା ଉପରେ ଆଲୋଚନା ହୋଇଥିଲା କି। ଏହି ପ୍ରଶ୍ନ ପଚରାଯିବାରୁ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ଏକ ଗଣତାନ୍ତ୍ରିକ ଦେଶ ଏବଂ ଆମର ସଂସ୍କୃତି ‹ବସୁଧୈବ କୁଟୁମ୍ବକମ୍›ର, ଆମେ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ବୋଲି ମାନିଥାଉ। ମୁଁ ପ୍ରତ୍ୟେକ ଭାରତୀୟଙ୍କୁ ମୋର ବୋଲି ମାନିଥାଏ। ଏପରି ବ୍ୟକ୍ତିଗତ ପ୍ରସଙ୍ଗରେ, ଦୁଇଟି ଦେଶର ମୁଖ୍ୟ ଭେଟନ୍ତି ନାହିଁ କିମ୍ବା କଥାବାର୍ତ୍ତା କରନ୍ତିନାହିଁ। ବାସ୍ତବରେ ଜୋ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ, ଆମେରିକାର ନ୍ୟାୟ ବିଭାଗ ଆଦାନୀଙ୍କ ଉପରେ ଦୁର୍ନୀତିର ଅଭିଯୋଗ ଆଣିଥିଲା। ଅଭିଯୋଗ ଥିଲା ଯେ ସୌରଶକ୍ତି ଚୁକ୍ତିନାମାରେ ଲାଭ ପାଇବା ପାଇଁ ଆଦାନୀ ଭାରତୀୟ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର (ପ୍ରାୟ ୨୧୦୦ କୋଟି ଟଙ୍କା) ଲାଞ୍ଚ ଦେଇଥିଲେ।



ଦେଶରେ ଆଦାନୀଙ୍କୁ ନେଇ ପ୍ରଶ୍ନ କଲେ ନିରବ, ବିଦେଶରେ ପଚାରିଲେ ଏହା ବ୍ୟକ୍ତିଗତ ମାମଲା: ରାହୁଲ

# ଭାରତ ଉପରେ ପାଲଟା ଶୁଳ୍କ ଲଗାଇଲା ଆମେରିକା

## ଅନ୍ୟ ଦେଶ ତୁଳନାରେ ଭାରତର ଆମଦାନୀ ଶୁଳ୍କ ସବୁଠୁ ଅଧିକ; ଟ୍ରମ୍ପ

## ୩୦ ଉତ୍ପାଦ ଉପରେ ଶୁଳ୍କ କମାଇବ ଭାରତ

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):**





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂତନ ଆମଦାନୀ ଶୁଳ୍କ ବା ଟାରିଫ୍ ନୀତି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବାର ୨ ଘଣ୍ଟା ପୂର୍ବରୁ ଟ୍ରମ୍ପ ଭାରତ ସମେତ ସମସ୍ତ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିଛନ୍ତି। ରେସିପ୍ରୋକାଲ ଟିକସ ଅର୍ଥାତ୍ ଆମେରିକା ଉତ୍ପାଦ ଉପରେ ଯେଉଁ ଦେଶ ଯେତିକି ହାରରେ ଆମଦାନୀ ଶୁଳ୍କ ଲାଗୁ କରିଛନ୍ତି, ସେହି ଦେଶର ସାମଗ୍ରୀ ଉପରେ ଆମେରିକା ବି ଅନୁରୂପ ଢଙ୍ଗରେ ଶୁଳ୍କ ଲାଗୁ କରିବ। ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ବିଭିନ୍ନ ସାମଗ୍ରୀ ଉପରେ ସମାନ ଧରଣର ଆମଦାନୀ ଶୁଳ୍କ ଲାଗୁ ହେବ। ଅନ୍ୟ ସମସ୍ତ ଦେଶ ତୁଳନାରେ ଭାରତର ଆମଦାନୀ ଶୁଳ୍କ ସବୁଠୁ ଅଧିକ। ଏଣୁ ଟାରିଫ୍ ନୀତିରେ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି ଟ୍ରମ୍ପ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଅପରପକ୍ଷେ ଟ୍ରମ୍ପଙ୍କ ଟାରିଫ୍ ବାଣରୁ ବର୍ତ୍ତିବାକୁ ଭାରତ ଆମେରିକାରୁ ପ୍ରତିରକ୍ଷା ସାମଗ୍ରୀ ଏବଂ ତେଲ ଏବଂ ଏଲ୍‌ଏନ୍‌ଜି ଆମଦାନୀ ବଢ଼ାଇବା ବିକଳ୍ପକୁ ଆପଣାଇଛି।

ଆମେରିକାର ଅଟୋମୋବାଇଲ ହାର୍ଲେ ଡ୍ୟାଭିଡ୍‌ସନ୍ ମୋଟର ସାଇକେଲ କିମ୍ବା କାର୍ ଉପରେ ଭାରତ ୧୦୦% ଅଧିକ ଆମଦାନୀ ଶୁଳ୍କ ଆଦାୟ କରୁଛି। ଭାରତର ଅଟୋମୋବାଇଲ୍ ରପ୍ତାନି ଉପରେ ବି ସେହି ହାରରେ ଆମଦାନୀ ଶୁଳ୍କ ଲାଗୁ କରିବ ଆମେରିକା। ଏଭଳି ସମୟରେ ଯେସାକୁ ତେସା ଶୁଳ୍କ ନୀତିରୁ ବର୍ତ୍ତିବା ପାଇଁ ଭାରତ ୩୦ ଆମେରିକୀୟ ଉତ୍ପାଦରେ ଟାରିଫ୍ କମାଇବାକୁ ବିଚାର କରୁଛି। ଏଥିରେ ଇଭି, ପ୍ରିମିୟମ୍ କାର୍, ମୋଟରସାଇକେଲ, ୱାଇନ୍, ହ୍ୱିସ୍କି ଆଦି ଉପରୁ ଶୁଳ୍କ କମିପାରେ ବୋଲି ଅନୁମାନ କରାଯାଉଛି। ଏସବୁ ସାମଗ୍ରୀ ଉପରେ ଭାରତ ୧୦୦ରୁ ୧୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଉଛି। ଟ୍ରମ୍ପ କହିଛନ୍ତି, ଯେଉଁ ଆମେରିକା ଉତ୍ପାଦ ଉପରେ ରାଷ୍ଟ୍ର ଯେତିକି ଶୁଳ୍କ ଲାଗୁ କରିବେ ଆମେରିକା ବି ସମାନ ମାତ୍ରାରେ ଶୁଳ୍କ କଷିବ।

ତେବେ ଟ୍ରମ୍ପଙ୍କ ପାଲଟା ଟାରିଫ୍ ବାଣରୁ ବର୍ତ୍ତିବାକୁ ଭାରତ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ସେତିକି ନୁହେଁ, ଆମେରିକାରୁ ପ୍ରତିରକ୍ଷା ଏବଂ ଶକ୍ତି ଉତ୍ପାଦ ଆମଦାନୀକୁ ବଢ଼ାଇବା ପାଇଁ ବି ବିଚାର କରାଯାଉଛି। ଆମେରିକା ସହ ବାଣିଜ୍ୟିକ ସମ୍ପର୍କକୁ ଭାରତ ଖରାପ କରିବାକୁ ଚାହେଁନାହିଁ। ବଜେଟରେ ସରକାର ଇଲେକ୍ଟ୍ରୋନିକ୍ସ, ବୟନ ସାମଗ୍ରୀ ଏବଂ ପ୍ରିମିୟମ ମୋଟର୍ସାଇକେଲ ଭଳି କେତେକ ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରାଯାଇଛି। ଏହା ମଧ୍ୟ ଆମେରିକାକୁ ଖୁସି କରିବା ପାଇଁ ଏକ ଉଦ୍ୟମ ବୋଲି କୁହାଯାଉଛି। ପାରିବ । ବର୍ତ୍ତମାନ ଭାରତ ସରକାର ବିଳାସପୂର୍ଣ୍ଣ କାର, ସୋଲାର ସେଲ୍ ଏବଂ କେମିକାଲ ଆଦି ଉପରେ ଅତିରିକ୍ତ ଟାରିଫ୍ କମାଇବା ପାଇଁ ବିଚାର କରୁଛନ୍ତି ।

ରିପୋର୍ଟ ଅନୁସାରେ, ଆମେରିକାରୁ ଭାରତ ଆସୁଥିବା ୮୦%ରୁ ଉର୍ଦ୍ଧ୍ୱ

**ଟାରିଫ୍ ବାଣରୁ ବର୍ତ୍ତିବାକୁ ଆମେରିକାରୁ ପ୍ରତିରକ୍ଷା ସାମଗ୍ରୀ, ତେଲ ଆମଦାନୀ ବଢ଼ାଇବ ଭାରତ**

ସାମଗ୍ରୀରେ ୨୦%ରୁ କମ୍ ଟାରିଫ୍ ଲାଗୁଥିବା ବେଳେ ୨୦ଟି ସାମଗ୍ରୀରେ ୧୦୦%ରୁ ଅଧିକ ଟାରିଫ୍ ଲାଗୁଛି। ଏଲନ୍ ମସ୍କଙ୍କ ଟେସ୍ଲା ମଧ୍ୟ ଏହି ଉଚ୍ଚ ଟାରିଫ୍ ଯୋଗୁ ଭାରତକୁ ଆସିପାରିନାହିଁ। ଆମେରିକାରୁ ଆସୁଥିବା ପ୍ରିମିୟମ କାର ଏବଂ ମୋଟର୍ସାଇକେଲ ଉପରେ ତଗ୍ଡା ଶୁଳ୍କ ଲଗାଉଛି ଭାରତ। ପୂର୍ବ କାର୍ଯ୍ୟକାଳରେ ହାର୍ଲେ-ଡେଭିଡ୍‌ସନ୍ ମୋଟରସାଇକେଲ ଉପରେ ଲାଗୁଥିବା ମୋଟା ଟାରିଫକୁ ସମାଲୋଚନା କରିଥିଲେ ଟ୍ରମ୍ପ। ଆମେରିକାରୁ ଆସୁଥିବା ଇଭିଗୁଡ଼ିକ ଉପରେ ଭାରତ ୧୨୫% ଶୁଳ୍କ ଲଗାଉଛି। ସେଠାରୁ ଆସୁଥିବା ମଦ, ହ୍ୱିସ୍କି, ରମ୍ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଉପରେ ୧୫୦%ର ସର୍ବୋଚ୍ଚ ଟାରିଫ୍ ଲାଗୁଛି। ଆଉ ୪୨ଟି ସାମଗ୍ରୀ ଉପରେ ୬୦ରୁ ୧୦୦% ଟାରିଫ୍ ଲାଗୁଥିବାବେଳେ ୧.୯% ଉତ୍ପାଦରେ ୩୦ରୁ୬୦% ଶୁଳ୍କ ଲାଗୁ ହେଉଛି। ମୂଲ୍ୟ ହିସାବରେ ଏସବୁ ବର୍ଗରେ ୨୦୨୩-୨୪ରେ ଭାରତକୁ ଆସିଥିବା ମୋଟ ସାମଗ୍ରୀ ମୂଲ୍ୟର ମାତ୍ର ୦.୪%। ତେବେ ଅନୁମାନ କରାଯାଉଛି ଭାରତ ଏହି ବର୍ଗଗୁଡ଼ିକରେ ଟାରିଫ୍ କମାଇପାରେ।

ଭାରତ ଉପରେ ଏହାର କି ପ୍ରଭାବ ପଡ଼ିବ?

ଯଦି ଆମେରିକା ଭାରତ ଉପରେ ଶୁଳ୍କ ବୃଦ୍ଧି କରେ, ତେବେ ଏଥିରେ ଭାରତର କ୍ଷତି ହେବ। ଭାରତ ଆମେରିକା ସହ ଏହାର ୧୭% ରୁ ଅଧିକ ବୈଦେଶିକ ବାଣିଜ୍ୟ କରିଥାଏ। ଆମେରିକା ଭାରତର ଫଳ ଏବଂ ପନିପରିବା ଭଳି କୃଷି ଉତ୍ପାଦର ସବୁଠାରୁ ବଡ଼ କ୍ରେତା। ୨୦୨୪ରେ ଆମେରିକା ଭାରତରୁ ୧୮ ନିୟୁତ ଟନ୍ ଚାଉଳ ମଧ୍ୟ ଆମଦାନୀ କରିଥିଲା। ଯଦି ଆମେରିକା ଭାରତ ଉପରେ ଶୁଳ୍କ ଲାଗୁ କରେ, ତେବେ ଭାରତୀୟ ଉତ୍ପାଦଗୁଡ଼ିକ ଆମେରିକୀୟ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହେବା ଆରମ୍ଭ କରିବେ। ଏହା ଆମେରିକୀୟ ଜନସାଧାରଣଙ୍କ ମଧ୍ୟରେ ତାହାର ଚାହିଦା ହ୍ରାସ କରିବ।

# ନ୍ୟୁ-ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଉପରେ ଆର୍‌ବିଆଇ ଲଗାଇଲା କଟକଣା





**ଗ୍ରାହକ ଉଠାଇପାରିବେନି ଟଙ୍କା**

**ନିର୍ଦ୍ଦେଶକ ମଣ୍ଡଳୀ ବର୍ଷକ ପାଇଁ ଭଙ୍ଗ**

**ମୁମ୍ବାଇ ଶାଖା ବାହାରେ ଗ୍ରାହକଙ୍କ ଭିଡ଼**

**ନୂଆଦିଲ୍ଲୀ,୧୪।୨(ଏଜେନ୍ସି):** ମୁମ୍ବାଇରେ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବ୍ୟାନ୍ କରିଛି। ଏହାଛଡା ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀକୁ ୧୨ ମାସ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଭଙ୍ଗ କରିଦେଇଛି। କେନ୍ଦ୍ରୀୟ ବ୍ୟାଙ୍କର ଘୋଷଣା ପରେ ଏହି ବ୍ୟାଙ୍କର ସବୁ ଶାଖାରେ ଟଙ୍କା ଉଠାଇବା ଲାଗି ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି, ଯାହାକୁ ନେଇ ଲୋକେ ଚିନ୍ତିତ ଅଛନ୍ତି। ଲୋକଙ୍କ କଷ୍ଟ ଅର୍ଜିତ ଧନ ଏବେ ବ୍ୟାଙ୍କରେ ଅଟକି ରହିଛି। କାହାର ଲକ୍ଷେ ତ ପୁଣି କାହାର ପୂରା ଅବସରକାଳୀନ ଟଙ୍କା ଫସିରହିଛି। ଆରବିଆଇ ନିୟମ ଅନୁସାରେ ଗ୍ରାହକ ଏବେ କେବଳ ୫ ଲକ୍ଷ ଟଙ୍କା ଯାଏ ଅର୍ଥ ଉଠାଇପାରିବେ। ଭାରତୀୟ ରିଜର୍ଭ ବ୍ୟାଙ୍କ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କରେ ବ୍ୟାପକ ଅନିୟମିତତା ଯୋଗୁ ବ୍ୟାଙ୍କର କାର୍ଯ୍ୟ ଉପରେ ଏଭଳି ରୋକ୍ ଲଗାଯାଇଛି। ଆରବିଆଇ ଦ୍ୱାରା କଟକଣା ଲାଗୁ କରାଯିବା ପରେ ବ୍ୟାଙ୍କର ଗ୍ରାହକ ନିଜ ଜମା ଅର୍ଥ ଉଠାଇପାରିବେ ନାହିଁ। ନ୍ୟୁ ଇଣ୍ଡିଆ କୋ-ଅପରେଟିଭ ବ୍ୟାଙ୍କ ଏବେ କୌଣସି ଋଣ ମଧ୍ୟ ଦେଇପାରିବ ନାହିଁ କି ଜମା ରଖିପାରିବନାହିଁ। ଏହି କଟକଣା ଆଗାମୀ ୬ ମାସ ଯାଏ ଲାଗୁ ରହିବ। ୬ ମାସ ପରେ ଆରବିଆଇ ପୁଣି ଥରେ ନିଷ୍ପତ୍ତିର ସମୀକ୍ଷା କରିବ। ତେବେ ବ୍ୟାଙ୍କ କର୍ମଚାରୀଙ୍କ ଦରମା, ଭଡ଼ା ଏବଂ ବିଜୁଳି ବିଲ୍ ପରି ଜରୁରୀ ଖର୍ଚ୍ଚ କରିବା ପାଇଁ ଅନୁମତି ଦିଆଯାଇଛି। ମୁମ୍ବାଇ, ଥାନେ, ପାଲଘରରେ ଏହି ବ୍ୟାଙ୍କର ମୋଟ ୨୬ ଶାଖା ରହିଛି। ସୁରଟରେ ବ୍ୟାଙ୍କର ୨ଟି ଶାଖା ମଧ୍ୟ ଅଛି। ବ୍ୟାଙ୍କର ଗ୍ରାହକଙ୍କ ସଂଖ୍ୟା ଲକ୍ଷାଧିକ ହେବ।

## ଆମେରିକୀୟ ମଦ ଉପରୁ ଶୁଳ୍କ ହ୍ରାସକଲା ଭାରତ

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଆମେରିକୀୟ ମଦ ଉପରେ ଶୁଳ୍କ ହ୍ରାସ ନେଇ ଭାରତ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବୈଠକ ପରେ ଏହି ବଡ଼ ଘୋଷଣା କରାଯାଇଛି। ବର୍ବନ ହ୍ୱିସ୍କି ଉପରେ ଆମଦାନୀ ଶୁଳ୍କ ହ୍ରାସ କରି ୫୦ ପ୍ରତିଶତ କରିଛି। ଏହି ନିଷ୍ପତ୍ତି ଆମେରିକା ସହ ବ୍ୟବସାୟିକ ବୁଝାମଣା ଉପରେ ଆଲୋଚନା ପରେ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ବର୍ବନ ହ୍ୱିସ୍କି ଉପରେ ସୀମା ଶୁଳ୍କରେ ହ୍ରାସ ନେଇ ଅଧିସୂଚନା ଫେବ୍ରୁଆରୀ ୧୩ରେ ଦୁଇ ରାଷ୍ଟ୍ରାଧ୍ୟକ୍ଷଙ୍କ ମଧ୍ୟରେ ବୈଠକ ପୂର୍ବରୁ ନିଆଯାଇଥିଲା। ରାଜସ୍ୱ ବିଭାଗ ଏକ ଅଧିସୂଚନାରେ କହିଛି ଯେ ବର୍ବନ ହ୍ୱିସ୍କି ଆମଦାନୀ ଉପରେ ଏବେ ୧୫୦ ପ୍ରତିଶତ ବଦଳରେ ୫୦ ପ୍ରତିଶତ ସୀମା ଶୁଳ୍କ ଲାଗୁ ହେବ। ଏହି ନିଷ୍ପତ୍ତି ଅନୁସାରେ ଅନ୍ୟ କୌଣସି ମଦର ଆମଦାନୀ ଉପରେ ସୀମା ଶୁଳ୍କରେ ପରିବର୍ତ୍ତନ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଆମେରିକା ଭାରତକୁ ବର୍ବନ ହ୍ୱିସ୍କିର ପ୍ରମୁଖ ରପ୍ତାନକାରୀ। ଭାରତରେ ଆମଦାନୀ କରାଯାଉଥିବା ସବୁ ମଦର ପ୍ରାୟ ଏକ ଚତୁର୍ଥାଂଶ ଆମେରିକାରୁ ଆସୁଛି।

## ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଖୁଚୁରା ମୁଦ୍ରାସ୍ଫୀତି ପରେ ଏବେ ପାଇକାରୀ ମୁଦ୍ରାସ୍ଫୀତି ହ୍ରାସ ଘଟିଛି। ଜାନୁଆରୀରେ ପାଇକାରୀ ମୁଦ୍ରାସ୍ଫୀତି ୨.୩୧%କୁ ଖସିଆସିଥିବା ଶୁକ୍ରବାର କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ରିପୋର୍ଟ ଜାରି କରିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରରେ ହ୍ରାସ ଫଳରେ ପାଇକାରୀ ମୁଦ୍ରାସ୍ଫୀତି କମିଛି। ସରକାରୀ ରିପୋର୍ଟ ଅନୁଯାୟୀ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ୬.୦୨%ରୁ ହ୍ରାସ ପାଇ ୪.୬୯% ହୋଇଛି। ଏଥିରେ ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ୮.୮୯% ରୁ ହ୍ରାସ ପାଇ ୭.୪୭%ରେ ପହଞ୍ଚିଛି।

# ଭାରତ ଟେକ୍ସ -୨୦୨୫ ଆରମ୍ଭ





**ଭୁବନେଶ୍ୱର,୧୪।୨(ଏଜେନ୍ସି):** ବୁଧବାରଠାରୁ ଆରମ୍ଭ ହୋଇଛି 'ଭାରତ ଟେକ୍ସ -୨୦୨୫'। ଏହି ହସ୍ତଶିଳ୍ପ ପ୍ରଦର୍ଶନୀର ଦ୍ୱିତୀୟ ସଂସ୍କରଣ ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଏବଂ ମାର୍ଟଠାରେ ଅନୁଷ୍ଠିତ ହୋଇଛି। ଭାରତ ଟେକ୍ସ-୨୦୨୫ ହସ୍ତଶିଳ୍ପ ବିଶ୍ୱ ବୟନଶିଳ୍ପ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପ୍ରଦର୍ଶନୀର ଆୟୋଜନ ଭାରତ ସରକାରଙ୍କ ଭାରତ ଟେକ୍ସ ଟ୍ରେଡ୍ ଫେଡେରେସନ (ବିଟିଟିଏଫ୍) କରିଛି। ଦୁଇଟି ପ୍ରମୁଖ ସ୍ଥଳରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଏବଂ ମାର୍ଟଠାରେ ଏହା ଫେବୃଆରୀ ୧୨ରୁ ୧୫ ପର୍ଯ୍ୟନ୍ତ ଚାଲିବ। ଏଥିରେ ହସ୍ତଶିଳ୍ପ, ପୋଷାକ ଯନ୍ତ୍ରପାତି ଓ ରଙ୍ଗ ଏବଂ ରାସାୟନିକ ପଦାର୍ଥ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ରେ ଫେବୃଆରୀ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ସମଗ୍ର ବୟନଶିଳ୍ପ ମୂଲ୍ୟ ଶୃଙ୍ଖଳାର ପ୍ରଦର୍ଶନୀ ଚାଲିବ। ହସ୍ତଶିଳ୍ପ ପାଇଁ ରପ୍ତାନି ପ୍ରୋତ୍ସାହନ ପରିଷଦ (ଇପିସିଏଚ୍) ସମେତ ୧୨ଟି ବୟନଶିଳ୍ପ ରପ୍ତାନି ପ୍ରୋତ୍ସାହନ ପରିଷଦର ଏକ ସଂଘ ଦ୍ୱାରା ଆୟୋଜିତ ଏବଂ ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ। ଏହି ପ୍ରଦର୍ଶନୀରେ ନୀତି ନିର୍ଦ୍ଧାରକଙ୍କଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ସିଇଓ, ୧୧୦ ରୁ ଅଧିକ ଦେଶର ୫,୦୦୦ ରୁ ଅଧିକ ପ୍ରଦର୍ଶକ ଏକାଠି ହୋଇଛନ୍ତି। ପ୍ରଦର୍ଶନୀକୁ ୧,୨୦,୦୦୦ରୁ ଅଧିକ ପରିଦର୍ଶକ ଆସିବା ଆଶା କରାଯାଉଛି। ଏ ସମ୍ପର୍କରେ ଇପିସିଏଚ୍ର ଅଧ୍ୟକ୍ଷ ଦିଲୀପ ବୈଦ କହିଛନ୍ତି, ଏହି କାର୍ଯ୍ୟକ୍ରମ ଆମର ସମୃଦ୍ଧ ବୟନ ଐତିହ୍ୟ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଏକ ପ୍ରଦର୍ଶନ।

## ଟଙ୍କା ମୂଲ୍ୟରେ ହ୍ରାସ, ଏଫ୍‌ଆଇଆଇଙ୍କ ଦ୍ୱାରା ପାଣ୍ଠି ପ୍ରତ୍ୟାହାରର ପ୍ରଭାବ

# ୪ ଟ୍ରିଲିୟନ୍ ଡଲାର ତଳକୁ ଖସିଲା ଭାରତୀୟ ସେୟାର ବଜାର

**ନୂଆଦିଲ୍ଲୀ, ୧୪।୨ (ଏଜେନ୍ସି):**



ଖସୁଛି ପୁଞ୍ଜି ବଜାର। ବଜାର କାରବାରରେ ଲାଗିଛି ଗ୍ରହଣ। ଫଳସ୍ୱରୂପ ଭାରତୀୟ ସେୟାର ବଜାରର ମୂଲ୍ୟ ୪ ଟ୍ରିଲିୟନ ଡଲାର (ପ୍ରାୟ ୩୪୬.୭୮ ଲକ୍ଷ କୋଟି ଟଙ୍କା) ତଳକୁ ଖସିଯାଇଛି। ଏହାର ମୁଖ୍ୟ କାରଣ ହେଉଛି ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହେବା ଏବଂ ସେୟାର ବଜାରରେ ହ୍ରାସ। ୨୦୨୩ ଡିସେମ୍ବର ୪ ପରେ ପ୍ରଥମ ଥର ପାଇଁ ଭାରତୀୟ ସେୟାର ବଜାରର ବଜାର ପୁଞ୍ଜି ଏହି ସ୍ତର ତଳକୁ ଖସିଯାଇଛି। ଗତବର୍ଷ ଡିସେମ୍ବର ପୂର୍ବରୁ ଏହା ସର୍ବକାଳୀନ ସର୍ବାଧିକ ୫.୧୪ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା।

ଭାରତୀୟ ଷ୍ଟକ୍ ବଜାରରେ ୧୮.୩୩% ର ଏକ ବଡ଼ ହ୍ରାସ ଘଟିଛି। ସେହିପରି, ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ପ୍ରାୟ ୧.୫ ପ୍ରତିଶତ ଦୁର୍ବଳ ହୋଇଛି। ବିଶ୍ୱବ୍ୟାପୀ ବଜାର ତୁଳନାରେ ଏହା ଚଳିତ ବର୍ଷ ସବୁଠାରୁ ବଡ଼ ହ୍ରାସ। ବ୍ଲୁମବର୍ଗ ତଥ୍ୟ ଅନୁଯାୟୀ, ଜିମ୍ବାୱେ ମୁଦ୍ରା ମୂଲ୍ୟ ୧୮.୩% ହ୍ରାସ ପାଇଥିବାବେଳେ ଆଇସଲ୍ୟାଣ୍ଡର ୧୮% ହ୍ରାସ ପାଇଛି, ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛି। ଅପରପକ୍ଷେ ବିଶ୍ୱର ସର୍ବବୃହତ ବଜାର ଆମେରିକାର ବଜାର ମୂଲ୍ୟ ଚଳିତବର୍ଷ ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇଛି। ଯେତେବେଳେ କି ଚୀନ୍ ଏବଂ ଜାପାନରେ ୨.୨ ପ୍ରତିଶତ ବୃଦ୍ଧି ଘଟିଛି। ହଂକଂ, କାନାଡା, ୟୁକେ ଏବଂ ଫ୍ରାନ୍ସ ସମେତ ଅନ୍ୟାନ୍ୟ ପ୍ରମୁଖ ବଜାରରେ ୧.୨%,୭.୨%,୭.୧% ଏବଂ ୯.୯% ବୃଦ୍ଧି ଘଟିଛି।

ଚଳିତବର୍ଷ ଏ ପର୍ଯ୍ୟନ୍ତ ସେନସେକ୍ସ ଏବଂ ନିଫ୍ଟିରେ ୩.୪ ପ୍ରତିଶତରୁ ଅଧିକ ହ୍ରାସ ହୋଇଛି। ସେହି ସମୟରେ, ବିଏସ୍‌ଇ ମିଡକ୍ୟାପ୍ ଏବଂ ସ୍ମଲକ୍ୟାପ୍ ବେଞ୍ଚମାର୍କ ଯଥାକ୍ରମେ ୧୫% ଏବଂ ୧୮% ରୁ ଅଧିକ ହ୍ରାସ ପାଇଛି। ସେହି ସମୟରେ, ବିଦେଶୀ ନିବେଶକଙ୍କ ଦ୍ୱାରା ପ୍ରଚୁର ମାତ୍ରାରେ ପାଣ୍ଠି ପ୍ରତ୍ୟାହାର ଯୋଗୁ ମାନ୍ଦାବସ୍ଥା ଆହୁରି ବୃଦ୍ଧି ପାଇଛି। ମନ୍ଥର ଅଭିବୃଦ୍ଧି, ଦୁର୍ବଳ ଆୟ ଏବଂ ଉଚ୍ଚ ମୂଲ୍ୟାୟନ ନେଇ ଚିନ୍ତା ମଧ୍ୟରେ ଭାରତୀୟ ଇକ୍ୱିଟିଗୁଡ଼ିକ ଚଳିତ ବର୍ଷ ୧୦ ବିଲିୟନ ଡଲାରରୁ ଅଧିକ ପ୍ରତ୍ୟାହାର କରିଛି। ଏହାବ୍ୟତୀତ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଉପରେ ଶୁଳ୍କ ଲାଗୁ ଯୋଗୁ ମଧ୍ୟ ବଜାର କାରବାର ପ୍ରଭାବିତ ହୋଇଛି।

ଆଜି ସପ୍ତାହର ଶେଷ କାରବାର ଦିବସରେ ସେନସେକ୍ସରେ ୧୯୯ ପଏଣ୍ଟ ହ୍ରାସ ଘଟି ତାହା ୭୫,୯୩୯ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)ରେ ମଧ୍ୟ ୧୦୨ ପଏଣ୍ଟ ହ୍ରାସ ହୋଇ ୨୨,୯୨୯ ପଏଣ୍ଟରେ ବନ୍ଦ ହୋଇଥିଲା। ବିଶେଷଜ୍ଞଙ୍କ ମତରେ, ଟଙ୍କାର ଏହି ହ୍ରାସର କାରଣ ଭାରତୀୟ ଷ୍ଟକ ବଜାରରେ ବିଦେଶୀ ନିବେଶକଙ୍କ ଦ୍ୱାରା ସମ୍ପ୍ରତି ବିକ୍ରି ଜାରି ରହିବା ବ୍ୟତୀତ, ଭୂ-ରାଜନୈତିକ ଉତ୍ତେଜନା ମଧ୍ୟ ଟଙ୍କା ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ଯଦିବା ବଜାର କାରବାର ତଳକୁ ଖସିଯାଇଥିଲା ହେଲେ ପରବର୍ତ୍ତୀ ସମୟରେ ବଜାର କାରବାରରେ ସୁଧାର ଦେଖାଦେଇ ଏହା ପୁନର୍ବାର ୪ ଟ୍ରିଲିୟନ ଅତିକ୍ରମ କରିଯାଇଛି।

# ଅଭିନେତା ପଙ୍କଜ ତ୍ରିପାଠୀ ଜିଓ-ବିପି ଭାରତ ଅଭିଯାନର ବଡ଼ ଚେହେରା





**ନୂଆଦିଲ୍ଲୀ, ୧୪।୨(ଏଜେନ୍ସି):** ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହାର୍ଦ୍ଦିକ ସିଂ ପୁରୀ ଆଜି ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଏନର୍ଜି ସପ୍ତାହ ୨୦୨୫ ରେ ଜିଓ-ବିପି (ରିଲାଏନ୍ସ ବିପି ମୋବିଲିଟି ଲିମିଟେଡର ଅପରେଟିଂ ବ୍ରାଣ୍ଡ, ରିଲାଏନ୍ସ ବିପି ମୋବିଲିଟି ଲିମିଟେଡର ଅପରେଟିଂ ବ୍ରାଣ୍ଡ)ର ଅଭିଯାନ ଆରମ୍ଭ କରିଛନ୍ତି। ଲୋକପ୍ରିୟ ଅଭିନେତା ପଙ୍କଜ ତ୍ରିପାଠୀଙ୍କୁ ଆଇଏଫ୍‌ଏଫ୍‌ଆଇ ଅଭିଯାନରେ ବଡ଼ ଚେହେରା ଭାବେ ଦର୍ଶାଯାଇଛି, ଯେଉଁଥିରେ ସେ ଜିଓ-ବିପି କିପରି ପ୍ରତ୍ୟେକ ଭାରତୀୟଙ୍କୁ ବିନା ମୂଲ୍ୟରେ ଅଧିକ ପ୍ରଦର୍ଶନ ଇନ୍ଧନ ନେଉଛି। ୧୦୦ ବର୍ଷରୁ ଅଧିକ ବିପି ଇନ୍ଧନ ଅନୁସନ୍ଧାନ ଅଭିଜ୍ଞତାକୁ ବ୍ୟବହାର କରି, ସକ୍ରିୟ ଟେକ୍ନୋଲୋଜି ସହିତ ଜିଓ-ବିପିର ଉଚ୍ଚ-କ୍ଷମତା ସମ୍ପନ୍ନ ଇନ୍ଧନ ଯୁକ୍ତରାଜ୍ୟ ଏବଂ ଜର୍ମାନୀର ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧ ଆର୍‌ଆଣ୍ଡି କେନ୍ଦ୍ରଗୁଡ଼ିକରେ ବିଶେଷଜ୍ଞ ଟେକ୍ନୋଲୋଜିଷ୍ଟଙ୍କ ତୀବ୍ର ଯାଞ୍ଚରେ ଭାରତୀୟ ଇନ୍ଧନ ସହିତ ଭାରତୀୟ ଇନ୍ଧନ ସହିତ ହଜାରେ କିମିରୁ ଅଧିକ ଭାରତୀୟ ଇଞ୍ଜିନ ପରୀକ୍ଷା କରି ବିକଶିତ ହୋଇଛି। ଆକ୍ଟିଭ୍ ଟେକ୍ନୋଲୋଜି ସହିତ ଜିଓ-ବିପିରେ ଡିଜେଲ ୪.୩% ପର୍ଯ୍ୟନ୍ତ ବର୍ଦ୍ଧିତ ମାଇଲେଜ୍ ଲାଭ ପ୍ରଦାନ କରେ ଏବଂ ଆକ୍ଟିଭ୍ ଟେକ୍ନୋଲୋଜି ସହିତ ଜିଓ-ବିପିରେ ପେଟ୍ରୋଲ ଜଟିଳ ଇଞ୍ଜିନ ଅଂଶଗୁଡ଼ିକୁ ୧୦ ଗୁଣ ପରିଷ୍କାର ରଖିବାରେ ସାହାଯ୍ୟ କରେ।

## କଳିଙ୍ଗରେ ଏଫ୍ଆଇଏଚ୍ ପ୍ରୋ ଲିଗ୍

# ଭାରତୀୟ ଦଳର ଅଭିଯାନ ଆଜିଠୁ

ଭୁବନେଶ୍ୱର,୧୪।୨(ସମିସ)

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍ଆଇଏଚ୍) ପ୍ରୋ ଲିଗ୍ ୨୦୨୪-୨୫ ସିଜନର ଭାରତ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହେବ। ଏହି ଲିଗ୍‌ରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଶୁକ୍ରବାରଠାରୁ ସେମାନଙ୍କ ଅଭିଯାନ ଆରମ୍ଭ କରିବେ। ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ପୁରୁଷ ଦଳ ସ୍ପେନ୍‌କୁ ଓ ସାଲିମା ଟେଟେଙ୍କ ମହିଳା ଦଳ ଇଂଲଣ୍ଡକୁ ପ୍ରଥମ ମ୍ୟାଚ୍‌ରେ ଭେଟିବେ। ପ୍ରୋ ଲିଗ୍‌ର ବିଜେତା ଦଳ ସିଧାସଳଖ ୨୦୨୬ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। କ୍ରେଗ୍ ଫଲଟନ୍ ପୁରୁଷ ଓ ହରେନ୍ଦ୍ର ସିଂହ ମହିଳା ଦଳର କୋଚ୍ ଭାବେ ଗୁରୁଦାୟିତ୍ୱ ବହନ କରିବେ। ପୁରୁଷ ଦଳ ସ୍ପେନ୍, ଜର୍ମାନୀ, ଇଂଲଣ୍ଡ, ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବ। ସେହିପରି ମହିଳା ଦଳ ଇଂଲଣ୍ଡ, ସ୍ପେନ୍, ଜର୍ମାନୀ, ନେଦରଲାଣ୍ଡସ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବ।

ଗତ ୨୦୨୩-୨୪ ସଂସ୍କରଣରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ପୁରୁଷ ଦଳ ସପ୍ତମ ସ୍ଥାନରେ ରହି ସବୁଠାରୁ ରେକର୍ଡ ଖରାପ ପ୍ରଦର୍ଶନ କରି ଅଭିଯାନ ଶେଷ କରିଥିଲା। ପୂର୍ବରୁ ଭାରତ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ ମଧ୍ୟ ଏହି ସଫଳତାକୁ ଦୋହରାଇପାରି ନଥିଲା। କିନ୍ତୁ ଏହାପରେ ଭାରତ ପ୍ରତ୍ୟାବର୍ତ୍ତନ କରି ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିଲା ଓ କ୍ରମାଗତ ଦୁଇଟି ଅଲିମ୍ପିକ୍ସରେ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ପୁରୁଷ ଦଳରେ ଡ୍ରାଗ୍ ଫ୍ଲିକ ସ୍ପେଶାଲିଷ୍ଟ ହରମନପ୍ରୀତଙ୍କୁ ବାଦ୍ ଦେଲେ ହାର୍ଦ୍ଦିକ ସିଂହ, ମନଦୀପ ସିଂହ, ମନପ୍ରୀତ ସିଂହ ଓ ଅମିତ ରୋହିଦାସଙ୍କ ଭଳି ଅଭିଜ୍ଞ ତଥା କ୍ୱାଲିଟି ଖେଳାଳି



ରହିଛନ୍ତି। ଦଳ ସନ୍ତୁଳିତ ଅଛି, ତେଣୁ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି କୋଚ୍ ଫୁଲଟନ କହିଛନ୍ତି।

ସେହିପରି ମହିଳା ଦଳ ଗତ ୨୦୨୩-୨୪ ସଂସ୍କରଣରେ ଅଷ୍ଟମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ମହିଳା ଦଳ ତୃତୀୟଥର ପାଇଁ ପ୍ରୋ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛି। ୧୬ଟି ମ୍ୟାଚ୍ ଖେଳି ଭାରତୀୟ ମହିଳା ଦଳ ୧୩ଟିରେ ପରାଜୟ ବରଣ କରିଥିଲା। ତେବେ ଶେଷ ଆଡକୁ ଅଷ୍ଟ୍ରେଲିଆ ଓ ଆମେରିକାରା ଭଳି ଦଳକୁ ପରାସ୍ତ କରି ଅଭିଯାନ ଶେଷ କରିଥିଲା। ମହିଳା ଦଳରେ ବନ୍ଦନା କାଟାରିୟା, ଶୁଶୀଳା ପୋଖ୍ରମମ୍ବାମ, ଅଭିଜ୍ଞ ଗୋଲରକ୍ଷକ ସବିତା ପୁନିଆ, ଲାଲରେମସିଆମି, ଶର୍ମିଳା ଦେବୀ ଓ ମୁମତାଜ ଖାନ୍‌ଙ୍କ ଭଳି ପ୍ରତିଭା ସମ୍ପର୍ଣ୍ଣ ଖେଳାଳି ରହିଛନ୍ତି। ପୂର୍ବ ବିଫଳତାକୁ ପଛରେ ପକାଇ ଆମେ ନୂଆ ଉତ୍ସାହରେ ଏଥର ଖେଳି ବିଜୟୀ ହେବାକୁ ପ୍ରୟାସ କରିବୁ ବୋଲି କୋଚ୍ ହରେନ୍ଦ୍ର କହିଛନ୍ତି।

### ମହିଳା ଦଳ କାର୍ଯ୍ୟସୂଚୀ

| ତାରିଖ | ବିପକ୍ଷ | ସମୟ |
|---|---|---|
| ୧୫/୨ | ଇଂଲଣ୍ଡ | ଅପରାହ୍ଣ ୫.୧୫ |
| ୧୬/୨ | ଇଂଲଣ୍ଡ | ଅପରାହ୍ଣ ୫.୧୫ |
| ୧୮/୨ | ସ୍ପେନ୍ | ଅପରାହ୍ଣ ୫.୧୫ |
| ୧୯/୨ | ସ୍ପେନ୍ | ସନ୍ଧ୍ୟା ୭.୩୦ |
| ୨୧/୨ | ଜର୍ମାନୀ | ଅପରାହ୍ଣ ୫.୧୫ |
| ୨୨/୨ | ଜର୍ମାନୀ | ଅପରାହ୍ଣ ୫.୧୫ |
| ୨୪/୨ | ନେଦରଲାଣ୍ଡସ | ଅପରାହ୍ଣ ୫.୧୫ |
| ୨୫/୨ | ନେଦରଲାଣ୍ଡସ | ଅପରାହ୍ଣ ୫.୧୫ |

### ପୁରୁଷ ଦଳ କାର୍ଯ୍ୟସୂଚୀ

| ତାରିଖ | ବିପକ୍ଷ | ସମୟ |
|---|---|---|
| ୧୫/୨ | ସ୍ପେନ୍ | ସନ୍ଧ୍ୟା ୭.୩୦ |
| ୧୬/୨ | ସ୍ପେନ୍ | ସନ୍ଧ୍ୟା ୭.୩୦ |
| ୧୮/୨ | ଜର୍ମାନୀ | ସନ୍ଧ୍ୟା ୭.୩୦ |
| ୧୯/୨ | ଜର୍ମାନୀ | ସନ୍ଧ୍ୟା ୫.୧୫ |
| ୨୧/୨ | ଆୟର୍ଲାଣ୍ଡ | ସନ୍ଧ୍ୟା ୭.୩୦ |
| ୨୨/୨ | ଆୟର୍ଲାଣ୍ଡ | ସନ୍ଧ୍ୟା ୭.୩୦ |
| ୨୪/୨ | ଇଂଲଣ୍ଡ | ସନ୍ଧ୍ୟା ୭.୩୦ |
| ୨୫/୨ | ଇଂଲଣ୍ଡ | ସନ୍ଧ୍ୟା ୭.୩୦ |

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ସିଧାପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ସିଲେକ୍ଟ୨, ଜିଓ ହଟ୍‌ଷ୍ଟାର



## କଳିଙ୍ଗ ଷ୍ଟାଡିୟମ୍‌ର ଦର୍ଶକ ସ୍ୱତନ୍ତ୍ର; ସଲିମା

ଆମେ ଅନେକଆଡେ ହକି ଖେଳିଛୁ, କିନ୍ତୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳିବା ସ୍ୱତନ୍ତ୍ର। ଏହାର କାରଣ ହେଉଛନ୍ତି ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ। ଏମାନେ ଆମଲାଗି ସ୍ୱତନ୍ତ୍ର ଓ ଉତ୍ସାହିତ କରିବାରେ ମାହିର ବୋଲି କହନ୍ତି ଭାରତୀୟ ମହିଳା ଦଳର ଅଧିନାୟିକା ସଲିମା ଟେଟେ। ଆସନ୍ତାକାଲିଠାରେ ଏଠାରେ ଆରମ୍ଭ ହେବାକୁ ଯାଉଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପୂର୍ବରୁ ଏକଥା କହିଛନ୍ତି ସଲିମା। ତାଙ୍କ ମତରେ ଆମେ ପ୍ରୋ ଲିଗ୍‌ରେ ଖେଳିବାକୁ ସଂଘର୍ଷ କରିଥିଲୁ। ଏବେ ସୁଯୋଗ ପାଇଛୁ। ଏଥିରୁ ଫାଇଦା ଉଠାଇବାକୁ ଆମେ ସମସ୍ତ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

ଗତ ଏକବର୍ଷ ହେଲା ହେଡ୍ କୋଚ ଭାବେ ହରେନ୍ଦ୍ର ସିଂ ଦାୟିତ୍ୱ ନେବା ପରେ ଦଳରେ ଅନେକ ପରିବର୍ତ୍ତନ ହୋଇଛି। ଜଣେ ଭାରତୀୟ କୋଚ୍ ଦାୟିତ୍ୱରେ ରହିବା ଫଳରେ ଆମ ସହ ଭଲ ଭାବେ ମିଶିବାର ସୁଯୋଗ ପାଉଛନ୍ତି। ଆମର ସୁବିଧା ଅସୁବିଧା ଆମେ ତାଙ୍କୁ ଭଲଭାବେ ବୁଝାଇପାରୁଛୁ। ଏଣୁ ଆମକୁ ଅନେକ ଫାଇଦା ମିଳୁଛି। ଏହି ପ୍ରତିଯୋଗିତା ଲାଗି ଆମେ ଭଲ ପ୍ରସ୍ତୁତି କରିଛୁ। ଯୁବ ଖେଳାଳିମାନେ ଭଲ କରୁଛନ୍ତି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଆମେ ଏହି ପ୍ରତିଯୋଗିତାରେ ଭଲ କରିବୁ ବୋଲି କହନ୍ତି ସଲିମା। କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣକାରୀ ଦଳଗୁଡିକର ଅଧିନାୟିକା ଯୋଗଦେଇଥିଲେ। ଜର୍ମାନୀର ଲିସା ନୋଲଟେ, ସ୍ପେନ୍ର ଲୁସିଆ ଜିମେନେଜ୍ ଓ ଇଂଲଣ୍ଡର ଲିଲି ୱାକର ଉପସ୍ଥିତ ଥିଲେ।

## ବିଶ୍ୱକପ୍ ଯୋଗ୍ୟତା ଉପରେ ହରମନପ୍ରୀତ୍‌ଙ୍କ ନଜର

ଏଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍ ଲାଗି ଭାରତ ଭଲ ଭାବେ ପ୍ରସ୍ତୁତି କରିଛି। ଦଳ ସବୁ ବିଭାଗରେ ଭଲ କରିଛି। ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ଆମ ଖେଳାଳିମାନେ ଭଲ ଖେଳିଛନ୍ତି। ଡ୍ରାଗ୍ ଫ୍ଲିକର ଯୁଗରାଜ ସିଂ ଟପ୍ ସ୍କୋରର ହୋଇଛନ୍ତି। ଏହି ଖେଳାଳିମାନଙ୍କ ଅଭିଜ୍ଞତାକୁ ନେଇ ଆମେ ପ୍ରୋ-ଲିଗରେ ଭଲ ପ୍ରଦର୍ଶନ କରିବୁ ବୋଲି କହନ୍ତି ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ୍ ସିଂହ। ଜର୍ମାନୀ, ଆୟର୍ଲାଣ୍ଡ, ସ୍ପେନ୍ ଓ ଇଂଲଣ୍ଡ ଏହି ଲେଗ୍‌ରେ ଖେଳିବେ। ଏମାନଙ୍କ ସହ ଓ ଅନ୍ୟ ଶୀର୍ଷ ଦଳ ଯଥା ନେଦରଲାଣ୍ଡସ, ଅଷ୍ଟ୍ରେଲିଆ ଓ ବେଲଜିୟମ ବିପକ୍ଷରେ ଭଲ ଖେଳି ଆମେ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ଲକ୍ଷ୍ୟରେ ରହିଛୁ। ଆସନ୍ତାବର୍ଷ ନେଦରଲାଣ୍ଡସ ଓ ବେଲଜିୟମ୍‌ରେ ବିଶ୍ୱକପ୍ ଖେଳାଯିବ। ପ୍ରୋ-ଲିଗରେ ଚାମ୍ପିଅନ ହେଲେ ଦଳ ସିଧାସଳଖ ବିଶ୍ୱକପ୍‌ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏହି ଲକ୍ଷ୍ୟ ନେଇ ଆମେ ଖେଳିବୁ ବୋଲି ହରମନପ୍ରୀତ କହିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସ୍ପେନ୍‌ର ଆଲେକ୍ସ ଆଲୋନ୍ସୋ ଓ ଇଂଲଣ୍ଡର ଟିମ୍ ନର୍ସ ଉପସ୍ଥିତ ଥିଲେ।

## ୨୦୩୪ ଫିଫା ବିଶ୍ୱକପ୍‌ରେ ମଦ୍ୟପାନ ବାରଣ

ଜୁରିକ୍,୧୪।୨(ଏଜେନ୍ସି): ୨୦୩୪ ଫିଫା ବିଶ୍ୱକପ୍‌ରେ ମଦ୍ୟପାନକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯିବ। ଏହି ବିଶ୍ୱକପ୍ ସାଉଦି ଆରବରେ ଆୟୋଜନ ହେବ। ବିଶ୍ୱକପ୍‌ରେ ମଦ୍ୟପାନକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯିବ ବୋଲି ସାଉଦି



ଆରବ ରାଜକୁମାର ଖଲିଦ ବିନ୍ ବନ୍ଦାର ଅଲ ସାଉଦ୍ କହିଛନ୍ତି। ଅବଶ୍ୟ ୨୦୨୨ କତାର ବିଶ୍ୱକପ୍‌ରେ ମଦ୍ୟପାନର ସୁଯୋଗ ରହିଥିଲା। ଗତ ଡିସେମ୍ବରରେ ସାଉଦି ଆରବ ୨୦୩୪ ବିଶ୍ୱକପ୍ ଆୟୋଜନ କରିବ ବୋଲି ଫିଫା ଘୋଷଣା କରିଥିଲା। ସାଉଦି ଆରବ ଏକ ମୁସଲିମ୍ ଦେଶ ହୋଇଥିବାରୁ ଏଠାରେ ୧୯୫୨ରୁ ମଦକୁ ବ୍ୟାନ୍ କରାଯାଇଛି। କାତାର ବିଶ୍ୱକପ୍‌ରେ ଷ୍ଟାଡିୟମରେ ମଦ ବିକ୍ରି ହୋଇ ନଥିଲେ ମଧ୍ୟ କେତୋଟି ସ୍ୱତନ୍ତ୍ର ସ୍ଥାନରେ ମଦ୍ୟପାନ ପାଇଁ ଅନୁମତି ଦିଆଯାଇଥିଲା। ତୃତୀୟଥର ପାଇଁ ବିଶ୍ୱକପ୍ ଏସିଆରେ ଖେଳାଯିବ। ପୂର୍ବରୁ ୨୦୦୨ରେ କୋରିଆ ଓ ଜାପାନ ମିଳିତ ଭାବେ ଏବଂ ୨୦୨୨ରେ କାତାର ତୃତୀୟ ଏସୀୟ ଦେଶ ଭାବେ ବିଶ୍ୱକପ୍ ଆୟୋଜନ କରିଥିଲା।

## ଚାମ୍ପିଅନ୍ସ ଟ୍ରଫିରୁ ବେନ୍ ବାଦ୍

କରାଚି, ୧୪।୨(ସମିସ): ନ୍ୟୁଜିଲାଣ୍ଡର ଫାଷ୍ଟ ବୋଲର ବେନ ସିୟର୍ସ ଚୂଡାନ୍ତ ଦଳ ଘୋଷଣା ହେବା ପରେ ବାଦ୍ ପଡ଼ିଛନ୍ତି। ତାଙ୍କ ମାଂସପେସୀରେ ଯନ୍ତ୍ରଣା ହେବା ପରେ ସ୍କାନ୍ କରାଯାଇଥିଲା। ସ୍କାନ୍ ରିପୋର୍ଟ ଆସିବା ପରେ ଆଘାତ ସ୍ଥାନ ସାମାନ୍ୟ ଫାଟିଥିବା ଜଣାପଡ଼ିଥିଲା। ଏହା ଠିକ୍ ହେବାକୁ ଅତିକମ୍‌ରେ ଦୁଇ ସପ୍ତାହ ଲାଗିବ। ଏଣୁ ସେ ଅଧିକାଂଶ ମ୍ୟାଚ୍ ଖେଳିବାକୁ ଅସମର୍ଥ ହେବାରୁ ତାଙ୍କୁ ଦଳରୁ ବାଦ୍ ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ହେଡ୍ କୋଚ୍ ଗ୍ୟାରୀ ଷ୍ଟେଡ୍ କହିଛନ୍ତି। ସିୟର୍ସଙ୍କ ସ୍ଥାନରେ ଏବେ ପାକିସ୍ତାନ ଗସ୍ତରେ ଦଳ ସହ ଥିବା ଜ୍ୟାକବ ଡଫିଙ୍କୁ ଦଳରେ ସାମିଲ କରାଯାଇଛି। ଚାମ୍ପିଅନ୍ସ ଟ୍ରଫି ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ନ୍ୟୁଜିଲାଣ୍ଡର ପ୍ରଥମ ମୁକାବିଲା



ପାକିସ୍ତାନ ସହ କରାଚିରେ ଖେଳାଯିବ। ଏହି ମ୍ୟାଚ୍‌ଟି ଫେବୃଆରୀ ୧୯ରେ ଅନୁଷ୍ଠିତ ହେବ। ଏହା ପରେ ବାଂଲାଦେଶ ସହ ରାୱଲପିଣ୍ଡିରେ ଫେବୃଆରୀ ୨୪ ଓ ଭାରତ ସହ ଦୁବାଇରେ ମାର୍ଚ୍ଚ ୨ରେ ଶେଷ ଲିଗ୍ ମ୍ୟାଚ୍ ଖେଳିବ।

### କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ଶ୍ରେଷ୍ଠ ଅନୁଷ୍ଠାନ

## କିଟ୍‌କୁ ସ୍ପୋର୍ଟ୍ସଷ୍ଟାର ଏସେସ ପୁରସ୍କାର

ଭୁବନେଶ୍ୱର,୧୪।୨(ସମିସ): କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱିଦ୍ୟାଳୟକୁ ସମ୍ମାନଜନକ ସ୍ପୋର୍ଟ୍ସଷ୍ଟାର ଏସେସ୍ ପୁରସ୍କାର ପ୍ରଦାନ କରାଯାଇଛି। ଶୁକ୍ରବାର ମୁମ୍ବଇଠାରେ ଦେଶର ପ୍ରତିଷ୍ଠିତ କ୍ରୀଡ଼ା ପତ୍ରିକା ସ୍ପୋର୍ଟ୍ସଷ୍ଟାର ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ୨୦୨୪ ବର୍ଷ ଲାଗି ଏହି ପୁରସ୍କାର ଦିଆଯାଇଛି। ପୂର୍ବରୁ ୨୦୨୨ରେ ମଧ୍ୟ କିଟ୍ ଏହି ସମ୍ମାନ ପାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ ଜାତୀୟ ଓ ଅନ୍ତର୍ଜାତୀୟ ଖେଳ



ଆୟୋଜନ, ଖେଳାଳିଙ୍କୁ ସହାୟତା, ପ୍ରଶିକ୍ଷଣ, ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛନ୍ତି। ଏହି ଅନୁଷ୍ଠାନରେ ଏପର୍ଯ୍ୟନ୍ତ ୨୩ଜଣ ଅଲିମ୍ପିଆନ, ୩ଜଣ ପାରାଅଲିମ୍ପିଆନ, ୧୧ ଜଣ ଅର୍ଜୁନ ପୁରସ୍କାର ଓ ଜଣେ ଖେଳରତ୍ନ ପୁରସ୍କାର ବିଜେତାଙ୍କୁ ସୃଷ୍ଟି କରିବାର ଗୌରବ ବହନ କରୁଛି। କ୍ରୀଡ଼ା ଭିତ୍ତଭୂମିରେ ଏହା ଦେଶର ଏକ ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ମୁମ୍ବଇରେ ବିଶ୍ୱନାଥନ ଆନନ୍ଦ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାରକୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଗ୍ରହଣ କରିଥିଲେ।

### ରଣଜୀ ଟ୍ରଫି ସେମିଫାଇନାଲ

## ମୁମ୍ବଇ ଦଳରେ ଜୟସ୍ୱାଲ

ମୁମ୍ବଇ,୧୪।୨(ଏଜେନ୍ସି): ଚାମ୍ପିଅନ୍ସ ଟ୍ରଫି ପାଇଁ ଘୋଷିତ ୧୫ ଜଣିଆ ଦଳରୁ ବାଦ୍ ପଡିଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ରଣଜୀ ଟ୍ରଫି ସେମିଫାଇନାଲ ଖେଳିବେ। ତାଙ୍କୁ ମୁମ୍ବଇ ଦଳରେ ସାମିଲ କରାଯାଇଛି। ଆସନ୍ତା ୧୭ ତାରିଖରୁ ବିଦର୍ଭ ବିପକ୍ଷରେ ମୁମ୍ବାଇ ସେମିଫାଇନାଲ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ନାଗପୁରରେ ଆୟୋଜନ ହେବ। ଅଭିଜ୍ଞ ବ୍ୟାଟର ଆଜିଙ୍କ ରାହାଣେ ମୁମ୍ବଇ ଦଳରେ ନେତୃତ୍ୱ ନେବେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଗୁଜରାଟ ଓ କେରଳ ଅହମ୍ମଦାବାଦ୍‌ରେ ପରସ୍ପରକୁ ଭେଟିବେ। ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ଦଳରେ ନେବା ପାଇଁ ଜୟସ୍ୱାଲଙ୍କୁ ବାଦ୍ ଦିଆଯାଇଥିଲା। କିଛିଦିନ ତଳେ ଅନୁଷ୍ଠିତ ବର୍ଡର ଗାଭାସ୍କର ଟ୍ରଫିରେ ଜୟସ୍ୱାଲ ୫ଟି ଟେଷ୍ଟ ଖେଳି ୪୩.୪୪ ହାରରେ ୩୯୧ ରନ ସଂଗ୍ରହ କରିଥିଲେ।

### ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ କଟକର ୟୁନିଅନ ସ୍ପୋର୍ଟିଂ

ବନ୍ତ/ଆଗରପଡ଼ା,୧୪।୨(ସମିସ): ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମରେ ଟିଲୋ ଆଥେଲେଟିକ୍ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ଆର୍ନ୍ତଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୟୁନିଅନ ସ୍ପୋର୍ଟିଂ ୧୪ ରନରେ ରାଜସ୍ଥାନର ୱଣ୍ଡର ସିମେଣ୍ଟକୁ ପରାସ୍ତ କରିଛି। ୟୁନିଅନ ସ୍ପୋର୍ଟିଂ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୫୨ ରନ କରିଥିଲା। ସର୍ବେଶ୍ୱର ମହାନ୍ତି ୨୭ଟି ବଲରୁ ୪୫ ରନ ଓ ଜ୍ୟୋତିରଞ୍ଜନ ଦଳାଇ ୩୩ ବଲରୁ ୩୮ରନ ସଂଗ୍ରହ କରିଥିଲେ। ୱଣ୍ଡର ସିମେର ହିତେଶ ପଟେଲ ୪ ଓଭରରେ ୨୪ ରନ ଦେଇ ୪ଟି ୱିକେଟ୍ ନେଇଥିଲେ। ଜବାବରେ



ୱଣ୍ଡର ସିମେଣ୍ଟ ୨୦ ଓଭରରେ ୬ ୱିକେଟ ହରାଇ୧୩୮ ରନ ସଂଗ୍ରହ କରିଥିଲା। ଫଳରେ ୟୁନିଅନ ସ୍ପୋର୍ଟିଂ ୧୪ ରନରେ ବିଜୟୀ ହୋଇଥିଲା। ୟୁନିୟନ୍ ସ୍ପୋର୍ଟିଂର ସର୍ବେଶ୍ୱର ମହାନ୍ତିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଳ ପକ୍ଷରୁ ନିଖିଳ ସଚଦେବା ସର୍ବାଧିକ ୫୪ ରନ୍ କରିଥିଲେ। ମ୍ୟାଚ ରେଫରି ଭାବେ ପୂର୍ଣ୍ଣେନ୍ଦୁ ଜେନା, ଓସିଏ ପ୍ୟାନେଲ ଅମ୍ପାୟାର ଶାନ୍ତନୁ ରାଉତ ଓ ଶରତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ।

ପୂର୍ବତନ ଓଡ଼ିଶା ରଣଜୀ କୋଚ୍ ତଥା ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଷେଣ୍ଢତିରା ସରପଞ୍ଚ ପ୍ରଶାନ୍ତ ଦାସ, ଇଂ ଲକି ମାଷ୍ଟର ସ୍ୱାଇଁ, ଇଂ ଏଲ୍ ଅମରଜିତ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତପନ ମଜୁମ୍‌ଦାର, ଏମଡ଼ି ରସିଦ, ସୁବ୍ରତ ପୃଷ୍ଟି ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ଦାୟିତ୍ୱ ମଳୟ କୁଅଁର, ମାଧବାନନ୍ଦ ବିଶ୍ୱାଳ, ପ୍ରସନ୍ନଜିତ ରାଜ, ପ୍ରସନ୍ନଜିତ ସ୍ୱାଇଁ ପ୍ରମୁଖ ନିର୍ବାହ କରିଥିଲେ।

## ଶକ୍ତିଉତ୍ତୋଳନନାରୀଙ୍କୁ କର୍ମନିଯୁକ୍ତି ନାହିଁ

ଭୁବନେଶ୍ୱର,୧୪।୨(ସମିସ): ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଅନେକ ପ୍ରୋତ୍ସାହନ ଦିଆଯାଉଛି। କାହାକୁ ଆର୍ଥିକ ପ୍ରୋତ୍ସାହନ ତ ଆଉକାହାକୁ କର୍ମନିଯୁକ୍ତି। କିନ୍ତୁ ଗତ ୨୦୧୫ରୁ ସରକାରଙ୍କ ଏହି କ୍ରୀଡ଼ାନୀତିରୁ ବାଦ୍ ପଡ଼ିଛନ୍ତି ରାଜ୍ୟର ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା ଶକ୍ତିଉତ୍ତୋଳନକାରୀ। ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପକ୍ଷପାତିତା ନୀତି ଯୋଗୁଁ ଏହି ପଦକ ବିଜେତାମାନେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ମକଦ୍ଦମା ବିଚାରାଧୀନ ଥିଲେ ମଧ୍ୟ ସରକାର ଚାହିଁଲେ ଯୋଗ୍ୟ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ଦେଇପାରିବେ ବୋଲି ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସରକାର ଶକ୍ତିଉତ୍ତୋଳନକାରୀଙ୍କ ଦାବିକୁ ଗ୍ରହଣ କରୁନାହିଁ। ଯାହା ଫଳରେ ୧୩ଜଣ ଅନ୍ତର୍ଜାତୀୟ ଶକ୍ତିଉତ୍ତୋଳନକାରୀ କର୍ମନିଯୁକ୍ତ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏମାନେ ଶୁକ୍ରବାର ଏକତ୍ର ହୋଇ ତାଙ୍କ କଥା ବିଚାର କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଜାତୀୟ କ୍ରୀଡ଼ା ସଂଘ ବିବାଦରେ ଆମକୁ ନ ପୁରାଇ କର୍ମନିଯୁକ୍ତି ଦେବାକୁ ଏହି ଶକ୍ତିଉତ୍ତୋଳନକାରୀମାନେ ବିନମ୍ର ନିବେଦନ କରିଛନ୍ତି। ଏହି ପଦକ ବିଜେତାମାନେ ହେଲେ ଦେବାଶିଷ ମହାନ୍ତି, ଦୀପକ ନାୟକ, ଅଭିଷେକ ମହନ୍ତ, ଭାରତୀ ପାତ୍ର, ସୀମାରାଣି ସିଂହ, ଦେବୀ ସିଂ, ସୁଷମା ରାୟ, ସ୍ୱାଗତିକା ଖଟେଇ, ଧନମଣି ଟୁଡୁ, ତେଜବ ସୁନା, ରାଜସ୍ମିତା ସାହୁ ଓ ପ୍ରଭାତୀ ସିଂ। ଏମାନେ ଗତ ୩ ବର୍ଷ ଧରି ଆବେଦନ ପରେ ଆବେଦନ କରୁଥିଲେ ମଧ୍ୟ କର୍ମନିଯୁକ୍ତି ଅଭାବରୁ ଦୟନୀୟ ଜୀବନ ଯାପନ କରୁଛନ୍ତି।



## ରିଚା ଘୋଷ ଓ କନିକା ଆହୁଜାଙ୍କ ବିସ୍ଫୋରକ ବ୍ୟାଟିଂ

# ବେଙ୍ଗାଲୁରୁର ରେକର୍ଡ ବିଜୟ



ଭଦୋଦରା, ୧୪।୨(ଏଜେନ୍ସି): ଦୁଇ ଯୁବ ଖେଳାଳି ରିଚା ଘୋଷ ଓ କନିକା ଆହୁଜାଙ୍କ ବିସ୍ଫୋରକ ବ୍ୟାଟିଂ ଫଳରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ରୋମାଞ୍ଚକ ବିଜୟରୁ ଟାଇଟଲ ରକ୍ଷା ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜ୍ୟାଣ୍ଟ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୧ ରନ୍ କରିଥିଲା। ଜବାବରେ ବେଙ୍ଗାଲୁରୁ ୯ଟି ବଲ ଓ ୬ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହା କେବଳ ସମ୍ଭବ ହୋଇଥିଲା ଭାରତର ଦୁଇ ଯୁବ ଖେଳାଳି ରିଚା ଓ କନିକାଙ୍କ ବିସ୍ଫୋରକ ପାର୍ଟନରସିପ୍ ଲାଗି। ୧୩ତମ ଓଭରରେ ୫୭ ରନ୍ କରିଥିବା ଏଲିସ୍ ପେରୀ ଆଉଟ ହେବା ପରେ ବେଙ୍ଗାଲୁରୁକୁ ବିଜୟ ଲାଗି ୪୬ ବଲ୍‌ରେ ୯୩ ରନ୍ ଆବଶ୍ୟକ ହେଉଥିଲା। ଏହି ସମୟରେ ଲକ୍ଷ୍ୟ ହାସଲ କଷ୍ଟସାଧ୍ୟ ମନେହେଉଥିଲେ ମଧ୍ୟ ରିଚା ଓ କନିକା ଅବିଭକ୍ତ ୫ମ ୱିକେଟ ପାର୍ଟନରସିପ୍‌ରେ ୩୭ ବଲର ସମ୍ମୁଖୀନ ହୋଇ ଏହି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲେ। ଭାରତୀୟ ଦଳର ୱିକେଟରକ୍ଷକ ରିଚା ମାତ୍ର ୨୭ ବଲ୍ ଖେଳି ୭ ଚୌକା ଓ ୪ ଛକା ସହ ୬୪ ଏବଂ କନିକା ଉପଯୁକ୍ତ ସହାୟତା କରି ୧୩ ବଲ୍‌ରେ ୪ ଚୌକା ସହ ୩୦ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ବିଜୟ ଲକ୍ଷ୍ୟ ହାସଲ ଫଳରେ ମହିଳା ପ୍ରିମିୟର ଲିଗ୍ ଇତିହାସରେ ବେଙ୍ଗାଲୁରୁ ସର୍ବାଧିକ ରନ୍ ଚେଜ୍ କରିବାର ରେକର୍ଡ ପ୍ରତିଷ୍ଠା କରିଛି। ପୂର୍ବରୁ ଏହି ଗୁଜରାଟ ବିପକ୍ଷରେ ଗତବର୍ଷ ୧୯୧ ରନ୍ ଚେଜ କରି ମୁମ୍ବାଇ ଇଣ୍ଡିଆନ୍ସ ରେକର୍ଡର ଅଧିକାରୀ ହୋଇଥିଲା। ଆଜିର ମ୍ୟାଚ୍‌ରେ ଉଭୟ ଦଳ ୪୦୩ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ୍ ସଂଗ୍ରହର ରେକର୍ଡ ହୋଇଛି। ବିଜୟୀ ଦଳର ତାରକା ଖେଳାଳି ତଥା ଅଧିନାୟିକା ସ୍ମୃତି ମନ୍ଧାନା ୯, ଡାନିଏଲ୍ ୱାଟ ୪ ରନ୍ କରିଥିଲେ ମଧ୍ୟ ପେରୀ (୫୭ ରନ୍, ୩୪ ବଲ୍, ୬ ଚୌକା, ୨ ଛକା), ରିଚା ଓ କନିକା ସେମାନଙ୍କ ଶୂନ୍ୟସ୍ଥାନ ପୂରଣ କରିଥିଲେ। ବିସ୍ଫୋରକ ଅର୍ଦ୍ଧଶତକ ଲାଗି ରିଚା ଘୋଷଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ବେଥ ମୁନୀ, ଅଧିନାୟିକା ଆଶ୍‌ଲେ ଗାର୍ଡନର ଓ ଡିଆଣ୍ଡ୍ରା ଡଟ୍ଟିନଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଦୁଇ ଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଓପନର ବେଥ ମୁନୀ ଧୂଆଁଧାର ବ୍ୟାଟିଂ କରି ୪୨ ବଲ୍‌ରୁ ୮ ଚୌକା ସହ ୫୬ ରନ୍ କରିଥିଲେ। ସେ ଓ ଗାର୍ଡନରି ତୃତୀୟ ୱିକେଟରେ ୩୦ ବଲ୍‌ରୁ ୪୪ ରନ୍ ଉଠାଇ ଦଳ ଲାଗି ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ଚତୁର୍ଥ ୱିକେଟରେ ଗାର୍ଡନର ଓ ଡଟ୍ଟିନ ବିସ୍ଫୋରକ ବ୍ୟାଟିଂ କରି ୩୧ ବଲ୍‌ରୁ ୬୭ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ଏକ ବିରାଟ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଡଟ୍ଟିନ ୧୩ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୨୫ ରନ୍‌ରେ ଆଉଟ ହୋଇଥିଲେ। ଶେଷପର୍ଯ୍ୟନ୍ତ କ୍ରିଜ୍‌ରେ ଅପରାଜିତ ରହିଥିବା ଗାର୍ଡନର ମାତ୍ର ୩୭ ବଲ୍‌ରୁ ୩ ଚୌକା ଓ ଦଳ ଲାଗି ରେକର୍ଡ ୮ଟି ଛକା ସହ ୭୯ ରନ୍‌ରେ ଅପରାଜିତ ରହିଥିଲେ। ବେଙ୍ଗାଲୁରୁ ପକ୍ଷରୁ ରେଣୁକା ସିଂ ଠାକୁର ୪ ଓଭରରେ ୨୬ ରନ୍ ଦେଇ ୨ଟି ୱିକେଟ ପାଇଥିଲେ।

## ଚାମ୍ପିଅନ୍ସ ଟ୍ରଫି ଚାମ୍ପିଅନ ପାଇବ ୧୯.୪୬ କୋଟି ଟଙ୍କା

ଦୁବାଇ, ୧୪।୨ (ଏଜେନ୍ସି): ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି। ୨୦୧୭ରେ ଶେଷଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହୋଇଥିଲା ଓ ପୁରସ୍କାର ରାଶି ୨୮.୮୮ କୋଟି ଅର୍ଥାତ୍ ପାଖାପାଖି ୨୯ କୋଟି ଟଙ୍କା ଥିଲା। ଏଥର ଏହା ଦୁଇଗୁଣାରୁ ଅଧିକ ଅର୍ଥାତ ୬୦ କୋଟି ଟଙ୍କାରେ ପହଞ୍ଚିଛି। ମୋଟ ଉପରେ ପୁରସ୍କାର ରାଶିରେ ୫୩ ପ୍ରତିଶତ ବୃଦ୍ଧି ହୋଇଛି। ଏଥର ଚାମ୍ପିଅନ ଦଳକୁ ୧୯.୪୬ କୋଟି ଟଙ୍କା ପ୍ରଦାନ କରାଯିବ। ସେହିପରି ଉପବିଜେତା ଦଳକୁ ୯.୭୩ କୋଟି, ସେମିଫାଇନାଲରେ ପରାସ୍ତ ହୋଇଥିବା ଦୁଇ ଦଳକୁ ୪.୮୬ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ। ୫ମ ଓ ୬ଷ୍ଠ ସ୍ଥାନରେ ରହିବାକୁ ଥିବା ଦଳକୁ ୩.୦୪ କୋଟି ଟଙ୍କା ଲେଖାଏ, ୭ମ ଓ ୮ମ ସ୍ଥାନ ଦଳରେ ରହିବାକୁ ଥିବା ଦଳଗୁଡିକୁ ୧.୨୧ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ। ଗ୍ରୁପ ପର୍ଯ୍ୟାୟରେ ପ୍ରତ୍ୟେକ ବିଜୟ ପାଇଁ ୨୯.୫ ଲକ୍ଷ ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବାରୁ ସବୁ ଦଳକୁ ପାର୍ଟିସିପସନ ବାବଦରେ ୧.୦୮ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ।

| ଦଳ | ପୁରସ୍କାର ରାଶି |
|---|---|
| ଚାମ୍ପିଅନ | ୧୯.୪୬ କୋଟି |
| ରନର୍ସଅପ୍ | ୯.୭୩ କୋଟି |
| ସେମିରେ ହାରିଥିବା | ୪.୮୬ କୋଟି |
| ୫ମ ଓ ୬ଷ୍ଠ ସ୍ଥାନ | ୩.୦୪ କୋଟି |
| ୭ମ ଓ ୮ମ ସ୍ଥାନ | ୧.୨୧ କୋଟି |
| ପ୍ରତ୍ୟେକ ଗ୍ରୁପ୍ ବିଜୟ | ୨୯.୫ ଲକ୍ଷ |
| ଅଂଶଗ୍ରହଣ ପାଇଁ | ୧.୦୮ କୋଟି |

## ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କାର ସିରିଜ୍ ସୁଇପ୍

କଲମ୍ବୋ,୧୪।୨(ଏଜେନ୍ସି): ଅଷ୍ଟ୍ରେଲିଆକୁ ୧୭୪ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ତଥା ଶେଷ ଦିନିକିଆରେ ଶ୍ରୀଲଙ୍କା ବିଜୟୀ ହୋଇଛି। ଏହା ଫଳରେ ପ୍ରଥମ ଦିନିକିଆକୁ ୪୯ ରନ୍‌ରେ ଜିତିଥିବା ଶ୍ରୀଲଙ୍କା ୨ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୦ରେ ଜିତିନେଇଛି। ମ୍ୟାଚ୍‌ରେ ଶତକ ସହ ୧୦୧ ରନ୍ କରିଥିବା ଶ୍ରୀଲଙ୍କାର କୁଶାଲ ମେଣ୍ଡିସଙ୍କୁ ମ୍ୟାଚର ଓ ପ୍ରଥମ ଦିନିକିଆରେ ୧୨୭ ଓ ଦ୍ୱିତୀୟ ମ୍ୟାଚ୍‌ରେ ୭୮* ରନ୍ କରିଥିବା ଅଧିନାୟକ ଚାରିତ ଆଶାଲଙ୍କାଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ପାକିସ୍ତାନକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିଅନ

କରାଚି,୧୪।୨(ଏଜେନ୍ସି): ପାକିସ୍ତାନକୁ ହରାଇ ନ୍ୟୁଜିଲାଣ୍ଡ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରେ ଚାମ୍ପିଅନ ହୋଇଛି। ଏଠାରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ନ୍ୟୁଜିଲାଣ୍ଡ ୨୮ ବଲ ବାକିଥାଇ ୫ ୱିକେଟରେ ପାକସ୍ତାନକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ତୃତୀୟ ଦଳ ଭାବେ ଦକ୍ଷିଣ ଆଫ୍ରିକା ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲା। ଫଳରେ ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ନ୍ୟୁଜିଲାଣ୍ଡ ତା'ର ପସ୍ତୁତି ଜୋରଦାର କରିଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୯.୩ ଓଭରରେ ୨୪୨ ରନ କରିଥିଲା। ଜବାବ୍‌ରେ ନ୍ୟୁଜିଲାଣ୍ଡ ୪୫.୨ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ନ୍ୟୁଜିଲାଣ୍ଡ ତରଫରୁ ଡାରିଲ ମିଚେଲ ୫୭, ଟମ୍ ଲାଥମ ୫୬, ଡେଭନ କନୱେ ୪୮, କେନ୍ ୱିଲିୟମସନ ୩୪ ରନ କରି ଆଉଟ ହୋଇଥିଲେ। ଦଳ ପକ୍ଷରୁ ବୋଲିଂରେ ୱିଲ ଓ'ରର୍କ ସର୍ବାଧିକ ୪, ମାଇକେଲ ବ୍ରାସୱେଲ ଓ ମିଚେଲ ସାଣ୍ଟନର ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

## ଆଇଏସ୍ଏଲ୍; ଓଡ଼ିଶା ଏଫ୍‌ସିର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ

ଭୁବନେଶ୍ୱର,୧୪।୨(ସମିସ): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ୧୧ତମ ସଂସ୍କରଣର କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୩-୧ ଗୋଲରେ ହାଇଦରାବାଦ୍ ଏଫ୍‌ସିକୁ ପରାସ୍ତ କରି ତା'ର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିଛି। ୨୧ ମ୍ୟାଚ୍ ଖେଳି ଓଡ଼ିଶା ୭ ବିଜୟ, ୮ ଡ୍ର ଓ ୬ ପରାଜୟ ସହ ୨୯ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ପ୍ଲେ-ଅଫ୍‌ରେ ସ୍ଥାନ ପାଇବାକୁ ହେଲେ ଓଡ଼ିଶାକୁ ବାକି ୩ଟି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ।

## ୩୮ତମ ଜାତୀୟ କ୍ରୀଡ଼ା ଉଦ୍‌ଯାପିତ: ଓଡ଼ିଶାକୁ ୧୪ ସ୍ୱର୍ଣ୍ଣ ସହ ୪୬ ପଦକ

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଉତ୍ତରାଖଣ୍ଡରେ ଜାତୀୟ କ୍ରୀଡ଼ାର ୩୮ତମ ସଂସ୍କରଣ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମୁଖ୍ୟ ଅତିଥି ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଆୟୋଜନକୁ ପ୍ରଶଂସା କରିଥିଲେ। ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ୬୭ ସ୍ୱର୍ଣ୍ଣ, ୨୬ ରୌପ୍ୟ ଓ ୨୭ କାଂସ୍ୟ ସହ ମୋଟ୍ ୧୨୦ ପଦକ ପାଇଁ ପଦକ ତାଲିକାର ଶୀର୍ଷରେ ରହିଛି। ମହାରାଷ୍ଟ୍ର ୫୩ ସ୍ୱର୍ଣ୍ଣ, ୭୦ ରୌପ୍ୟ, ୭୨ କାଂସ୍ୟ ସହ ୧୯୨ ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

**ଦ୍ୱାଦଶ ସ୍ଥାନରେ ଓଡ଼ିଶା:** ଓଡ଼ିଶା ଗତ ସଂସ୍କରଣ ତୁଳନାରେ ଏଥର ଅଧିକ ୪ଟି ସ୍ୱର୍ଣ୍ଣ ପଦକ ପାଇ ତାଲିକାର ଉପରକୁ ଉଠିଛି। ଏଥର ଓଡ଼ିଶା ୧୨ଟି କମ୍ ପଦକ ପାଇଛି। ଏଥର ଓଡ଼ିଶା ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ କାଂସ୍ୟ ସହ ମୋଟ୍ ୪୬ ପଦକ ପାଇ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି। କିନ୍ତୁ ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ଓଡ଼ିଶା ୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୩୦ କାଂସ୍ୟ ସହ ମୋଟ୍ ୫୮ ପଦକ ହାସଲ କରି ୧୬ତମ ସ୍ଥାନରେ ରହିଥିଲା। ଏଥର ଓଡ଼ିଶା ଜିମ୍ନାଷ୍ଟିକ୍ସରେ ୩ ସ୍ୱର୍ଣ୍ଣ ସହ ୭, ସାଇକ୍ଲିଂ ଓ କାନୋଇଂ ଓ କୟାକିଂରେ ୬ ଲେଖାଏ, ଆଥଲେଟିକ୍ସ ଓ ଜଳକ୍ରୀଡ଼ାରେ ୫ ଲେଖାଏ ପଦକ ପାଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS